ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୬/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 26/ 2019 (Career & Appointment) | ★★★★
୪୫ଶ ଭାଗ ୬୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



**ଫାଇନାଲରେ ଜୋକୋଭିଚ୍**

ସର୍ବିୟାର ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୯

୧୪

**‘ପିଏମ୍ ନରେନ୍ଦ୍ର ମୋଦି’ରେ ବୋମାନ ଇରାନୀ**

ବିଶିଷ୍ଟ ଅଭିନେତା ବୋମାନ ଇରାନୀ ଆଗାମୀ ବାୟୋପିକ୍ ‘ପିଏମ୍ ନରେନ୍ଦ୍ର ମୋଦି’ରେ ବିବେକ ଓବେରୟଙ୍କ ସହ ଅଭିନୟ କରିବେ।



# ପ୍ରଣବ, ନାନାଜୀ ଓ ଭୂପେନ୍‌ଙ୍କୁ ଭାରତରତ୍ନ



ପ୍ରଣବ ମୁଖାର୍ଜୀ ନାନାଜୀ ଦେଶମୁଖ୍ ଭୂପେନ୍ ହଜାରିକା

ନୂଆଦିଲ୍ଲୀ,୨୫।୧

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯିବ। ଏହା ବ୍ୟତୀତ ଭାରତୀୟ ଜନସଂଘ ନେତା ତଥା ସାମାଜିକ କର୍ମୀ ନାନାଜୀ ଦେଶମୁଖ୍ ଏବଂ ବିଶିଷ୍ଟ ଗାୟକ ଭୂପେନ୍ ହଜାରିକାଙ୍କୁ ମରଣୋତ୍ତର ଭାବେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ ଲାଗି ମନୋନୀତ କରାଯାଇଛି।

୨୦୧୨ରୁ ୨୦୧୭ ଭାରତର ରାଷ୍ଟ୍ରପତି ଥିବା ପ୍ରଣବ ଜଣେ ରାଷ୍ଟ୍ରନେତା ଭାବେ ଜଣାଶୁଣା। ସେ ନିଃସ୍ୱାର୍ଥପର ତଥା ଅବିଶ୍ରାନ୍ତ ଭାବେ ବହୁ ଦଶନ୍ଧି ଧରି ଦେଶର ସେବା କରିଆସିଛନ୍ତି। ଦେଶର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ☞ପୃଷ୍ଠା-୧୫

**ପଦ୍ମଶ୍ରୀ ପୁରସ୍କାର**

- ଓଡ଼ିଶାରୁ ଦୈତାରୀ ନାୟକ, ଡି.ପ୍ରକାଶ ରାଓ ଓ କମଳା ପୂଜାରୀ
- ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟା ମଧ୍ୟ ପାଇବେ

ପୃଷ୍ଠା-୩

# ‘ଚୌକିଦାରଙ୍କ ହାତରେ ନବୀନ ରିମୋଟ୍’

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ସରକାରଙ୍କ ଚିନ୍ତାଧାରା ସମାନ। ଦେଶର ଚୌକିଦାର ନିଜେ ଚୋର। ଓଡ଼ିଶାରେ ମଧ୍ୟ ବହୁ ଚୋରି ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ମନ୍ତ୍ରୀମାନେ ଚିଟ୍‌ଫଣ୍ଡ ସ୍କାମ କରିଛନ୍ତି, ସେଥିପାଇଁ ଓଡ଼ିଶାର ରିମୋଟ୍ ଦିଲ୍ଲୀର ଜଣେ ଭ୍ରଷ୍ଟ ଚୌକିଦାରଙ୍କ ହାତରେ ରହିଛି। ଯେତେବେଳେ ଚୌକିଦାର ରିମୋଟ୍ ଦବାନ୍ତି ସେତେବେଳେ ନବୀନ ପଟ୍ଟନାୟକ ଉଠନ୍ତି, ବସନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଟାକ୍ଷ କରି କହିଛନ୍ତି। ଶୁକ୍ରବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ତମାଣ୍ଡୋ ମିନି ଷ୍ଟାଡିୟମରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେଇ ରାହୁଲ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଉପରେ ଏଭଳି ବର୍ଷିଛନ୍ତି। ରାହୁଲ କହିଛନ୍ତି ଯେ, ପାର୍ଲାମେଣ୍ଟରେ କୌଣସି ବିଲ୍ ପାସ୍ କରିବାକୁ ହେଲେ ଚୌକିଦାର ରିମୋଟ ବଟନ ଦବାନ୍ତି ଆଉ ନବୀନ ପଟ୍ଟନାୟକ ସମର୍ଥନ ଦିଅନ୍ତି। ଓଡ଼ିଶାକୁ ନାଗପୁର ଓ ଦିଲ୍ଲୀରୁ ଚଳାଯାଉଛି। ଭ୍ରଷ୍ଟାଚାର କାରଣରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦବାଇ ରଖିଛନ୍ତି ବୋଲି ସେ କହିଛନ୍ତି।

ରାହୁଲ ‘ଜୟ ଜଗନ୍ନାଥ’ରୁ ନିଜ ଭାଷଣ ଆରମ୍ଭ କରି କହିଥିଲେ ଯେ, କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ୧୫ରୁ ୨୦ଜଣ ଶିଳ୍ପପତିଙ୍କ ହାତରେ ସବୁ ଧନ ଧରାଇ ଦେଇଛନ୍ତି। ସେମାନଙ୍କ ଜରିଆରେ ଉଭୟ ସରକାର ନିଜର ମାର୍କେଟିଂ କରୁଛନ୍ତି। ଅମଲାତନ୍ତ୍ର ଏବଂ ଅଫିସର୍‌ମାନଙ୍କ ଜରିଆରେ ଦେଶ ଏବଂ ଓଡ଼ିଶାରେ ଶାସନ ଚାଲିଛି, ଯାହା ଲାଭ ବାହାରୁଛି ଏମାନେ ନିଜ ସଙ୍ଗଠନ ଲୋକ, କାର୍ଯ୍ୟକର୍ତ୍ତା ଏବଂ ଶିଳ୍ପପତିମାନଙ୍କୁ ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଭାରତବର୍ଷରେ ଯେଉଁଠି ଦେଖିଲେ ଭାଜପା ଓ ଆର୍‌ଏସ୍‌ଏସ୍ ଘୃଣା ମନୋଭାବ ସୃଷ୍ଟି କରୁଛନ୍ତି। ହିନ୍ଦୁମାନଙ୍କୁ ମୁସଲମାନଙ୍କ ସହ ଲଢାଉଛନ୍ତି। ଓଡ଼ିଶା ହଜାର ବର୍ଷରୁ ଦେଶକୁ ରାସ୍ତା ଦେଖାଉଛି। ଏହା ଆପଣମାନଙ୍କ ଇତିହାସ। ରାଜା ଅଶୋକଙ୍କୁ ଅହିଂସା ରାସ୍ତାରେ ଓଡ଼ିଶାବାସୀ ନେଇଥିଲେ। ଶାନ୍ତି, ଭାଇଚାରାର ପରମ୍ପରା ଏଠି ଆରମ୍ଭ ହୋଇଥିଲା। ଭଲପାଇବାର କଥା ମଧ୍ୟ ଆପଣମାନେ ଶିଖାଇଥିଲେ। ଏହା ଆପଣମାନଙ୍କ ରକ୍ତରେ ଅଛି। ଓଡ଼ିଶାବାସୀ କଥା ହେବା ସମୟରେ ବହୁ ସମ୍ମାନର ସହିତ କଥା ହୁଅନ୍ତି। ଏଠିକା ଲୋକଙ୍କ ପାଖରେ ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ଅଭାବ ନାହିଁ। ଓଡ଼ିଶା ଗରିବ ରାଜ୍ୟ ନୁହେଁ ମାତ୍ର ଏଠିକା ଲୋକ ଗରିବ। କାରଣ ଏଠାରୁ ଜମି, ଜଳ, ବିଜୁଳି, ପ୍ରାକୃତିକ ସମ୍ପଦ ଛଡାଇ ନିଆଯାଇ କେତେଜଣ ଶିଳ୍ପପତିଙ୍କ ହାତରେ ଧରାଇ ଦିଆଯାଇଛି। ଚାଷୀ ସକାଳ ୪ଟାରୁ ଉଠି ନିଜ ପରିବାର ସହ କାମ କରିଥାଏ। ହେଲେ ନବୀନ ପଟ୍ଟନାୟକଙ୍କ ସରକାର କେତେ ଜଳସେଚନ ପ୍ରକଳ୍ପ ଓଡ଼ିଶାରେ କରିଛନ୍ତି କୁହନ୍ତୁ। ଚାଷୀ କ’ଣ ବିନା ପାଣିରେ ଏବଂ ନିଜ ଶସ୍ୟର ଉପଯୁକ୍ତ ମୂଲ୍ୟ ବିନା କାମ କରିପାରିବ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ମୋଦି ଯେଉଁଠାକୁ ଗଲେ ଚାଷୀଙ୍କ ପାଇଁ କାମ କରିବି ବୋଲି କହୁଛନ୍ତି। ☞ପୃଷ୍ଠା-୧୫

**ରାହୁଲଙ୍କ ପ୍ରତିଶ୍ରୁତି**

- ଓଡ଼ିଶାରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧ୍ୟରେ ଚାଷୀଙ୍କ ଋଣ ଛାଡ଼



ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ
ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ ।

SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com

# କାଳିଆ ଯୋଜନା | ଚାଷୀଙ୍କୁ ମିଳିଲା ଟଙ୍କା



ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ପୁରୀ ଅଫିସ,୨୫।୧

ଚାଷୀ ଭାଇମାନେ ସାରା ରାଜ୍ୟକୁ ଅନ୍ନ ଯୋଗାଉଛନ୍ତି। ସେମାନେ ଯୋଗାଉଥିବା ଚାଉଳ ଏବଂ ପନିପରିବାରେ ମହାପ୍ରସାଦ ପ୍ରସ୍ତୁତ ହେଉଛି। ଚାଷୀ ଭାଇମାନେ ଏପରି ଏକ ମହାନ୍ ଏବଂ ପବିତ୍ର କାମ କରୁଛନ୍ତି। ଏଣୁ ଏହି ଯୋଜନାର ନାଁ ମୁଁ କାଳିଆ ଦେଇଛି। କାଳିଆ ଯୋଜନା ସାରା ଦେଶକୁ ବାଟ ଦେଖାଇବ । ପୁରୀଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମହାପ୍ରଭୁଙ୍କ ପୁଣ୍ୟଭୂମି ଶ୍ରୀକ୍ଷେତ୍ରରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଟଙ୍କା ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ମାଳତିପାଟପୁର ନିକଟ ରାହାଙ୍ଗିରିଆଠାରେ ଆୟୋଜିତ ଚାଷୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ମନୋନୀତ ୧୨.୪୫ ଲକ୍ଷ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଇ-ବ୍ୟାଙ୍କିଙ୍ଗ୍ ଜରିଆରେ ନଗଦ ୫ହଜାର ଟଙ୍କା ଲେଖାଏ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆକାଉଣ୍ଟକୁ ୬୬୨ କୋଟି ଟଙ୍କା ଆକାଉଣ୍ଟକୁ ପଠାଯାଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଖରିଫ ଫସଲ ପାଇଁ ଏବଂ ନୂଆଖାଇରେ ରବି ଫସଲ ଲାଗି ସହାୟତା ରାଶି ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କାଳିଆ ଯାତ୍ରା ଆରମ୍ଭ କରିଛି। ☞ପୃଷ୍ଠା-୧୫

**ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

- ଓଡ଼ିଶା ଅର୍ଥନୀତି ବିକାଶରେ ହେବ ମାଇଲଖୁଣ୍ଟ
- ଚାଷୀଙ୍କ ଚାଉଳ, ପନିପରିବାରେ ପ୍ରସ୍ତୁତ ହେଉଛି ମହାପ୍ରସାଦ
- ଅକ୍ଷୟ ତୃତୀୟାରେ ୫ ହଜାର, ନୂଆଖାଇରେ ୫ ହଜାର
- ମଞ୍ଚରେ ବସିଲେ ଚାଷୀ
- ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆକାଉଣ୍ଟକୁ ଗଲା ୬୬୨ କୋଟି

**ଆଜିର ସମ୍ପାଦକୀୟ**

ସିଆଇସି ଚୟନ

**ଆଜିର ମନ୍ତବ୍ୟ**

“ ରାଜନୀତିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପ୍ରବେଶ ଆସନ୍ତା ଲୋକସଭା ନିର୍ବାଚନରେ କୌଣସି ପ୍ରଭାବ ପକାଇବ ନାହିଁ।

-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣ ୮% ବୃଦ୍ଧି ଘଟି ୩୮୯.୬୩ ନିୟୁତ ଟନ୍ ଛୁଇଁଛି।

– କୋଇଲା ମନ୍ତ୍ରଣାଳୟ

- ଡଙ୍କାରୀ ପାହାଡ଼ରେ ବେଆଇନ ଖନନ

# ରାଜ୍ୟ ସରକାରଙ୍କୁ ଦାୟୀ କଲା ଏନ୍‌ଜିଟି

ଯାଜପୁର ଅଫିସ,୨୫।୧

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାର ଦାୟୀ। ତେଣୁ ରାଜ୍ୟ ସରକାର ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ଭାବେ ୨୫କୋଟି ଟଙ୍କା ଜମା କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛି। ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୪ ତାରିଖ ଶୁଣାଣିରେ ଏହି ରାୟ ପ୍ରକାଶ କରିଛନ୍ତି । ତେବେ ଏହି ରାୟ ପ୍ରକାଶ ପାଇବାରେ ବିଳମ୍ବ ହୋଇଥିବାରୁ ଆବେଦନକାରୀ ସର୍ବେଶ୍ୱର ବେହୁରା କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ସଂଶୟ ପ୍ରକାଶ କରିଛନ୍ତି।

ଏନ୍‌ଜିଟି ରାୟରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଯାଇଛି। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟିକୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ☞ପୃଷ୍ଠା-୧୫

- ମାସକ ମଧ୍ୟରେ ୨୫କୋଟି କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ
- ସମ୍ପୃକ୍ତ ଅଧିକାରୀ, ଖାଦାନ ମାଲିକଙ୍କଠାରୁ ଆଦାୟ କର

ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୧୯ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-255

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0558/1819



୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାର୍ତ୍ତା

ମହତ୍ତ୍ୱପୂର୍ଣ୍ଣ ୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନପୂର୍ବକ ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଅଗ୍ରଗଣ୍ୟ ରାଜ୍ୟ ଭାବରେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ନମ୍ର ନିବେଦନ ଜଣାଉଛି।

(ପ୍ରତାପ ଜେନା)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ


"M.B"
Great Eastern™
The Trusted One
2009 TO 2019
#10 YEAR CHALLENGE
Post your 2009 electronics picture with your current 2019 Great Eastern invoice to get uoto 100% CASH BACK!
Great Eastern
Cost to Cost
Offer
Last 2 DAYS
BE A HERO
BUY AT ZERO
For the first time ever, 26 Lucky Customers get their product at ZERO PRICE* only for Today
FLAT EMI OF 2626*
26* MONTHS EMI
26% CASH BACK ON 1ST EMI*
BAJAJ FINSERV
EMI STARTS FROM MARCH 2019
100% SPOT EMI APPROVAL IN 60 SECONDS
The Ultimate Price
CHALLENGE*
LED TV
SAMSUNG SONY LG Panasonic Haier
Cost Price Starts @ ₹ 8990 EMI ₹749
AIR CONDITIONER
SAMSUNG LG HITACHI DAIKIN Panasonic
Haier Godrej GENERAL Carrier Whirlpool
Cost Price Starts @ ₹ 30900 EMI ₹2575
REFRIGERATOR
SAMSUNG Whirlpool LG Haier Godrej Panasonic HITACHI BOSCH
Cost Price Starts @ ₹ 4590 EMI ₹383
WASHING MACHINE
LG SAMSUNG Godrej Panasonic BOSCH Haier Whirlpool
Cost Price Starts @ ₹ 9545 EMI ₹795
MICROWAVE
LG SAMSUNG Haier Panasonic Whirlpool BAJAJ
Cost Price Starts @ ₹ 4990 EMI ₹416
WATER HEATER
HAVELLS Haier BAJAJ USHA Racold
Cost Price Starts @ ₹ 5452 EMI ₹454
WATER PURIFIER
LG KENT Panasonic Whirlpool Livpure Aquaguard
Cost Price Starts @ ₹ 9990 EMI ₹833
DSLR CAMERA
Nikon
Cost Price Starts @ ₹ 30500 EMI ₹2540
*Terms & conditions - Pictures are indicative. Offer applicable on selected models and brands. U / E & * is under exchange offer only. Offer valid till stocks last. 24* is 24 working hours, within 5 km of the store subject to stock availability under normal circumstances. Offer is not applicable on Sony & Samsung
**Our Cost to Cost offer is a genuine opportunity to buy at our cost price (i.e. much lower than prevailing competition prices). Get us a lower price, and we will give you double the difference back.
Free home delivery within 100 Kms*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
EASTERN INDIA'S LARGEST ELECTRONICS RETAIL CHAIN
57 STORES ACROSS INDIA
crm@geapl.in
www.greateastern.co.in
GreatEasternRetail 9438590298
HELPLINE 033 4037 2000
95% Assured FREE HOME DELIVERY Within 24 HOURS*
ଭୁବନେଶ୍ୱର ବାପୁଜୀନଗର ବଜାର କଲକାତା ନିକଟ ୬୨୯୧୯୦୫୧୭୫ । ପଟିଆ ବିଗ୍ ବଜାର ନିକଟ ୬୨୯ ୧୯୦ ୫୧୭୦
କଟକ ବାଦାମବାଡ଼ି ପାଲାମଣ୍ଡ ପ ସାମନା ୬୨୯ ୧୯୦ ୫୧୭୨ ସିଡିଏ ସେକ୍ଟର ୬ ୬୨୯ ୧୯୦ ୫୧୭୩ ବାଲେଶ୍ୱର ବିବେକାନନ୍ଦ ମାର୍ଗ, ସିଟି ଲାଇଫ୍ ପାର୍ଶ୍ୱ ୬୨୯ ୧୯୦ ୫୧୭୪
ବ୍ରହ୍ମପୁର ବଡ଼ବଜାର ଗଣେଷ ମାର୍କେଟ ସାମନା ୬୨୯ ୧୯୦ ୫୧୭୧ । ରାଉରକେଲା ବିଶ୍ରା ରୋଡ଼ ହୋଟେଲ ବୃନ୍ଦାବନ ସାମନା ୬୨୯ ୧୯୦ ୫୧୭୬ ଯାଜପୁର କମଳ ଭବନ ଚୋରଡା ବାଇପାସ୍, ଯାଜପୁର ରୋଡ଼ ୬୨୯ ୧୯୦ ୫୧୭୭
ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH

## ■ ପଦ୍ମ ପୁରସ୍କାର ଘୋଷଣା

# ଓଡ଼ିଶାରୁ ଦୈତାରି, ପ୍ରକାଶ ଓ କମଳାଙ୍କୁ ପଦ୍ମଶ୍ରୀ


ଦୈତାରି ନାୟକ


ଡି. ପ୍ରକାଶ ରାଓ


କମଳା ପୂଜାରୀ

**ନୂଆଦିଲ୍ଲୀ,୨୫।୧(ପି.ଟି)**

କେନ୍ଦ୍ର ସରକାର ଶୁକ୍ରବାର ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୪ ଜଣଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମ ବିଭୂଷଣ ନିମନ୍ତେ ମନୋନୀତ କରାଯାଇଥିବାବେଳେ ୧୪ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୯୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଲାଗି ଚୟନ କରାଯାଇଛି। ସମାଜସେବା ଏବଂ କୃଷି କ୍ଷେତ୍ରକୁ ଅବଦାନ ଲାଗି ଓଡିଶାରୁ ୩ ଜଣ ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସମାଜସେବୀ ଦୈତାରୀ ନାୟକ, ଡି. ପ୍ରକାଶ ରାଓ ଏବଂ କମଳା ପୂଜାରୀ। ପ୍ରବାସୀ ଭାରତୀୟ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସୁକନ୍ୟା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ପାଇବେ। ମାର୍ଚ୍ଚ-ଏପ୍ରିଲରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମ ସମ୍ମାନ ପ୍ରଦାନ କରିବେ। ଏଥର ମୋଟ ୧୧୨ ଜଣ ପଦ୍ମ ପୁରସ୍କାର ପାଇବାକୁ ଥିବା ସେମାନଙ୍କ ମଧ୍ୟରେ ୨୧ ଜଣ ମହିଳା, ୧୧ ଜଣ ବିଦେଶୀ ତଥା ପ୍ରବାସୀ ଭାରତୀୟ ଏବଂ ଜଣେ କିନ୍ନର ରହିଛନ୍ତି। ୩ ଜଣଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ। ଲୋକ କଳାକାର ତୀଜନ ବାଇ, ଜିବୁଟି ରାଷ୍ଟ୍ରପତି ଇସମେଲ୍ ଓମାର ଗୁଲେ, ଅନିଲ କୁମାର ମଣିଭାଇ ନାୟକ ଏବଂ ମଞ୍ଚ ଅଭିନେତା ବଲୱନ୍ତ ମୋରେଶୱାର ପୁରନ୍ଦରେଙ୍କୁ ପଦ୍ମ ବିଭୂଷଣରେ ସମ୍ମାନିତ କରାଯିବ। ସେହିପରି ପୂର୍ବତନ ସିଏଜି ଭି.କେ. ଶୁଙ୍ଗଲୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାରିୟା ମୁଣ୍ଡା, ଅକାଳୀ ନେତା ଏସ.ଏସ୍. ଧିଣ୍ଡସାଙ୍କୁ ପଦ୍ମଭୂଷଣ ପାଇଁ ମନୋନୀତ କରାଯାଇଛି। ଖବରଦାତା ସ୍ୱର୍ଗତ କୁଲଦୀପ ନାୟର, ଅଭିନେତା କାଦର ଖାନ୍ ଏବଂ କ୍ରିକେଟର ଗୌତମ ଗମ୍ଭୀର ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

# ଝାରସୁଗୁଡ଼ାରୁ ଦେଶର ୬ ସହରକୁ ଉଡ଼ିବ ବିମାନ

## ଭୁବନେଶ୍ୱର, ମୁମ୍ବାଇ, କୋଲକାତା, ହାଇଦ୍ରାବାଦ, ଦିଲ୍ଲୀ ଓ ରାୟପୁରକୁ ମିଳିବ ସେବା

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ନିକଟ ଭବିଷ୍ୟତରେ ଝାରସୁଗୁଡ଼ାରୁ ଦେଶର ୬ ସହରକୁ ବିମାନ ସେବା ଆରମ୍ଭ ହେବ। କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ତୃତୀୟ ପର୍ଯ୍ୟାୟ ଉଡାନ୍ ଯୋଜନାରେ ଝାରସୁଗୁଡ଼ାରୁ ମୁମ୍ବାଇ, ଭୁବନେଶ୍ୱର, କୋଲକାତା, ହାଇଦ୍ରାବାଦ, ଦିଲ୍ଲୀ ଏବଂ ରାୟପୁରକୁ ବିମାନ ଉଡ଼ିବ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ତୃତୀୟ ପର୍ଯ୍ୟାୟ ଉଡାନ ଯୋଜନାରେ ମୋଟ ୨୩୫ଟି ରୁଟ୍ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏସବୁ ରୁଟ ପାଇଁ ଲାଇସେନ୍ସ ପାଇଥିବା ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ହେଲେ ସ୍ପାଇସ୍‌ଜେଟ, ଇଣ୍ଡିଗୋ, ଜେଟ ଏୟାରୱେଜ, ଏୟାର ଇଣ୍ଡିଆର ଶାଖା କମ୍ପାନୀ ଆଲାଏନ୍ସ ଏୟାର ଏବଂ ଟର୍ବୋ ଆଭିଏଶନ। ଉଭୟ ଆଲାଏନ୍ସ ଏୟାର ଏବଂ ଟର୍ବୋ ଆଭିଏଶନ ଝାରସୁଗୁଡାରୁ ଭୁବନେଶ୍ୱର ବିମାନ ସେବା ପ୍ରଦାନ କରିବେ। ଝାରସୁଗୁଡ଼ାରୁ ହାଇଦ୍ରାବାଦକୁ ସ୍ପାଇସଜେଟ୍ ବିମାନ ସେବା ପ୍ରଦାନ କରିବାକୁ ଥିବାବେଳେ ମୁମ୍ବାଇକୁ ଜେଟ୍ ଏୟାରୱେଜ୍, ଦିଲ୍ଲୀକୁ ସ୍ପାଇସଜେଟ୍, ରାୟପୁରକୁ ଆଲାଏନ୍ସ ଏୟାର ଓ ଟର୍ବୋ ଆଭିଏଶନ ସେବା ଯୋଗାଇବ। ଝାରସୁଗୁଡାରୁ ଦେଶର ୬ ପ୍ରମୁଖ ସହରକୁ ବିମାନ ସେବା ଆରମ୍ଭ ହେବା ଦ୍ୱାରା ଝାରସୁଗୁଡ଼ା ପ୍ରମୁଖ ରାଷ୍ଟ୍ରୀୟ ସହର ଭାବେ ପରିଗଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଋଣବୋଝ ସହି ନପାରି ମତ୍ସ୍ୟଜୀବୀଙ୍କ ଆତ୍ମହତ୍ୟା

**ମହାକାଳପଡ଼ା, ୨୫।୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ଖରିନାସୀ ଗ୍ରାମର ମତ୍ସ୍ୟଜୀବୀ ଉତ୍ତମ ରାୟ(୫୫) ଗୁରୁବାର ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଆର୍ଥିକ ଦୁରବସ୍ଥା ଓ ଘରୋଇ ଋଣ ବୋଝ ସହି ନ ପାରି ସେ ଆତ୍ମହତ୍ୟା କରିଥିବା ପରିବାର ସୂତ୍ରରୁ ପ୍ରକାଶ । ଉତ୍ତମଙ୍କ ଝିଅ ପିଙ୍କି କହିଛନ୍ତି, ଉତ୍ତମ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରିଥିବା ବେଳେ ଏହାକୁ ଶୁଝି ନ ପାରିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଥିବା ପିଙ୍କି କହିଛନ୍ତି। ଖବରପାଇ ଜମ୍ବୁ ଫାଣ୍ଡି ଅଧିକାରୀ କୈଳାସଚନ୍ଦ୍ର ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ୩/୧୯ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜାନୁୟାରୀ ୨୬ ,୨୭ ସଚିବାଳୟ ଉଦ୍ୟାନ ଜନସାଧାରଣଙ୍କ ପାଇଁ ଖୋଲା ରହିବ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ସାଧାରଣତନ୍ତ୍ର ଦିବସ ଜାନୁୟାରୀ ୨୬ ଓ ୨୭ ତାରିଖ ଦୁଇଦିନ ସଚିବାଳୟ ଉଦ୍ୟାନ ଖୋଲା ରହିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ଏହା ଖୋଲା ରହିବ। ଜନସାଧାରଣ ଏହି ଦୁଇଦିନ ସଚିବାଳୟ ଉଦ୍ୟାନ ପରିଦର୍ଶନ କରି ପାରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

NECC NATIONAL EGG CO-ORDINATION COMMITTEE 25.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 79 | 131 | 141 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 79 | 131 | 141 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers












# ହାତ ଧରିଲେ ପଞ୍ଚାନନ, ଅନିଲ ଓ ଜେ.ସି ମହାନ୍ତି

■ ଚାଷୀଙ୍କ କଥା ବୁଝେ କାଳିଆ ନୁହେଁ ବଳିଆ: ନିରଞ୍ଜନ

■ ଦଳ ଛାଡ଼ିଥିବା ନେତାଙ୍କୁ ଦେବେନ୍ଦ୍ର ଶର୍ମାଙ୍କ ସମାଲୋଚନା

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଶୁକ୍ରବାର ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେବା ଲାଗି ଦିନିକିଆ ଓଡ଼ିଶା ଗସ୍ତରେ ଆସି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦିଲ୍ଲୀ ଫେରିଯାଇଛନ୍ତି। ପୂର୍ବାହ୍ନ ୧୦ଟା ୫୦ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ପିସିସି ପକ୍ଷରୁ ରାହୁଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାହୁଲ ସିଧାସଳଖ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବାକୁ ବାହାରିଥିଲେ। ଏହି ସମୟରେ ବିମାନବନ୍ଦରଠାରେ ଜଣେ ଫଟୋ ଖବରଦାତା ଝୁଣ୍ଟି ପଡିଯାଇଥିଲେ। ଏହି ସମୟରେ ରାହୁଲ ଦୌଡି ଆସି ତାଙ୍କୁ ଉଠାଇଥିଲେ। ଏହାପରେ ରାହୁଲ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିଲେ। ସେଠାରେ କାର୍ଯ୍ୟକ୍ରମ ସାରି ରାହୁଲ ଅପରାହ୍ନ ୨ଟା ସମୟରେ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, ମାତ୍ର ସେ ପାଖାପାଖି ଦୁଇଘଣ୍ଟା ବିଳମ୍ବରେ ଅର୍ଥାତ୍ ୩ଟା ୫୧ରେ ଆସି ସେଠାରେ ପହଞ୍ଚିଥିଲେ। ସଭା ସ୍ଥଳରେ ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ରାହୁଲଙ୍କୁ ପୁଷ୍ପମାଳ ଦେଇ ସ୍ୱାଗତ କରିଥିବା ବେଳେ ବରିଷ୍ଠ ନେତା ସୁରେଶ ରାଉତରାୟ ଏକ ମୁକୁଟ ପିନ୍ଧାଇଥିଲେ। ଏହାସହ ଅନ୍ୟ ନେତାମାନେ କିଛି ଉପହାର ସ୍ୱରୂପ ରାହୁଲଙ୍କୁ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ରାଜସ୍ଥାନର ପୂର୍ବତନ ମୁଖ୍ୟ ଶାସନ ସଚିବ ଜେ.ସି. ମହାନ୍ତି ଏବଂ ଜୁନାଗଡ ଆସନରୁ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଅନିଲ ସିଂ ଦେଓ ରାହୁଲଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାହୁଲ ଏହି ତିନି ନେତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କହିଥିଲେ ଯେ, ଓଡିଶାର ୬୫ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ରାଜ୍ୟ ସରକାର ପିଠା, କାଳିଆ ଭଳି ବହୁ ଯୋଜନା କରୁଛନ୍ତି। ତଥାପି ଏତେ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ କାହିଁକି ଅଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ ସରକାରକୁ ଆସି କୃଷିଋଣ ଛାଡ କରିବାପରେ ଏଠି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା କଲେ। ହେଲେ କାଳିଆ ଶିଳ୍ପ କଥା ବୁଝେ। ପ୍ରକୃତରେ ଚାଷୀ କଥା ବଳିଆ ବୁଝେ ବୋଲି କହି ନିରଞ୍ଜନ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଅବସରରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ନିଜ ଭାଷଣରେ ଦଳ ଛାଡିଥିବା ନେତାଙ୍କ କଥା କହି ସମାଲୋଚନା କରିଥିଲେ। ରଣା ବୁଲି ବୁଲି ସେଇ ଅଗଣା ଢଗ କହି ଦଳ ଛାଡିଥିବା ନେତା ପୁଣି ଏଠାକୁ ଫେରିବେ ବୋଲି କହିଥିଲେ। ସେତେବେଳେ ସେମାନଙ୍କୁ ଉଚିତ ଜବାବ୍ ଦିଆଯିବ ବୋଲି ଶର୍ମା କହିଥିଲେ।

ସଭା କାର୍ଯ୍ୟ ଶେଷ ହେବାପରେ ରାହୁଲ ଦଳୀୟ କାର୍ଯ୍ୟାଳୟରେ ବିଏସ୍ଏନ୍ଏଲ୍ ଓ ହାଲ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ବିଳମ୍ବ ହେବାରୁ ରାହୁଲ ସିଧା ବିମାନବନ୍ଦର ଯାଇ ଦିଲ୍ଲୀ ଫେରିଯାଇଥିଲେ।

■ କେନ୍ଦ୍ରାପଡ଼ାରେ ପରିସ୍ଥିତି ସ୍ୱାଭାବିକ

# କର୍ଫ୍ୟୁ ହଟିଲା, ସହରରେ ଶାନ୍ତି ଶୋଭାଯାତ୍ରା

**ଶନିବାର ସକାଳ ୬ଟା ଯାଏଁ ୧୪୪ ଧାରା ବଳବତ୍ତର**

କେନ୍ଦ୍ରାପଡ଼ା ଅଫିସ୍,୨୫।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ନେଇ ଗତ ଦୁଇଦିନ ଧରି କେନ୍ଦ୍ରାପଡ଼ା ସହରରେ ଲାଗି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ଧୀରେଧୀରେ ସୁଧାର ଆସୁଛି। ସହରରେ ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କର୍ଫ୍ୟୁ ଶୁକ୍ରବାର ସକାଳ ୬ଟାରୁ ଉଠାଇ ଦିଆଯାଇଛି। ତଥାପି ସହର ମଧ୍ୟରେ ୧୪୪ ଧାରା ବଳବତ୍ତର ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶାନ୍ତି କମିଟି ନିଷ୍ପତ୍ତିକ୍ରମେ ପୂର୍ବାହ୍ନ ୯ଟାରେ ସହର ମଧ୍ୟରେ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ରାଜନେତା, ବୁଦ୍ଧିଜୀବୀ ଓ ସାହି ମୁରବିମାନେ ଯୋଗଦେଇ ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ତେବେ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ୧୪୪ଧାରା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ପାଇଁ ଗତ ବୁଧବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ କେନ୍ଦ୍ରାପଡା ଟାଉନ ହାଇସ୍କୁଲ ପଡିଆଠାରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମାତ୍ର କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଭିନ୍ନ ସମ୍ପ୍ରଦାୟର କେତେଜଣ ଲୋକ ଏହାକୁ ବିରୋଧ କରିବାରୁ ଏ ନେଇ ବିବାଦ ଉପୁଜିଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରରେ ୧୪୪ ଧାରା ଜାରି କରାଯାଇଥିଲା। ଅପରପକ୍ଷରେ ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନରେ ବାଧା ଦେବା ଓ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଜିଲା ବନ୍ଦ ପାଳନ କରାଯାଇଥିଲା। ଜିଲା ବନ୍ଦ ବେଳେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେବାରୁ ଜିଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ଅପରାହ୍ନ ୪ଟାରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ତେବେ ସନ୍ଧ୍ୟାରେ ଏସ୍‌ପି ଅଫିସରେ ଶାନ୍ତି କମିଟି ବୈଠକ ବସି କର୍ଫ୍ୟୁ ସମୟକୁ ୨ ଘଣ୍ଟା କୋହଳ କରାଯାଇଥିଲା। ସେହିପରି କମିଟିର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ସକାଳୁ ସହରରେ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପି ନୀତିଶେଖର କହିଛନ୍ତି, ବିବାଦର ସମାଧାନ ହୋଇଯାଇଛି। ସହରରେ ଶାନ୍ତି ଆସିଥିବାରୁ ସେମାନେ ସହରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।











# ଏଇ କି ସେ ଭାରତ!

## ଗୌରୀ ପ୍ରସାଦ ରଥ

ଅଗଷ୍ଟ ପନ୍ଦର ଓ ଜାନୁୟାରୀ ଛବିଶରେ ସମଗ୍ର ଦେଶରେ ମହାସମାରୋହରେ ପାଳିତ ହୋଇଥାଏ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ। ଚାରିଆଡ଼େ ଜାତୀୟ ପର୍ବର ଆନନ୍ଦଉଲ୍ଲାସ। ଚତୁର୍ଦ୍ଦିଗରେ ଭାରତମାତା ଆଉ ସ୍ୱାଧୀନତାର ଜୟଗାନ ଏବଂ ଏହା ମାଧ୍ୟମରେ ଆହୁରି କିଛି...। କିନ୍ତୁ ଏ ଆହ୍ଲାଦ ପଛର କାହାଣୀକୁ ହୁଏତ ଖୁବ୍ କମ୍ ଲୋକ ମନେ ପକାଇଥାନ୍ତି। ଆନନ୍ଦରେ ମସ୍‌ଗୁଲ ହୋଇଥାନ୍ତି ବେଶି। ସ୍ୱାଧୀନତାର କାରଣ ବଖାଣି ବସନ୍ତି; ଅହିଂସା ମାର୍ଗର ଜୟଗାନ କରନ୍ତି। କିନ୍ତୁ ଏ ଅହିଂସ ସ୍ୱାଧୀନତା ପଛରେ କେତେଯେ ହିଂସା ଭରି ରହିଛି; ଏ ମାଟିର କେତେଯେ ବୀର ସନ୍ତାନଙ୍କ ବଳିଦାନର ରକ୍ତରେ ଅଭିଷିକ୍ତ ଏ ମାଟି, ସେ କଥା ମନେପକାଏ କିଏ? ନିଅଁ ତଳର ପଥର ଭଳି ସେ ବଳିଦାନୀମାନେ କାହିଁ କେଉଁଆଡେ ଲୁଚି ଯାଆନ୍ତି ବିସ୍ମୃତିର କରାଳ ଗର୍ଭରେ।

ସ୍ୱାଧୀନତା ଦିବସର ହଇଉଲ୍ଲାସରେ ଆମେ ଭୁଲିଯାଉ ଯେ ସେଦିନ ଆମର ଏଇ ମାଟି ମା'ର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ପୂର୍ବ ପାକିସ୍ତାନ ଏବଂ ପଶ୍ଚିମ ପାକିସ୍ତାନ ନାମରେ ଭାରତ ମାତାର ପୂର୍ବ ଏବଂ ପଶ୍ଚିମ ପଟରୁ ଖଣ୍ଡେ ଖଣ୍ଡେ ଭୂମି କାଟି ଅଲଗା କରି ଦିଆଯାଇଥିଲା। ଭାରତ ସ୍ୱାଧୀନତା ଦିବସ ମନାଇବା ପୂର୍ବରୁ ସେମାନେ ମନାଇ ସାରିଥିଲେ ସ୍ୱାଧୀନତା ଦିବସ। କି ବିଡ଼ମ୍ବନା ସତେ, ଏ ମାଟି ମା'କୁ ବିଦେଶୀ କବଳରୁ ଉଦ୍ଧାର କରିବା ପାଇଁ ନିଜ ବୁକୁରୁ ରକ୍ତ ନିଗାଡି ଦେଇ ଯେଉଁମାନେ ଆତ୍ମୋତ୍ସର୍ଗ କରିଗଲେ, ସେମାନେ ଭାରତର ହୋଇ ରହିଲେ ନାହିଁ। ତାଙ୍କ ପାଦତଳର ମାଟି ଖଣ୍ଡକ, ଯାହା ପାଇଁ ସେ ଲଢ଼େଇ କରୁଥିଲେ, ସେ ଭିଟା ଖଣ୍ଡକ ତାଙ୍କର ହୋଇ ରହିଲା ନାହିଁ। ସେ ଦୁଃଖ, ସେ ବେଦନା ସେ କହିବେ ବା କାହାକୁ?

ଭଗତ୍ ସିଂ, ଖୁଦିରାମ ବସୁ, ମାଷ୍ଟର ଦା, ବିନୟ , ବାଦଲ ପ୍ରମୁଖ ଏ ସମସ୍ତେ କ'ଣ ପାକିସ୍ତାନ ପାଇଁ ସ୍ୱାଧୀନତା ସଂଗ୍ରାମର ଲଢ଼େଇ ଲଢୁଥିଲେ? ଚଟ୍ଟଗ୍ରାମର ବିପ୍ଲବୀ କ'ଣ ବାଂଲାଦେଶ ଭଳି କଟ୍ଟର ପନ୍ଥୀ ରାଷ୍ଟ୍ର ପାଇଁ ନିଜ ବୁକୁର ରକ୍ତ ଢାଳି ଦେଇଥିଲେ?

ଆଜି ବି ଆମେ ଜାତୀୟ ସଂଗୀତ ଗାଉଛୁ,' ପଞ୍ଜାବ ସିନ୍ଧୁ ଗୁଜୁରାଟ ମରାଠା ଦ୍ରାବିଡ ଉତ୍କଳ ବଙ୍ଗ, ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା ଉଚ୍ଛଳ ଜଳଧି ତରଙ୍ଗ।' ବାଃ କି ଚମତ୍କାର ବର୍ଣ୍ଣନା ମୋ ମା'ର। କିନ୍ତୁ ଥରେ ଭାବିଦେଖନ୍ତୁ ତ ଆଜି କ'ଣ ପଞ୍ଜାବ ଆମ ପାଖରେ ଅଛି? ଅଧା ପଞ୍ଜାବ ଚାଲିଯାଇଛି ପାକିସ୍ତାନକୁ, ଆଉ ସିନ୍ଧୁ? ଭାରତରେ ସିନ୍ଧୁ ବୋଲି ଗୋଟିଏ ପ୍ରଦେଶ ଥିଲା ବୋଲି ସ୍ୱାଧୀନତାର ବହୁ ପରେ ଜନ୍ମ ନେଇଥିବା ସାଧାରଣ ଯୁବ ସମାଜ ବୋଧହୁଏ ଜାଣି ନ ଥିବେ। ସମ୍ପୂର୍ଣ୍ଣ ସିନ୍ଧୁ ପ୍ରଦେଶ ଆଜି ପାକିସ୍ତାନରେ। ସିନ୍ଧୁ ନଦୀର ସ୍ଥିତି ମଧ୍ୟ ତଦ୍ରୂପ। ସିନ୍ଧୁନଦୀ; ସିନ୍ଧୁ ଉପତ୍ୟକାରୁ ସିନ୍ଧୁ ସଭ୍ୟତା, ସିନ୍ଧୁରୁ ହିନ୍ଦୁ, ହିନ୍ଦୁରୁ ହିନ୍ଦୁସ୍ତାନ। ଏହା କ'ଣ ବିସ୍ମୃତିର କରାଳ ଗର୍ଭକୁ ଚାଲିଗଲାଣି? ଭାରତୀୟ ସଭ୍ୟତାର ଗାଥା ଗୌରବ ସାରା ଦୁନିଆରେ ବଖାଣୁଥିବା ମହେଞ୍ଜୋଦାରୋ, ହରପ୍ପା କ'ଣ ପାକିସ୍ତାନୀ ସଭ୍ୟତାର ପ୍ରମାଣ? ତାହା ତ ଆଜି ଭାରତରେ ନାହିଁ। ଆଉ ଭାରତର ପ୍ରାଣସ୍ୱରୂପ ଐକ୍ୟତାନର ସୂତ୍ର ମହାନ୍ ଦେବଭାଷାକୁ ଶୃଙ୍ଖଳିତ କରିବା ପାଇଁ ରଚନା କରିଯାଇଥିବା ବ୍ୟାକରଣର ମହାନ୍ ସ୍ରଷ୍ଟା ପାଣିନିଙ୍କ ଜନ୍ମସ୍ଥାନ କ'ଣ ପାକିସ୍ତାନରେ? ସମଗ୍ର ସମାଜରେ ସମତାର ବାର୍ତ୍ତା ପ୍ରଚାର କରିଥିବା, ଏ ଜାତିକୁ ସତ୍‌ପଥରେ ପରିଚାଳିତ କରିଥିବା ସତ୍ ଶ୍ରୀ ଅକାଲର ଧ୍ୱନିଦେଇ ଏ ଜାତିକୁ ଜାଗ୍ରତ କରୁଥିବା ସଦ୍‌ଗୁରୁ ନାନକ ଦେବ କ'ଣ ପାକିସ୍ତାନର ନାଗରିକ? ଇତିହାସର ଜାଜ୍ୱଲ୍ୟମାନ ନକ୍ଷତ୍ର ବୀର ରଣଜିତ ସିଂହଙ୍କର ଲାହୋର କ'ଣ ପାକିସ୍ତାନରେ? କଟାସରାଜ ତୀର୍ଥ କ'ଣ ପାକିସ୍ତାନର ପବିତ୍ର କ୍ଷେତ୍ର? ହିଙ୍ଗଲାଜ ଶକ୍ତିପୀଠ ବେଲୁଚିସ୍ତାନରେ କି ଅବସ୍ଥାରେ ଅଛି? ମାତା ଢାକେଶ୍ୱରୀ ବିରାଜମାନ କରୁଥିବା ଢାକା ଭାରତରୁ କୁଆଡ଼େ ଚାଲିଗଲା, ପଦ୍ମା ନଦୀ କାହିଁ?' ଆମାର ସୋନାର ବାଙ୍ଗ୍‌ଲା'ର କ'ଣ ହେଲା? ଆଜି ବି ବଙ୍ଗଳା ଭାଷା ସେଠି ଅଛି। କିନ୍ତୁ ବଙ୍ଗଳା ଭାଷାର ମହାମନ୍ତ୍ର- ବନ୍ଦେ ମାତରମ୍ ଟା ତା'ର ଶତ୍ରୁ ହେଇଗଲା କେମିତି? ଅଛନ୍ତି ବଙ୍ଗାଳୀ, କିନ୍ତୁ ସେଠାରେ ନାହାନ୍ତି ମା' କାଳୀ।

ଗଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଭଳି ଗଣତନ୍ତ୍ରର ମହାନ୍ ପର୍ବମାନଙ୍କରେ ବିସ୍ମୃତିର ଆଢୁଆଳରେ ରହି ଯାଇଥିବା ସେହି ମହାନ୍ ବଳିଦାନୀମାନଙ୍କୁ କୋଟି କୋଟି ପ୍ରଣାମ କରିବା ସହିତ ସ୍ମରଣ କରିବା ଦଶପ୍ରହରଣ ଧାରିଣୀ ଭାରତମାତାର ସେହି ଅଖଣ୍ଡ ସ୍ୱରୂପକୁ; ତାହାରି ପାଦରେ ମଥାନତ କରିବା ଆଉ ଅପେକ୍ଷା କରିବା ଏ ଦେଶ ପାଇଁ ଆତ୍ମବଳିଦାନ ଦେଇଥିବା ବଳିଦାନୀମାନେ, ଯେଉଁମାନେ ସ୍ୱଦେଶର ମୁକ୍ତି ସଂଗ୍ରାମରେ ପ୍ରାଣପାତ କରି ସୁଦ୍ଧା ଆଜି ବିଦେଶୀ ହୋଇଯାଇଛନ୍ତି; ସେମାନେ ପୁଣି କେବେ ସ୍ୱଦେଶୀ ହୋଇ ଛିଡା ହୋଇ ଉଠିବେ। ଏହି ପରିପ୍ରେକ୍ଷୀରେ ମନେପଡ଼େ ଶ୍ରୀ ଅରବିନ୍ଦଙ୍କ କଥା, ଯେକି ବିପ୍ଲବୀ ଜୀବନରୁ ଅଧ୍ୟାତ୍ମ ଜୀବନରେ ପ୍ରବେଶ କରିଥିଲେ। ସେ କହିଯାଇଛନ୍ତି, ଭାରତ ଦିନେ ଅଖଣ୍ଡ ହେବ। ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରିବ।

*-ସହଦେବଖୁଣ୍ଟା, ବାଲେଶ୍ୱର,*
*ମୋ- ୯୪୩୭୦୬୬୪୭୪*

**ଦେଶ ଏବେ ବିଭିନ୍ନ ନୂଆ ନୂଆ ସମସ୍ୟା ଦେଇ ଗତିକରୁଛି। ତେଣୁ ନାଗରିକର ସୁରକ୍ଷା, ସାମାଜିକ ଅଧିକାର ବଜାୟ ରଖିବା ହେଉଛି ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ...**

ଭାରତର ସମ୍ବିଧାନ ପ୍ରଣୟନ ହେବା ଦିନଠାରୁ ଜାନୁୟାରୀ ୨୬ ତାରିଖକୁ ଦେଶର ସର୍ବତ୍ର ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଲା ଦେଶରେ କିଭଳି ସମାଜବାଦ ତଥା ସାମାଜିକ ନ୍ୟାୟ ବଜାୟ ରହିବ ଏବଂ ଲୋକମାନେ ଆମର ସମ୍ବିଧାନ ତଥା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସଚେତନ ରହିବେ। ନାଗରିକର ସାମ୍ବିଧାନିକ ଅଧିକାର ତଥା ସାମାଜିକ ନ୍ୟାୟର ରୂପରେଖ ଜନସାଧାରଣ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ସେଥିପାଇଁ ଅନେକ ସମୟରେ ବିଦ୍ରୋହ, ଜାତିଆଣ ଭାବ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ତା'ଛଡ଼ା ଜାତିଆଣ ଭାବ, ଅସ୍ପୃଶ୍ୟତା ନିବାରଣ ଯୋଗୁ

# ସମାଜବାଦ ଓ ସାମାଜିକ ନ୍ୟାୟ ବ୍ୟବସ୍ଥା

## ହୃଦୟବଲ୍ଲଭ ଦାସ

ମଧ୍ୟ ଅନେକ ସମୟରେ ଦେଶର ବିଭିନ୍ନ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଗଣତନ୍ତ୍ର ଓ ସାମାଜିକ ନ୍ୟାୟର ମୂଳ ଲକ୍ଷ୍ୟ ହେଉଛି ଏହି ବିବାଦୀୟ ପରିସ୍ଥିତିକୁ ପ୍ରତିହତ କରିବା। ସାଧାରଣ ନାଗରିକ ଏହି ଜନରାଜ୍ୟ ଦିବସର ମୂଳଲକ୍ଷ୍ୟ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ଦେଶରେ ନାରୀ ନିର୍ଯାତନା, ବଳାତ୍କାର, ଲୁଟ୍ ଏବଂ ଡକାୟତି ବା ରାହାଜାନି ଭଳି ଘଟଣା ଘଟି ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ସବୁ ସମୟରେ ବା ସବୁ କ୍ଷେତ୍ରରେ ନାଗରିକ ଅଧିକାର ଜାହିର କରିବା ଠିକ୍ ନୁହେଁ, ଯାହାଫଳରେ ବିବାଦୀୟ ପରିସ୍ଥିତି ଓ ଜନଅସନ୍ତୋଷ ଦେଖାଦେଉଛି। ସେହି ଦୃଷ୍ଟିକୋଣରୁ ବିଚାର କଲେ ସାଧାରଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ଠିକ୍ ଭାବେ ଜନସାଧାରଣ ବୁଝିବା ଆବଶ୍ୟକ।

ଜନରାଜ୍ୟ ଦିବସକୁ ଅତି ଆଡ଼ମ୍ବର ସହକାରେ ପାଳନ କରିଦେଲେ ଆମ ପରମ୍ପରା ବଜାୟ ରହିବ ନାହିଁ। ସେଥିପାଇଁ ଜନସାଧାରଣଙ୍କ ନିକଟରେ ସାଧାରଣତନ୍ତ୍ରର ମହତ୍ ଉଦ୍ଦେଶ୍ୟ ବା ଏହାର ସୁଫଳ ଠିକ୍ ଭାବେ ପହଞ୍ଚାଇବାର ଦାୟିତ୍ୱ ପ୍ରଶାସନ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ହେବା ଉଚିତ। ଦେଶ ଏବେ ବିଭିନ୍ନ ନୂଆ ନୂଆ ସମସ୍ୟା ଦେଇ ଗତିକରୁଛି। ତେଣୁ ନାଗରିକର ସୁରକ୍ଷା, ସାମାଜିକ ଅଧିକାର ବଜାୟ ରଖିବା ହେଉଛି ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ। ଦେଶରେ ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା କରିବାକୁ ହେଲେ ଓ ଏହାକୁ ସୁଚାରୁରୂପେ ପରିଚାଳନା କରିବାକୁ ହେଲେ ସମଗ୍ର ଦେଶରେ ପରସ୍ପର ମଧ୍ୟରେ ଭ୍ରାତୃଭାବ, ସହନଶୀଳତା, ସମାନତା, ଜାତିଭେଦ ପ୍ରଥା ନିବାରଣ ଜରୁରୀ। ତା'ଛଡ଼ା ଦେଶରେ ନାରୀଜାତିର ସୁରକ୍ଷା ଏବଂ ସାମାଜିକ ଅଧିକାର ଯେ ପର୍ଯ୍ୟନ୍ତ ନ ମିଳିଛି, ସେ ପର୍ଯ୍ୟନ୍ତ ଦେଶରେ ସମାଜବାଦ, ସାମାଜିକ ନ୍ୟାୟ ପ୍ରତିଷ୍ଠାର ମାନେ କିଛି ନାହିଁ। ତେଣୁ ଏ ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏଭଳି ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରଶାସନ, ସାଧାରଣ ନାଗରିକ ତଥା ସମସ୍ତ ଭାରତୀୟ ଦୃଢ଼ ସଂକଳ୍ପ ନେବା ଜରୁରୀ। ତା'ହେଲେ ଯାଇ ଦେଶରେ ଶାନ୍ତି, ଗଣତନ୍ତ୍ର ଓ ସମାଜବାଦ, ସାମାଜିକ ନ୍ୟାୟ ପ୍ରତିଷ୍ଠା କରିହେବ ଏବଂ ଜଣେ ନାରୀ ସମ୍ମାନର ସହ ସ୍ୱାଧୀନ ଭାବେ ଜୀବନଯାପନ କରିପାରିବ। ଆଉ ଜନସାଧାରଣ ଶାନ୍ତିଶୃଙ୍ଖଳା ସହକାରେ ସହାବସ୍ଥାନ କରିପାରିବେ। ଏହା ଏ ବର୍ଷର ଜନରାଜ୍ୟ ଦିବସର ପ୍ରଧାନ ଚିନ୍ତା ଓ ଲକ୍ଷ୍ୟ ହେବା ଆବଶ୍ୟକ। କାରଣ ଚିରାଚରିତଭାବେ ସାଧାରଣତନ୍ତ୍ର ଦିବସ ପାଳନ କଲେ ତା'ର ମାନେ କିଛି ନ ଥାଏ। ତେଣୁ ଦେଶବାସୀ ଏ ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସକାରାତ୍ମକ ମନୋଭାବ ପ୍ରକଟ କଲେ ଦେଶରେ ଶାନ୍ତି ଓ ମୈତ୍ରୀ ତଥା ସାମ୍ୟବାଦ ବଜାୟ ରହିବ।

ଏହାଛଡ଼ା ଅସ୍ପୃଶ୍ୟତା ନିବାରଣ ଓ ଜାତିଆଣ ପ୍ରଥାକୁ ଲୋପ କରିବା ଚିନ୍ତାର ବିଷୟ, ଯାହାଦ୍ୱାରା ଦେଶର ଅନେକ ସ୍ଥାନରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେଉଛି। ସାମ୍ୟବାଦ ପ୍ରତିଷ୍ଠା କରିବାକୁ ହେଲେ ପରସ୍ପର ମଧ୍ୟରେ ସହନଶୀଳତା ଓ ଭାଇଚାରାର ମାହୋଲ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ତେଣୁ କଠିନ ପରିସ୍ଥିତିର ମୁକାବିଲା କରିବାକୁ ହେଲେ ଜନରାଜ୍ୟ ଦିବସରେ ଏହା ହେବ ପ୍ରଧାନ ଚିନ୍ତାର ବିଷୟ। ତା'ହେଲେ ଯାଇ ଆମେ ଅନୁଭବ କରିବା ଦେଶରେ ଗଣତନ୍ତ୍ର, ସମାଜବାଦ ତିଷ୍ଠି ରହିଛି ଓ ଦେଶର ସମସ୍ତ ଅଧିବାସୀ ତାଙ୍କର ସାମ୍ବିଧାନିକ ଅଧିକାର ଏବଂ ସାମାଜିକ ନ୍ୟାୟ ପାଇବା ପାଇଁ ହକ୍‌ଦାର। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେଶବାସୀଙ୍କର ଚିନ୍ତା ଓ ଚେତନାର ଘୋର ଆବଶ୍ୟକତା ରହିଛି।

*-ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି, ସିବିଆଇ, ୨୦୫, ଶହୀଦ ନଗର, ଭୁବନେଶ୍ୱର, hb.das@rediffmail.com*









# ପୁରୀରେ କାଳିଆ ଯୋଜନାର ଶୁଭାରମ୍ଭ




ପୁରୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା ଶୁଭାରମ୍ଭ କରୁଛନ୍ତି।



ଚାଷୀ ସମାବେଶରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ କାଳିଆ ସହାୟତା ମାନପତ୍ର ପ୍ରଦାନ କରୁଛନ୍ତି।



ପୁରୀ ରାହାଙ୍ଗରିଆଠାରେ ଶୁକ୍ରବାର ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ।

# ପରିବର୍ତ୍ତନ ସଂକଳ୍ପ ସମାବେଶର ଝଲକ



ଭୁବନେଶ୍ୱର ତମାଣ୍ଡୋ ମିନି ଷ୍ଟାଡିୟମରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ରାଜ୍ୟ ନେତୃବୃନ୍ଦଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ସମାବେଶ ସ୍ଥଳରେ ଉପସ୍ଥିତ କଂଗ୍ରେସ କର୍ମୀ, ସମର୍ଥକ ଓ ଜନସାଧାରଣ।



ରାହୁଲ ଗାନ୍ଧୀଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟ ଦ୍ୱାରା ସ୍ୱାଗତ କରିବା ପାଇଁ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ହୋଇଥିବା ବ୍ୟବସ୍ଥା।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ୩ ଗୁରୁତର

**ଡେରାବିଶ, ୨୫।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଞ୍ଚଳରେ ପୃଥକ ଦୁର୍ଘଟଣା ଘଟି ୩ଜଣ ଗୁରୁତର ହୋଇଛନ୍ତି। ୩ଜଣଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ଖମୋଳ ପଞ୍ଚାୟତ ଖମୋଳ ଗ୍ରାମର ଚନ୍ଦ୍ରସେଣ ସେଠୀ (୪୫), ଢ଼ିଅସାହି ଗ୍ରାମର ଶ୍ରୀନିବାସ ଜେନାଙ୍କ ପୁଅ ବିଦ୍ୟାଧର ଜେନା (୨୫) ଏବଂ ଅନ୍ୟଜଣଙ୍କ ଘର କାକଟ ଅଞ୍ଚଳରେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗୁରୁବାର ରାତି ୧୦ଟା ବେଳେ ଚନ୍ଦ୍ରସେଣ ଚଣ୍ଡୀ ବଜାରରୁ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା କେନ୍ଦ୍ରାପଡ଼ା କାକଟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାଇକ୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ଉଭୟଙ୍କୁ କଟକ ପଠାଇ ଦିଆଯାଇଛି। ସେହିପରି ଶୁକ୍ରବାର ଅପରାହ୍ନରେ ବିଦ୍ୟାଧର ବାଇକ୍ ଯୋଗେ କେନ୍ଦ୍ରାପଡ଼ା ଯାଉଥିବା ବେଳେ ଭାରସାମ୍ୟ ହରାଇ ଠାକୁରହାଟଠାରେ ଏକ ସ୍କୁଲ୍ ପାଚେରୀରେ ପିଟି ହୋଇଯାଇଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

### ସାମୁଦ୍ରିକ ଉଚ୍ଚ ଜୁଆର

# ଭାସିଗଲା ଗୋବରୀ ସେତୁ ପିଲାର

**ମହାକାଳପଡ଼ା, ୨୫।୧ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ମଧ୍ୟ ଦେଇ ପ୍ରବାହିତ ଗୋବରୀ ନଦୀର ମହାକାଳପଡ଼ା–ଚଣ୍ଡିଆପଲ୍ଲୀ–ବିଜୟନଗର ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭରୁ କେଁ ବାହାରିଛି। ଗୁରୁବାର ସନ୍ଧ୍ୟାରେ ସେତୁର ଦ୍ୱିତୀୟ ପିଲାର ପଡ଼ିଥିବା ବେଳେ ଶୁକ୍ରବାର ଏହାର କିଛି ଅଂଶ ଭାସିଯାଇଛି। ମଧ୍ୟାହ୍ନରେ ହଠାତ୍ ସାମୁଦ୍ରିକ ଉଚ୍ଚ ଜୁଆର ଆସିବାରୁ ଏହା ଭାସି ଯାଇଥିବା ବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତରବରିଆ ଭାବେ ସେତୁର ଶିଳାନ୍ୟାସ କରାଯିବା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଏ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା।



ପିଲାର ଭାସିଯାଇଥିବା ସ୍ଥାନ।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ନାବାର୍ଡ ସହାୟତାରେ ୨୩କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ସେତୁ ନିର୍ମାଣ କାର୍ଯ୍ୟକୁ ସାହାବାଣପୁର ଛକଠାରେ ରାଜ୍ୟ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହାପରେ ବିଜୟନଗର ପଡ଼ିଆଠାରେ ଆୟୋଜିତ ଏକ ସଭାରେ ମନ୍ତ୍ରୀ ମଲ୍ଲିକ ଯୋଗଦେଇଥିଲେ।

# ୬ ଅଫୁଟା ବୋମା ଉଦ୍ଧାର

**ମାର୍ଶାଘାଇ, ୨୫।୧ (ଡି.ଏନ୍.ଏ)**

ଶୁକ୍ରବାର ସକାଳେ ମାର୍ଶାଘାଇ ବ୍ଲକ ଅଧୀନ ପେଣ୍ଠ ଗ୍ରାମସ୍ଥିତ ଜନଶକ୍ତି ନୋଡ଼ାଲ ହାଇସ୍କୁଲ ଛକରୁ ୬ଟି ଅଫୁଟା ବୋମା ଉଦ୍ଧାର କରାଯାଇଛି। ବୋମାଗୁଡିକ ରାସ୍ତାରେ ବିକ୍ଷିପ୍ତ ଭାବେ ପଡିଥିବା ବେଳେ ସକାଳୁ ପ୍ରାତଃ ଭ୍ରମଣରେ ଆସିଥିବା କେତେଜଣ ବ୍ୟକ୍ତିଙ୍କ ନଜରରେ ପଡିଥିଲା। ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ସ୍କୁଲ ନିକଟରେ ବୋମା ପଡିଥିବା ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ପଡିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମାକୁ ଉଦ୍ଧାର କରି ପାଣିରେ ଭିଜାଇ ପରୀକ୍ଷା କରିବାକୁ ନେଇଛି। ଏତେ ସଂଖ୍ୟକ ବୋମା କାହିଁକି କିଏ ଆଣି ପକାଇଛି ସେ ନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକୃତରେ ଏହା ବୋମା ନା ବାଣ ପରୀକ୍ଷାରୁ ଜଣାପଡିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପାଟକୁରା ପୋଲିସ କହିଛି। ସ୍କୁଲ ନିକଟରେ ବୋମା ରଖାଯାଇଥିବା ଖବର ପ୍ରଚାରିତ ହେବା ପରେ ଅଭିଭାବକମାନେ ପିଲାଙ୍କୁ ପାଠ ପଢିବାକୁ ସ୍କୁଲକୁ ଛାଡି ନ ଥିଲେ। ଗତ ୨ ଦିନ ତଳେ କେନ୍ଦ୍ରାପଡା ସହରରେ ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନକୁ ବିରୋଧ କରାଯିବା ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଗଣ୍ଡଗୋଳ ସମୟରେ ଏହି ବୋମା ଫୋପାଡିବା ପାଇଁ ଦୁର୍ବୃତ୍ତମାନେ ବ୍ୟବହାର କରିଥାନ୍ତେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ପ୍ରାଥମିକ ତଦନ୍ତ କରି ଏଗୁଡିକ କେହି ବାଣୁଆ ବାଣ ମାରିବାକୁ ଆଣି ଛାଡି ଦେଇଛି ଓ ଏହା ଗଡ଼ମା ହୋଇ ଥାଇପାରେ ବୋଲି ଅନୁମାନ କରିଛି।



ଉଦ୍ଧାର ବୋମା।

# ସାହିତ୍ୟ, ପୂଜ୍ୟପୂଜା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ

**ରାଜକନିକା, ୨୫।୧ (ଡି.ଏନ୍.ଏ)**

କନିକା ପୂଜ୍ୟପୂଜା ପରିଷଦର ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ରାଜକନିକାସ୍ଥିତ ବାଘବୁଦା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟର ଅବସରପ୍ରାପ୍ତ ପ୍ରଫେସର ଡା. ବିଜୟ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ସାହିତ୍ୟିକ ଡା. ଶରତ କୁମାର ବିଶ୍ୱାଳ ମୁଖ୍ୟବକ୍ତା ଓ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ ପୂଜ୍ୟପୂଜା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ। ସମ୍ପାଦକ କପିଳ ଚରଣ ମିଶ୍ର ସମ୍ପାଦକୀୟ ବିବରଣୀପାଠ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ସାହୁ ଓ ପୀତବାସ ବେହୁରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଭାବେ ଡା. ରାମଚନ୍ଦ୍ର ସୂତାର ଓ ରମାକାନ୍ତ ବଳଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦାମୋଦର ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ପରିଷଦର ମୁଖପତ୍ର 'ପ୍ରତିଧ୍ୱନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ ପଦାଧିକାରୀମାନେ।

# ଜାତୀୟ ଭୋଟର ଦିବସ ପାଳିତ

**ପାଟକୁରା, ୨୫।୧ (ଡି.ଏନ୍.ଏ.):** ଗରଦପୁର ବ୍ଲକ ସଭାଗୃହରେ ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପାର୍ବତୀ ବାରିକ ଅଧ୍ୟକ୍ଷତା କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭୋଟରମାନେ ମତଦାନ ସାବ୍ୟସ୍ତ କରିବାକୁ ବୈଠକରେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରଗତି ସହାୟକ ପ୍ରମୋଦ କୁମାର ଦାସ, ମୁଖ୍ୟ କିରାଣି ପ୍ରଦ୍ୟୁମ୍ନ କୁମାର ବେହେରା, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଶଙ୍କର୍ଷଣ ପଣ୍ଡାଙ୍କ ସମେତ ବୁଥ୍‌ସ୍ତରୀୟ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ବ୍ଲକର ୧୨୫ଟି ବୁଥ୍‌ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କଟେରି ପୋଖରୀ ପୁନରୁଦ୍ଧାର ପାଇଁ ଜନସ୍ୱାର୍ଥ ମାମଲା

**ପଟ୍ଟାମୁଣ୍ଡାଇ, ୨୫।୧ (ସ୍ୱ.ପ୍ର)**

ଜମିଦାର ଅମଳରୁ ଖୋଳା ଯାଇଥିବା କଟେରି ପୋଖରୀ ଏବେ ମ୍ୟୁନିସିପାଲିଟିର ଡମ୍ପିଂ ୟାର୍ଡରେ ପରିଣତ ହୋଇଛି। ସହରର ବର୍ଜ୍ୟବସ୍ତୁ ଦୈନିକ ଏହି ପୋଖରୀରେ ପଡୁଛି। ଫଳରେ ଅଳିଆ ଆବର୍ଜନାଗୁଡିକ ପଚି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଫଳରେ ଜନ ସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ୧ଏକର ୨୫ ଡେସିମିଲି ପରିମିତ ଜମିରେ ଜମିଦାର ଅମଳରୁ ଖୋଳା ଯାଇଥିବା ଏହି ପୋଖରୀର ଉଦ୍ଦେଶ୍ୟ ସାଧିତ ହେବାଠାରୁ ଦୂରେଇ ଯାଇଛି। ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ଏକମାତ୍ର ଜଳାଶୟ ଭାବେ ପରିଗଣିତ ପୋଖରୀଟି ବିଭିନ୍ନ ଦୈବିକ କାର୍ଯ୍ୟଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଏଥିସହିତ ଜରୁରୀ ଆବଶ୍ୟକତା ଓ ଆକସ୍ମିକ ଅଗ୍ନିକାଣ୍ଡକୁ ଏଡାଇବା ପାଇଁ ପୋଖରୀଟି କାର୍ଯ୍ୟରେ ଲାଗିଥାଏ। ସ୍ଥାନୀୟ ପ୍ରଶାସନର ଅଣଦେଖା ଓ ମ୍ୟୁନିସିପାଲିଟିର ଦାୟିତ୍ୱହୀନତା ଯୋଗୁ ପୋଖରୀଟି ବସ୍ତୁତଃ ଡମ୍ପିଂ ୟାର୍ଡରେ ପରିଣତ ହୋଇଛି। ପୋଖରୀକୁ ଲାଗି ତହସିଲ ଅଫିସ, କର୍ମଚାରୀଙ୍କ କ୍ୱାର୍ଟର, ଶ୍ରୀରାମ ମନ୍ଦିର, ଯଜ୍ଞ ସ୍ଥଳ ଓ ପରିବା ହାଟ ଥିବାବେଳେ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ଲାଗି ରହିଥାଏ। ଅସ୍ୱାସ୍ଥ୍ୟକର ପରିବେଶକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ଅଞ୍ଚଳର ସାମାଜିକ କର୍ମୀ ଅକ୍ଷୟ ବିଶ୍ୱାଳ ପୋଖରୀର ପୁନରୁଦ୍ଧାର ପାଇଁ କଟକ ସ୍ଥାୟୀ ଲୋକ ଅଦାଲତ (ପିୟୁଏସ)ରେ ଏକ ଜନସ୍ୱାର୍ଥ ମାମଲା (ନଂ.–ପିଏଲ୍ଏ୧୧/୨୦୧୯) ଦାଏର କରିଛନ୍ତି। ଏଥିରେ ପଟ୍ଟାମୁଣ୍ଡାଇ ତହସିଲଦାର, ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲାପାଳ, ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଏହି ମାମଲାକୁ ଗ୍ରହଣ କରି ବିଚାର ପାଇଁ ଆସନ୍ତା ଫେବୃୟାରୀ ୧୪ତାରିଖରେ ପ୍ରତିପକ୍ଷମାନଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

**ଆଳି, ୨୫।୧ (ଡି.ଏନ.ଏ.)**

ଆଳି ବ୍ଲକ ଅଧୀନ ପତ୍ରପୁର ପଞ୍ଚାୟତର ବିଲିକଣାଠାରେ ନିର୍ମାଣ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପତ୍ରପୁର ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସଦସ୍ୟ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୧ ଲକ୍ଷ କ୍ଷମତା ବିଶିଷ୍ଟ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଶେଷ ହେଲେ ଏହାଦ୍ୱାରା ସ୍ଥାନୀୟ ବନ୍ଧସାହି ଓ ବିଲିକଣା ଗ୍ରାମବାସୀଙ୍କ ସମସ୍ୟା ଦୂର ହେବ ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ, ଯୁବନେତା ଭୀଷ୍ମ ମହାନ୍ତି, ପତ୍ରପୁର ସରପଞ୍ଚ ପ୍ରବୀଣା ବେହୁରା, ସମିତିସଭ୍ୟା ନିର୍ମଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 04/E-PROC/OMC/2019**

No.: CAD-1321: Tender for the following works is invited on-line through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the work in Month | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1. | Development of haul road from hill top to stack yard at Ichinda of Gandhamardan Mines in the dist of Keonjhar. | 1170.36 Lakhs | 9 (Nine) | Special & Super | 11,71,000/- | 10,000/- + 18% GST |

1. Available of Bid document in Govt. portal from dt.29.01.2019 to dt.12.02.2019 up to 5.00 P.M.
2. Last date of on-line submission of tender in the portal is dt. 12.02.2019 up to 5.00 PM.
3. Date of opening of Technical Bid is dt.13.02.2019 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0163/1819 **G.M. (Civil)**

## GOVERNMENT OF ODISHA
## DEPARTMENT OF TOURISM

Paryatan Bhawan, Lewis Road, Bhubaneswar - 751 014
Phone: (0674) 2432177 | Fax: (0674) 2430887

**CORRIGENDUM**

No.: 923 Date: 24.01.19
T-Cord-II(S)-32/2019

No.- R: It is hereby informed that the last date for submission of bid with reference to **RFP No.: 12862/TSM, Dated: 26.12.2018** is hereby extended upto 15th February 2019 (Friday) upto 14.00 Hrs.

37001/11/0083/1819 **Sd./- Director & Joint Secretary to Govt.**

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No. CAD-1322

No.1155/OMC/PERSNL/2019
Date: 24/01/2019

**WALK-IN-INTERVIEW**

The Odisha Mining Corporation Ltd., a Gold Category State PSU having annual turnover of Rs.2853 Crore during FY 2017-18 intends to fill up the following posts through direct recruitment by the Walk-in-Interview mode/process.

| Sl. No. | Name of the Post | No. of Vacant Posts | Scale of Pay | Qualification | Age as on 01.02.2019 |
|---|---|---|---|---|---|
| 1 | Foreman (Min.) | 21 | Pay Level-9 (Rs. 35400 - 112400/-) | Diploma in Mining with Foreman Competency Certificate issued by DGMS | Not below 18 years and above 32 years |
| 2 | Mining Mate - III | 40 | Pay Level- 5 (Rs.21700-69100/) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |

**DATE & PLACE OF WALK-IN-INTREVIEW**

| POST | Date & Time | Venue of Interview |
|---|---|---|
| Foreman(Min.) | 06.02.2019 at 8.00 AM & 07.02.2019 at 8.00 AM | OMC Colony of Regional Office, OMC Ltd. At/Po- Barbil, Dist- Keonjhar |
| Mining Mate-III | 08.02.2019 at 8.00 AM | |

- Candidates belonging to domicile of Odisha only shall be eligible to face the Walk-in-Interview for the above posts.
- Upper age limit in case of SC/ST/SEBC/Women/PWD/Sports person/Ex-servicemen shall be relaxed as per norms of Govt. Similarly upper age limit in case of departmental candidates fulfilling the eligibility criteria shall be relaxed up to maximum 10 years.
- Interested candidates shall attend the walk-in-interview as per the above schedule.
- The candidates shall be required to handover detailed bio-data (in the format to be downloaded from OMC website www.omcltd.in) along with self-attested copies of certificates and mark sheets from HSC onwards. They shall produce the original certificates before one hour of the interview for verification.
- Actual journey fare in the shortest route by bus / train (2nd class) shall be reimbursed to SC/ST unemployed candidates subject to production of ticket & undertaking to the effect that they are not employed in Govt./Semi Govt. organization/PSUs.
- OMC reserves the right to cancel the interview without assigning any reason thereof. For details please visit OMC website: www.omcltd.in

30005/11/0164/1819 **GENERAL MANAGER (P&A).**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BIKASA FINANCE
Bikasa Financeକମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!! ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ୍ୟ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ବାବା ଆଲାମ ଖାନ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

■ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ସଦସ୍ୟାଙ୍କ ଜଗତ୍‌ସିଂହପୁର ଗସ୍ତ

# ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ

**ଜଗତ୍‌ସିଂହପୁର ଅଫିସ, ୨୫।୧**

ଶୁକ୍ରବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ସଦସ୍ୟା ମନ୍ଦାକିନୀ କର ଓ ଗୀତାଞ୍ଜଳି ବସ୍ତିଆ ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଶିକ୍ଷାନୁଷ୍ଠାନରେ ଖେଳପଡ଼ିଆ, ପାଇଖାନା, ଶୌଚାଳୟ ଓ ଉତ୍ତମ ପରିବେଶ ନ ଥିବା ଦେଖି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସିଓଆର୍ ପାଇବା ପାଇଁ ଆବଶ୍ୟକ ସର୍ତ୍ତ ପୂରଣ କରିବାକୁ ପଡ଼ିବ ବୋଲି କହିଥିଲେ। ଏଥିସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ସୁଧାର ଆଣିବା ପାଇଁ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କୁ ପରାମର୍ଶ ଦେଇଥିଲେ। ସଦସ୍ୟା ଦ୍ୱୟ ସେଣ୍ଟ ଜାଭିୟର ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଶିଶୁ ଯତ୍ନ ଅନୁଷ୍ଠାନ, ବାଲିକୁଦା ବ୍ଲକ ଡେଙ୍ଗାପୋଲ ନିକଟସ୍ଥ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲ, ଧନୀଷସ୍ଥିତ ମା ସରସ୍ୱତୀ ବିଦ୍ୟା ମନ୍ଦିର ଓ କୋଠିସ୍ଥିତ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ସ୍କୁଲ ପରିଚାଳନା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କୁ ତାଗିଦ କରିଥିଲେ। ବେଆଇନ ଭାବେ ଚାଲିଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବ୍ୟକ୍ତିଗତ ଭାବେ ସଦସ୍ୟା ଦ୍ୱୟଙ୍କୁ ଭେଟି ଦାବି କରିଥିଲେ। ଅପରାହ୍ନରେ ସେମାନେ ଅତିରିକ୍ତ ଜିଲାପାଳ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ଡିଏସ୍‌ପି ସତ୍ୟ ନାରାୟଣ ପଟ୍ଟନାୟକ, ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତ, ସୁରକ୍ଷା ଅଧିକାରୀ ଜଗଦିଶ ସାହୁ, ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ଓ ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ପରିଚାଳନା କରିଥିଲେ।

## NEELACHAL ISPAT NIGAM LIMITED

NINL
Kalinga Nagar Industrial Complex, At/Po-Duburi, Dist-Jajpur, Odisha-755026

**TENDER NOTICE**

No. : NINL/CM/AR/CO-CON-362/NIT-714 DATED 23.01.2019

Name of the Work : **Supply of Silica Bricks for Coke Oven Battery.**
Last date & time of Submission of Tender : **15.02.2019 up to 15.00 Hours.**
For details, please visit our website **www.ninl.in**. Corrigendum, extension etc shall be notified on website only.

**Dy.General Manager (Commercial)**

## OFFICE OF THE EXECUTIVE ENGINEER BALANGIR (R&B) DIVISION, BALANGIR

**Email : eepwd.bgr@rediffmail.com, eepwd.bgr@gmail.com, Ph. No. 06652-232374**

## CANCELLATION OF WORK

**Bid Identification No. BGR R&B / 19/ 2018-19**
**Letter No. 4985 Dtd. 19.12.2018**
**Tender ID Nos. 2019_EICCL-552192_1**
**No. 272/ Date : 19.01.2018**

No. 1168-B : The works in Sl. No. 01 'Construction of Daily Market at Ward No. 12, Balangir Municipality" in Bid Identification No. BGR R&B/19/2018-19 is hereby **cancelled** because of minimum bids not received.

**Sd./- Executive Engineer, Balangir (R&B) Division, Balangir**

34028/11/0054/1819

ଶିକ୍ଷା ଅଧିକାର

SARVA SIKHYA ABHIYAN

## RTE-SSA, GANJAM, CHATRAPUR

Ph.: (06811) 260833, Fax: 262799
Email: dpcganjamssa.opepa@nic.in

Letter No. 409 Dated 25.01.19

**SHORT TENDER CALL NOTICE FOR PRINTING OF REPORT CARD, 2018-19**

Sealed tenders under two bid systems are invited from the reputed offset printers having valid TIN, PAN, GST, Registration of firm etc for printing and supply of CCE manual and report card 2018-2019 (Class I to VIII). The tender papers (bid documents) containing detailed specification with terms and conditions, application of technical bid & application of financial bid can be obtained by downloading from the Ganjam district website i.e. **http://ganjam.nic.in** and OPEPA website **http://opepa.in** or may be obtained from our office from 25.01.19 to 12.02.19 during working day by paying Rs. 500/- in shape of DD. In case of downloading the tender paper from website, the bidders are required to submit Demand Draft of Rs. 500/- (Rupees five hundred only) towards cost of tender paper along with the application of technical bid drawn in favour of Dist. Project Coordinator, SSA, Ganjam, Chatrapur. Last date and time for receive of tender paper is **12.02.19** at **5.00 PM** and the same will be opened on **13.02.19** at **3.00 PM** in the Office of the SSA, Ganjam in presence of tenderers or their authorized representatives. The authority reserves the right to reject any or all the tenders without assigning any reason thereof.

By the order of Collector-cum-Chairman
**Sd./- District Project Coordinator**
**RTE-SSA, Ganjam**

## ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି, ଜିଲ୍ଲା-ଗଜପତି

**ବିଜ୍ଞାପନ**

ଏତଦ୍ୱାରା ଗଜପତି ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକୃତ କରିଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୧୮-୧୯ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ୪୧ ଗୋଟି ସେବା ସମବାୟ ସମିତି ମାଧ୍ୟମରେ ଆସନ୍ତା ୧୨।୧୨।୨୦୧୮ଠାରୁ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କଠାରୁ ସିଧାସଳଖ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚାଷୀ ଭାଇ ଓ ଭଉଣୀମାନେ ନିଜ ନିଜ ଅଞ୍ଚଳରେ ଥିବା ସେବା ସମବାୟ ସମିତି ସମ୍ପାଦକଙ୍କ ସହିତ ଯୋଗାଯୋଗ କରି ନିଜର ବଳକା ଧାନ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରି କରିପାରିବେ। ଯେଉଁ ଚାଷୀ ଭାଇ ଓ ଭଉଣୀମାନେ ପଞ୍ଜୀକରଣ କରିନାହାନ୍ତି ନିକଟସ୍ଥ ସେବା ସମବାୟ ସମିତିରେ ପଞ୍ଜୀକରଣ କରି ଧାନ ବିକ୍ରୟ କରନ୍ତୁ।

ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଭଲଭାବରେ ଶୁଖିଲା, ସଫାସୁତୁରା କରି ମଣ୍ଡିକୁ ଆଣିବା ସମୟରେ ପୂର୍ବରୁ ପଞ୍ଜୀକୃତ ସମୟରେ ଦେଇଥିବା ପରିଚୟପତ୍ର ତଥା ଭୋଟର ପରିଚୟପତ୍ର, କିଷାନ କ୍ରେଡିଟ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଓ ଆଧାର କାର୍ଡକୁ ନିଜ ସହିତ ପୂର୍ବାହ୍ନ ୯ ଘଟିକାଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଧାନ ବିକ୍ରୟ ପାଇଁ ଆଣିବେ।

**ଚଳିତ ୨୦୧୮-୧୯ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

ସାଧାରଣ ଧାନ ଟ.୧,୭୫୦.୦୦ ପ ପ୍ରତି କୁଇଣ୍ଟାଲ
ଗ୍ରେଡ୍ ଏ ଧାନ ଟ.୧,୭୭୦.୦୦ ପ ପ୍ରତି କୁଇଣ୍ଟାଲ

**ଚଳିତ ଖରିଫ ୨୦୧୮-୧୯ ବର୍ଷ ପାଇଁ (FAQ) ଧାନର କ୍ରୟ ସକାଶେ ନିମ୍ନ ମାନଦଣ୍ଡ ରହିବା ବିଧେୟ**

| | ବାହ୍ୟ ପଦାର୍ଥ | ସର୍ବୋଚ୍ଚ ସୀମା |
|---|---|---|
| ୧. | ମାଟି, ଗୋଡ଼ି, ବାଲି, ପଥର ଓ ଧୂଳି ଆଦି ଅଜୈବିକ ପଦାର୍ଥ | ୧% |
| ୨. | କାଠି, କୁଟା, ଧୂସ, ଅଗାଡ଼ି, ପୋଲ ଆଦି ଜୈବିକ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗ, ପାଣିଫୁଲା, ପୋଲ (ଖରାପ, ପାଣିଫୁଲା, ପୋକା ୪ ଶତକଡ଼ା ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ | ୩% |
| ୫. | ଗ୍ରେଡ୍ ଏ ଧାନ (ସରୁଧାନ)ରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ପ୍ରତ୍ୟେକ ସେବା ସମବାୟ ସମିତି କାର୍ଯ୍ୟାଳୟଠାରେ ମଣ୍ଡିର କ୍ରୟ ବାର ବିଷୟରେ ଉଲ୍ଲେଖ କରାଯାଇଅଛି। ଏଣୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସବିଶେଷ ବିବରଣୀ ନିକଟରେ ଥିବା ସେବା ସମବାୟ ସମିତି ସମ୍ପାଦକ ସହ ଯୋଗାଯୋଗ କରନ୍ତୁ।

**"ସଫା, ଶୁଖିଲା, ସମରଙ୍ଗୀ ଓ ସମଆକାର ଧାନ ଆଣନ୍ତୁ, ସରକାରୀ ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ"**

**ସମ୍ପାଦକ,
ନିୟନ୍ତ୍ରିତ ବଜାର କମିଟି,
ପାରଳାଖେମୁଣ୍ଡି**

**ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି,
ପାରଳାଖେମୁଣ୍ଡି**

ଯୋଗାଯୋଗ: ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍: **06815222153**, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପାରଳାଖେମୁଣ୍ଡି: **06815222210**

GOVERNMENT OF ODISHA

## OFFICE OF THE EXECUTIVE ENGINEER, RURAL WORKS DIVISION, SUNDARGARH

E.Mail: rw_sundargarh@yahoo.co.in

No.1475-O:- **E-PROCUREMENT NOTICE**

**BID IDENTIFICATION NO. ONLINE-EESNG-06 of 2018-19**

1. Name of the Work : Building works
2. Total No. of works : 11 Nos. Buildings
3. Estimated cost : Rs. 6.20 lakhs to Rs. 33.51 lakhs
4. Class of contractor : 'D', 'C' & 'B'
5. Period of completion : 03 calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-06 of 2018-19 | 28.01.2019 10.00 AM | 11.02.2019 05.00 PM |

Further details can be seen from the website www.tendersorissa.gov.in.

25046/11/0007/1819 **Sd./- Executive Engineer, Rural Works Division, Sundargarh**

## PANCHAYAT SAMITI, KOREI

**DETAILED TENDER CALL NOTICE**

No. 189 Dt.22.01.2019

1. Sealed percentage rate bids are invited by Panchayat Samiti, Korei in single cover from contractor registered with the state government and contractors of equivalent grade / class registered with other state Government / Central Government / MES / Railways mentioned in column no.5 in tender call notice for execution of civil works on production of definite proof from the appropriate authority in prescribed form for following works as mentioned below.

| Sl. No. | Name of the work | Approx. estimated cost (In Rs.) | EMD (In Rs.) | Class of contractor | Cost of tender paper (in Rs.) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Assistant Executive Engineer Quarter of Korei Block | 12,11,123.00 | 12,200.00 | 'D' & 'C' | 6000.00 | Four calendar months |

2. The sale of the bid document shall start from the date of publication in Newspaper during office hours in the Office of the Panchayat Samiti, Korei, Jajpur.
3. Bids shall be received in the Office of the Panchayat Samiti, Korei, Jajpur till **Dt.02.02.2019 upto 5.00 PM through Registered Post / Speed Post** only. The authority will not be held responsible for postal delay in the delivering of the documents or non-receipt of the same.
4. The tender will be opened in the Office of the Panchayat Samiti, Korei, Jajpur at 11.30 AM, on 05.02.2019 in presence of the bidders or their authorizerd representative.
5. The bid documents can be had from the Office of the Panchayat Samiti, Korei, Jajpur in person on application and payment of cost of bid documents in **demand draft / bankers cheque drawn in favour of B.D.O., Korei, Jajpur payable at S.B.I. Panikoili**. The bid document can be downloaded from the official website of Jajpur District (**http://www.jajpur.nic.in**). In case of downloaded bid document the cost of bid document should be attached with the bid. The cost of bid document is not refundable. The envelope containing bid document should be **"superscribed with tender call notice number- 189 / 22.01.2019"**.
6. The undersigned reserves the right to negotiate or reject any or all the tenders in the interest of the Govt. with or without assigning any reason thereof. Any dispute in this matter will be settled up under the Jurisdiction of Jajpur District. **(The bids of the defaulting contractors of this block those who have not completed the work in time are liable for rejection).**

**Sd./- Block Development Officer, Korei**

idco | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-4018/18-19/313 **Dated :- 19.01.2019**

**TENDER CALL NOTICE**

| | |
|---|---|
| **Name of the Work** | : Power supply to different equipments inside the Civil Engineering Laboratory of the Government College of Engineering, Keonjhar. (Part-I) |
| **Estimated Cost of the Work** | : Rs.4,38,992.00 |
| **Period of Completion** | : 15 days. |
| **EMD Amount** | : Rs. 4,000.00 |
| **Cost of Bid Document** | : Rs. 2,000.00 + 360.00 (GST@18%) |
| **Date of Availability of Tender** | : 29.01.2019 to 01.02.2019 up to 11.00 hrs to 16.00 hrs. |
| **Last Date of Submission of Tender** | : Upto 15.00 Hrs. of 06.02.2019. |
| **Date of Opening of Tender** | : At 16.00 Hrs. on 06.02.2019. |
| **Procurement Officer** | : Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.K. Dash, Manager (Electrical) at Tel. No. (0674) 2541766 during office hours.

**Sd/-**
**D.H. (Electrical), IDCO, Bhubaneswar**

## NOTICE

No. 952 Date : 25.01.2019

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

In pursuance to Advt. No 11810 dt-28/12/2018 of CDMO, Bargarh, the database of compliance of Objection, database of provisionally shortlisted candidates based on career assessment, rejected list of candidates and list of Candidates for appearing Competency Based Skill Test ( CBST) for both the post of Staff Nurse and Addl.ANM has been uploaded in official website of Bargarh District www.bargarh.nic.in. **Only the provisionally shortlisted candidates for CBST are requested to report at 9.00 A.M positively on dt- 29/01/2019 for the post of Addl.ANM only and on 29/01/2019 and dt-30/01/2019 for the post of Staff Nurse at DHH, Bargarh (as per the date mentioned against each).** The candidates should also bring original documents for verification along with a set of Xerox copy of all documents. The Candidature of the candidates will be rejected if they fail to attend CBST as per the schedule or fail to produce any original documents.

**Sd/- Chief District Medical & PHO cum District Mission Director, NHM, Bargarh**

## OFFICE OF THE DIVISIONAL FOREST OFFICER, BHADRAK WILDLIFE DIVISION

**AT/PO/PS-CHANDBALI, DISTRICT-BHADRAK, PIN-756133**
**Tender Notice No. 36/ 1F(WL)-274/ 2019, Dated 22nd January 2019**

**Tender Call Notice**

**No.146-MM:-** Sealed bids in prescribed format in 2 bid systems i.e. Technical bid & financial bid are invited from Original Equipment Manufacturers(OEM)/ Authentic & Authorized Registered Firms having experience in this field for

**Supply & Installation of VHF network to this division at various locations.**

The eligibility criteria and detailed specifications are available in the tender document. The tender document and other details are available in the website www.odishaforest.in and www.wildlife.odisha.gov.in. The last date of receipt of bids is 11.02.2019 by 04.00 PM.

**Sd./- Divisional Forest Officer**
**Bhadrak Wildlife Division**

08079/11/0005/1819

## OFFICE OF THE EXECUTIVE ENGINEER RWSS DIVISION, BHUBANESWAR

**PLOT NO. 1214 (P), AT: TAPOVAN**
**P.O: KHANDAGIRI, BHUBANESWAR – 30**
**Tel- (0674) 2384108, E-Mail: eerwss_bbsr@nic.in**
**Govt. of Odisha e-Procurement Notice**
**Bid Identification Notice No. 50 of 2018-19**

**No.1458-O:-** The Executive Engineer, RWS&S Division, Bhubaneswar on behalf of Governor of Odisha invites percentage bid though e-procurement in double cover system according to norm of e-procurement.

| | | |
|---|---|---|
| 1. | Nature of Work | Repairing and replacement of damaged G.I. / PVC pipeline and construction of stand post, replacement of Valve Chambers & installation of source for different RPWS scheme |
| 2. | No. of Tender | 10 Nos. |
| 3. | Tender Paper Cost | Rs.. 4000 to Rs.6000.00 |
| 4. | Value of Work | From 5.50 Lakhs to 13.29 lakhs |
| 5. | Class of Contractor | "C" & "D" |
| 6. | Date & time of availability of Bid document in portal | 30-01-2019 4.00 P.M. to 08-02-2019 Up to 3.00 P.M. |
| 7. | Date & Time of seeking tender clarification | 30.01-2019 4.00 P.M. to 05-02-2019 Up to 3.00 P.M. during office hour |
| 8. | Date & Time of opening of tender | 11.02.2019 at 11.00 A.M. in the O/O E.E., RWSS Divn., Bhubaneswar |
| 9. | Time of Completion | 30 days |
| 10. | The bidders have to participate in online bidding only. Further details can be seen from the web site : https://www.tendersorissa.gov.in. corrigendum if any shall only be published above web site | |
| 11. | The Bid cost and EMD to be deposited through online | |

**EXECUTIVE ENGINEER**
25011/11/0035/1819 **RWS&S DIVISION, BHUBANESWAR**

## OFFICE OF THE MUNICIPAL COUNCIL, TITILAGARH

**No. 17 Dated 24.01.2019**

**"e"- Tender Notice**

**BID Identification No. MUN-TIG No. 006/2018-19**

Bid Documents consisting of work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Name of the work | : | Civil Construction works as mentioned in website |
| 2. | No. of works | : | 17 Nos. |
| 3. | Estimated Cost | : | 1.94 laksh to 13.39 lakhs |
| 4. | Period of Completion | : | 60 Days to 120 Days |
| 5. | Date & Time of availability of Bid Documents in the Portal | : | From 25.01.2019, 11.00 AM to 02.02.2019, 5.00 PM. |
| 6. | Last date & time for receipt of bids in the portal | : | On 02.02.2019 at 5.00 PM |
| 7. | Last date & time for deposit of Fees & Documents (in sealed envelope) at Office | : | On 05.02.2019 at 12.00 PM |
| 8. | Bids received online shall be opened on | : | On 06.02.2019 at 11.00 AM |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details can be seen from the procurement portal i.e. https://tendersodisha.gov.in.

**Sd./- Executive Officer**
**Titilagarh Municipality**

## OFFICE OF THE EXECUTIVE ENGINEER RWS&S DIVISION, BHANJANAGAR-761126

**Phone No.06821-241026 (O)/241079(R) Fax No- 06821-241026/240056 e-mail: eerwss_bnj@ori.nic.in**
**<eerwssbnj2009@gmail.com**

**1478-O:- Govt of Orissa "e" Procurement Notice**
**Bid Identification No. E.E._RWS&S_ 26/2018-19**

| | | | |
|---|---|---|---|
| 1. | The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN. | | |
| 2. | Nature of Work | : | Rural Piped Water Supply Schemes. |
| 3. | No. of Tender | : | 06 Nos. |
| 4. | Tender Paper Cost | : | Rs. 6000 to Rs.10000/- |
| 5. | Tender Cost | : | Lakhs to Lakhs |
| 6. | Class of Contractor | : | 'B' Class to 'A' Class |
| 7. | Date and Time of availability of bid document in the portal | : | dt 29.01.2019 at 11.00 AM to 08.02.2019 up to 5.00 PM |
| 8. | Date of Opening of Bid | : | dt. 11.02.2019 at 11.00 AM |
| 9. | Period of completion | : | 180 (One hundred eighty) days |
| 10. | The bidders have to participate in online bidding only. Further details can be seen from the website https://tendersorissa.gov.in. | | |

**Sd/- dt.14.01.2019**
**Executive Engineer**
25021/11/0016/1819 **RWS&S Division Bhanjanagar**

## Government of Odisha
## Sports & Youth Services Department

**C-1, Nayapalli, Bhubaneswar-751012, Phone No.: 0674-2396715, Fax: 0674-2536723, Email: Sports&ys@yahoo.co.in**
**No. SYS-SH-SH-0011-2017 870/ SYS., BBSR. Dated: 25.01.19**

**TENDER CALL NOTICE**

**FOR SUPPLY OF WRESTLING, WEIGHTLIFTING, FOOTBALL, TABLE TENNIS & ARCHERY EQUIPMENTS**

**No.10-TT:-** Sealed tenders are invited by Sports & Youth Services Department, Government of Odisha, C-1, Nayapalli, Bhubaneswar-751012 from reputed manufacturers/ Firms or their authorized Dealers/Distributors/ Stockiest for supply of Wrestling, Weightlifting, Football, Table Tennis & Archery equipments. The detail information in this regard may be downloaded from the Sports & Youth Services Department website www.dsysodisha.gov.in.

The tender offer in the prescribed format along with all relevant documents duly signed and sealed must be submitted by 12.02.2019 upto 05.00 PM in Sports & Youth Services Department and which will be opened on 13.02.2019 at 11.0 0 AM in presence of the bidders or their authorized representatives. Tender(s) receivedafter due date & time shall not be accepted. This Department shall not be responsible for delay in postal delivery or any similar reasons.

A pre-bid meeting will be held on 08.02.2019 at 11.00 AM in the Conference Hall of Sports & Youth Services Department. Interested bidders may attend the pre-bid meeting for clarification of doubts, if any.

Sports & Youth Services Department reserves the right to accept or reject all or any bid without assigning any reason thereof.

Contact Person
Sri S. Sahu
Asst. Director (Sports)
Mobile: 9437374017

**Sd./- Director-cum-Addl. Secretary**
**Sports & Y.S. Department**

29001/11/0075/1819

## THE ODISHA MINING CORPORATION LIMITED

**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

OMC | ODISHA NEW OPPORTUNITIES
No. CAD-1326

## SHORT TENDER CALL NOTICE NO. 03/OMC/ROG/C/18-19

Sealed Tenders in the prescribed form in conformity with D.T.C.N. to be eventually drawn up in OMC F-2 Agreement are invited from the eligible class of contractor, Registered with State PWD/CPWD/Railways/ Govt. Undertaking having EPF registration & GSTIN for the following works:-

| Sl. No. | Name of the works | Estimated Cost (In Lakhs) | Time period of the work | Class of Contractor | E.M.D in D.D. (in INR) | Cost of Bid document (in INR) |
|---|---|---|---|---|---|---|
| 1. | Provision of Concrete pavement tile in front of Old & VIP Guest house at G.I.O.M. in the dist. of Keonjhar. | 4.10 Lacs | Two months | D & C | Rs. 4100.00 | 2000.00 + 18% GST |
| 2. | Construction of 01 no. D.G Shed at Weigh Bridge No. 04 & 14 of Gandhamardan Iron Ore Mines in the dist. of Keonjhar. | 2.25 Lacs | Two months | D & C | Rs. 2250.00 | 2000.00 + 18% GST |
| 3. | Construction of 01 no. D.G Shed at Weigh Bridge No. 05 of Gandhamardan Iron Ore Mines in the dist. of Keonjhar. | 2.18 Lacs | Two months | D & C | Rs. 2180.00 | 2000.00 + 18% GST |
| 4. | Repair & renovation of Old drain at Base camp colony of G.I.O.M. | 4.25 Lacs | Two months | D & C | Rs. 4250.00 | 2000.00 + 18% GST |
| 5. | Construction of C.C. Road (20 Mtrs.) at Ichinda Zero point to Ichinda Chhak road of G.I.O.M. | 4.20 Lacs | Two months | D & C | Rs. 4200.00 | 2000.00 + 18% GST |
| 6. | Construction of 9 nos M.S Platform with Stair for providing facilities for Air & Dust quality at different stations of G.I.O.M. in Block 'B'. | 2.64 Lacs | Two months | D & C | Rs. 2640.00 | 2000.00 + 18% GST |
| 7. | Provision of Crate boulder masonry for Weigh bridge no. 04 of Hill Top mines, Gandhamardan in the dist. of Keonjhar. | 4.82 Lacs | Two months | D & C | Rs. 4820.00 | 2000.00 + 18% GST |
| 8. | Construction of work shop with driver rest room near Parking plaza at Jagar, Gandhamardan Iron Ore mines in the district of Keonjhar. | 4.90 Lacs | Two months | D & C | Rs. 4900.00 | 2000.00 + 18% GST |

02* SALE/ AVAILABLE OF TENDER PAPER:-Tender paper shall be available from OMC web site i.e. www.orissamining.com / www.omcltd.in from 01.02.2019. The agency has to download the tender paper and submit along with the cost of tender paper (DD/pay order in favour of OMC Limited payable at Bank of India, Suakati). The intending tenderers are required to produce the original valid Contract license, EPF Registration documents, PAN and GSTIN on scrutiny.

03* EARNEST MONEY DEPOSIT:-Earnest Money is to be deposited in shape of pay order/Demand draft in favour of OMC Limited payable on Bank Of India at Suakati.

04* SUBMISSION OF TENDER:-The tender documents will be received in the office of the Sr. Manager (Civil), OMC Limited, Gandhamardan up to 4.00 P.M on 05.02.2019.

05* DATE AND TIME OF OPENING OF TENDER: - The tender shall be opened at 4.30 P.M on the same day i.e. 05.02.2019 in presence of tenderers or their authorized representatives in the office of the Sr. Manager (Civil), Gandhamardan Iron Ore Mines.

06* Failure to deposit of required amount of Cost of tender paper, EMD, other required documents, and non-signing of DTCN by the Agency, are liable for rejection.

07* The Authority reserves the right to reject any or all the tenders without assigning any reason thereof.

30005/11/0166/1819 **Sd/- SR. MANAGER (CIVIL)**

## ସଂକ୍ଷେପରେ

### ମୃତ ହରିଣ ଉଦ୍ଧାର

**ରଘୁନାଥପୁର, ୨୫ ।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ପଣ୍ଡିଆସାହି ଗ୍ରାମ ପଛପାର୍ଶ୍ୱରେ ଥିବା ବିଲରୁ ଏକ ମୃତ ହରିଣକୁ ବନ ବିଭାଗ କର୍ମଚାରୀ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଥିବା ଫରେଷ୍ଟର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କଠାରୁ ସୂଚନା ମିଳିଛି। ଶୁକ୍ରବାର ପୂର୍ବାହ୍ନରେ ଏକ ହରିଣ ମରି ପଡିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ସାମନ୍ତରାୟ, ସୁକାନ୍ତ କୁମାର ବେହେରା, ବାନାମ୍ବର ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉକ୍ତ ସ୍ଥାନରେ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରିଥିଲେ। ଭିଏସ୍ଏସ୍ ଗଗନ ଚରଣ ନାୟକ ହରିଣ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲ ପରିସରରେ ପୋତି ଦିଆଯାଇଛି।

### ଗାଁ ସାଥୀଙ୍କୁ ପ୍ରଶାସନର ଉପେକ୍ଷା

**ବାଲିଆ,୨୫।୧:** ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ଗାଁ ସାଥିମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି। ବିରିଡ଼ି ବ୍ଲକ ଗାଁ ସାଥି ସଂଘ ସଭାପତି ବିପିନି ନାୟକ, ଜୟନ୍ତ ମୁଦୁଲି, ଡଲି ସେଠୀ, ସୁବ୍ରତ ପାଣିଗ୍ରାହୀ, ବିଜ୍ଞାନ ସିଂ, କଲ୍ୟାଣ ସିଂ, ସେକ ରାଜା, ବୈଜୟନ୍ତିବାଳା ବାରିକ, ଆଦିତ୍ୟ ରାଉତ, ଅହଲ୍ୟା ପାତ୍ର ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଗାଁ ସାଥିମାନେ ଏମଜିଏନ୍ଆରଇଜିଏସ୍ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ ମଧ ସରକାର ସେମାନଙ୍କ ପ୍ରତି ଉପେକ୍ଷା କରୁଛନ୍ତି। ଏହାକୁ ନେଇ ସେମାନେ ଦୀର୍ଘଦିନ ଧରି ଆନ୍ଦୋଳନ କରିଆସୁଛନ୍ତି। ସରକାର ଗତ ୧୧।୧।୧୯ରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ଗ୍ରାମସାଥିଙ୍କୁ ମାସକୁ ମାତ୍ର ୧୦ଦିନ ବା ବର୍ଷକୁ ମାତ୍ର ୧୦୦ଦିନର କାର୍ଯ୍ୟ କରିବାର ଅନୁମତି ଦିଆଯିବ। ଜଣେ ବ୍ୟକ୍ତି ମାତ୍ର ୧୦ ଦିନ କାର୍ଯ୍ୟ କରି ମାସ ତମାମ ପରିବାର ଚଳାଇବା ସମ୍ଭବ ନୁହେଁ। ତେଣୁ ସେମାନଙ୍କୁ ମାସକୁ ୩୦ଦିନର କାମ ଯୋଗାଇ ଦେବାକୁ ସଂଘ ଦାବି କରିଛି। ଏଥିସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ସେମାନଙ୍କୁ ସାମିଲ କରିବାକୁ ଦାବି ହୋଇଛି।

# ୩୦୬ କୁଇଣ୍ଟାଲ ଧାନ ବୋଝେଇ ଟ୍ରକ ଗାଏବ

- ମିଲର ପାଖରେ ପହଞ୍ଚିଲାନି ଟ୍ରକ
- ଟ୍ରକ ନମ୍ବର, ଡ୍ରାଇଭର ଲାଇସେନ୍ସ ଜାଲ
- ଟଙ୍କା ପାଇବାକୁ ନେଇ ଚିନ୍ତାରେ ଚାଷୀ

**ବିରିଡ଼ି,୨୫।୧(ଡି.ଏନ.ଏ.)**

ଜଗତ୍ସିଂହପୁର ଜିଲା ଅଢଙ୍ଗଗଡ଼ ପ୍ରାଥମିକ କୃଷି ସମବାୟ ସମିତି ଧାନମଣ୍ଡିରେ ଗତ ୨୧ ତାରିଖରେ ୧୦ ଜଣ ଚାଷୀ ୩୦୬ କୁଇଣ୍ଟାଲ ୯୧ କିଗ୍ରା ଧାନ ବିକ୍ରି କରିଥିଲେ। ସେହି ଧାନକୁ ବରଗଡ଼ର ଏକ ମିଲର ପାଖକୁ ଟ୍ରକ ଯୋଗେ ପଠାଯାଇଥିଲା। କିନ୍ତୁ ୪ ଦିନ ବିତିଥିଲେ ସୁଦ୍ଧା ଟ୍ରକଟି ମିଲରଙ୍କ ପାଖରେ ନ ପହଞ୍ଚି ବାଟରେ ଗାଏବ ହୋଇଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ମିଲରଙ୍କ ଏଜେଣ୍ଟ ସୁବାସ ଚନ୍ଦ୍ର ସାହୁ ବିରିଡ଼ି ଥାନାରେ ଗୁରୁବାର ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସୋମବାର ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଖୋଲିଥିଲା। ଧାନ ନେବା ପାଇଁ ବରଗଡ଼ ଜିଲାର ଜିନ୍ଦଲ ପ୍ୟାରୀ ପ୍ରୋସେସର ମିଲର ଏଜେଣ୍ଟ ଓଡି୦୫-ଏଜି-୪୩୨୫ ନମ୍ବର ଟ୍ରକ ଆଣି ଆସିଥିଲେ। ଗାଡିରେ ୪୩୯ ବସ୍ତା ଅର୍ଥାତ୍ ୩୦୬ କୁଇଣ୍ଟାଲ ୯୧ କିଗ୍ରା ଧାନ ବୋଝେଇ କରାଯିବା ପରେ ଟ୍ରକଟି ଗନ୍ତବ୍ୟସ୍ଥଳକୁ ବାହାରିଥିଲା। ଟ୍ରକଟି ମିଲ୍‌ରେ ପହଞ୍ଚିବା ପାଇଁ ୧୨ରୁ ୧୫ ଘଣ୍ଟା ସମୟ ନେବା କଥା। କିନ୍ତୁ ୪ ଦିନ ମଧ୍ୟରେ ଟ୍ରକ୍‌ଟି ମିଲ୍‌ରେ ନ ପହଞ୍ଚିବାରୁ ମିଲର ସନ୍ଧାନ କରିଥିଲେ। ଶେଷରେ ଟ୍ରକ ନମ୍ବର ଓ ପଞ୍ଜୀକରଣ ପୁସ୍ତିକା ସହ ଡ୍ରାଇଭର ଲାଇସେନ୍ସ ସମ୍ପୂର୍ଣ୍ଣ ଜାଲ ବୋଲି ଜଣାପଡ଼ିଲା। ତେଣୁ ଏହା ଏକ ସୁପରିକଳ୍ପିତ ଲୁଟ ହୋଇଥିବାରୁ ମିଲର ବାଧହୋଇ ପୋଲିସ ସହାୟତା ନେଇଛନ୍ତି। ଅନ୍ୟପକ୍ଷରେ ଧାନ ବିକ୍ରୟ ବାବଦ ଅର୍ଥ ୫ ଲକ୍ଷ ୩୭ ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଆସିନାହିଁ। ତେଣୁ ଚାଷୀ ବଂଶୀଧର ବେହେରା, ବୀରକିଶୋର ବେହେରା, ପଟେଲ ଓଝା, ଇନ୍ଦ୍ରମଣୀ ନାୟକ, ସୁରଥ ବରାଳ, ଅଶୋକ ରାୟ, ବିଶ୍ୱନାଥ ଜେନା, ଭରତ ବେହେରା, ନୀଳକଣ୍ଠ ବେହେରା ଓ ଗୋଲେଖ ଚନ୍ଦ୍ର ସାହୁ ପ୍ରମୁଖ ଚିନ୍ତାରେ ପଡ଼ିଛନ୍ତି। ତଦନ୍ତ ଆଳରେ ଅର୍ଥ ଦିଆ ନ ଗଲେ ସମସ୍ତ ଚାଷୀ ଜଗତ୍ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଧମକ ଦେଇଛନ୍ତି। ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ବିଜୟାନନ୍ଦ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ମିଲର ଗାଡ଼ି ପଠାଇବାରୁ ଧାନ ଦିଆଯାଇଥିଲା। ତେଣୁ ମିଲର ଟଙ୍କା ଦେବେ ବୋଲି ବେହେରା କହିଛନ୍ତି।

### ଜାହାଜରେ ଲୁଣ ପରିବହନକୁ ନେଇ ବିବାଦ

# ରାସ୍ତାରେ କଣ୍ଟେନର ଅଟକ

**ପାରାଦୀପ,୨୫।୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦରରେ ପୁଣି ଏକଛତ୍ରବାଦ ନୀତିକୁ ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଗୁଜୁରାଟରୁ ଜାହାଜରେ ଆସିଥିବା ଲୁଣ ବିଭିନ୍ନ ସ୍ଥାନକୁ ପରିବହନ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର କେତେକ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଲୁଣ କଣ୍ଟେନର ବୋଝେଇ ଏକ ଟ୍ରେଲରକୁ ଅଧା ରାସ୍ତାରେ ଅଟକାଇ ଗାଡି କାଗଜପତ୍ର ଛଡ଼ାଇ ନେଇଛନ୍ତି। ଏନେଇ ଲୁଣ ଯୋଗାଣ କରିଥିବା କଲିକତାର ଆସ୍ଥା ସଲ୍ଟ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଶୁକ୍ରବାର ସନ୍ଧ୍ୟାରେ ଲକ୍ ଥାନାରେ ଅଭିଯୋଗ କରିଛି। ଏହାର ତଦନ୍ତ ଆରମ୍ଭ ହୋଇଛି ବୋଲି ଏଏସପି ବିଷ୍ଣୁ ଚରଣ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସ୍ଥଳପଥରେ ଲୁଣ ପରିବହନ ହେଉଥିଲା। ତେବେ ସାଗରମାଳା ପ୍ରକଳ୍ପ ଅଧୀନରେ ୧୫ ଦିନ ହେଲା ଜଳପଥରେ ଲୁଣ ପରିବହନ ଆରମ୍ଭ ହୋଇଛି। ପାରାଦୀପ ବନ୍ଦରକୁ ଦ୍ୱିତୀୟଥର ପାଇଁ ଏକ ଜାହାଜରେ ଲୁଣ ଆସିଛି। ଏହାର ଓଡ଼ିଶା ଆମଦାନୀକାରୀ ସଂସ୍ଥା ହେଲା କଟକର ଗୋପୀନାଥ ଭଣ୍ଡାର। ବନ୍ଦରରୁ କଣ୍ଟେନର ଯୋଗେ ଏହି ଲୁଣ ଓଡ଼ିଶାର ବିଭିନ୍ନ ବଜାରକୁ ପରିବହନ କରିବାକୁ ବ୍ୟବସ୍ଥା ହୋଇଛି। ଏହାକୁ ସ୍ଥାନୀୟ କେତେକ ଟ୍ରକ୍ ମାଲିକ ସଂଘ ବିରୋଧ କରିଛନ୍ତି। ଶୁକ୍ରବାର ସେମାନେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଚୂନ ରାଜପଥ ପାଖରେ କଣ୍ଟେନର ଅଟକାଇ କାଗଜପତ୍ର ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ସୋମବାର ଆଉ ଏକ ଲୁଣ ଜାହାଜ ଲାଗିବାକୁ ଥିବାବେଳେ ଏପରି ଗାଡି ଅଟକକୁ ନେଇ ତାହା ବାତିଲ ହୋଇଛି। ଏପରି ଘଟଣା ବନ୍ଦର ଓ ଜିଲା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏନେଇ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଜିଲାପାଳ ଓ ଏସପିଙ୍କ ସହ ସନ୍ଧ୍ୟାରେ ଆଲୋଚନା କରିଛନ୍ତି।






ଧରିତ୍ରୀ DHARITRI
ଶନିବାର, ୨୬ ଜାନୁୟାରୀ, ୨୦୧୯



" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇନ ପ୍ରବର୍ତ୍ତନ ସଂସ୍ଥା ମାଧମରେ ତାଙ୍କ ରାଜନୈତିକ ଲଢ଼େଇ ଲଢୁଛନ୍ତି।
-ଅରବିନ୍ଦ କେଜ୍‌ରିୱାଲ,
ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ୧୪୯ଜଣଙ୍କୁ ସାହସିକତା ପଦକ

**ନୂଆଦିଲ୍ଲୀ,୨୫।୧(ପି.ଟି.):** ନିଷ୍ଠା ଓ ସଚ୍ଚୋଟତାର ସହ ଦାୟିତ୍ୱ ନିର୍ବାହ କରିଥିବା ୮୫୫ ପୋଲିସ ଏବଂ ଅର୍ଦ୍ଧସାମରିକ ବଳର ଯବାନଙ୍କୁ ପୋଲିସ ପଦକରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜମ୍ମୁ-କଶ୍ମୀର, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷାରେ ନିୟୋଜିତ ୧୪୯ ଯବାନଙ୍କୁ ସାହସିକତା ପଦକ ପ୍ରଦାନ କରାଯାଇଛି। ସିଆରପିଏଫ୍‌କୁ ସର୍ବାଧିକ ୪୪, ଓଡ଼ିଶା ପୋଲିସକୁ ୨୬, ଜମ୍ମୁ-କଶ୍ମୀର ପୋଲିସକୁ ୨୫ ଏବଂ ଛତିଶଗଡ଼କୁ ୧୪ ପଦକ ମିଳିଛି। ସେହିପରି ଅନ୍ୟର ଜୀବନ ରକ୍ଷା କରିଥିବା ୪୮ଜଣଙ୍କ ମଧ୍ୟରୁ ୮ଙ୍କୁ ସର୍ବୋତ୍ତମ, ୧୫ଙ୍କୁ ଉତ୍ତମ ଏବଂ ୨୫ଙ୍କୁ ଜୀବନ ରକ୍ଷା ପଦକ ଦିଆଯିବାକୁ ଘୋଷଣା ହୋଇଛି।

### ୧୯ ସେନା ଅଧିକାରୀଙ୍କୁ ସର୍ବଶ୍ରେଷ୍ଠ ସାମରିକ ପଦକ

**ନୂଆଦିଲ୍ଲୀ,୨୫।୧(ପି.ଟି.):** ସେନା ମୁଖ୍ୟ ଜେନରାଲ୍ ବିପିନ ରାୱତଙ୍କ ସମେତ ୧୯ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବଶ୍ରେଷ୍ଠ ସାମରିକ ପରମ ବିଶିଷ୍ଟ ସେବା ପଦକ (ପିଭିଏସ୍‌ଏମ୍) ଏବଂ ଜାଟ୍ ରେଜିମେଣ୍ଟର ମେଜର ତୁଷାର ଗୌବା ଓ ୨୨ ରାଷ୍ଟ୍ରୀୟ ରାଇଫଲ୍ସର ସୋୱର ବିଜୟ କୁମାରଙ୍କୁ କୀର୍ତ୍ତି ଚକ୍ର, ୯ ସେନା ଯବାନଙ୍କୁ ଶୌର ଚକ୍ର ପୁରସ୍କାର ଘୋଷଣା କରାଯାଇଛି।

### ଅଯୋଧ୍ୟା ମାମଲା
### ୫ଜଣିଆ ବେଞ୍ଚ୍ ଗଠିତ

**ନୂଆଦିଲ୍ଲୀ,୨୫।୧:** ଅଯୋଧ୍ୟା ରାମମନ୍ଦିର ବିବାଦୀୟ ସ୍ଥଳ ମାମଲାର ଶୁଣାଣି ନେଇ ସୁପ୍ରିମ୍‌କୋର୍ଟ ଶୁକ୍ରବାର ୫ ବିଚାରପତିଙ୍କ ଏକ ନୂଆ ବେଞ୍ଚ୍ ଗଠିତ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ.ବୋବ୍‌ଡେ, ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୁଡ, ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଜଷ୍ଟିସ୍ ଏସ୍.ଅବଦୁଲ ନଜିରଙ୍କୁ ନେଇ ଗଠିତ ଏହି ବେଞ୍ଚ୍ ୨୦୧୦ରେ ମାମଲା ଉପରେ ଆଲ୍ଲାହାବାଦ୍ ହାଇକୋର୍ଟ ଦେଇଥିବା ରାୟ ଉପରେ ଶୁଣାଣି କରିବେ। ଏ ନେଇ ପୂର୍ବରୁ ଗଠିତ ବେଞ୍ଚ୍‌ରୁ ଜଷ୍ଟିସ୍ ଉଦୟ ଉମେଶ ଲଲିତ୍ ଓହରିଯିବା ପରେ ଏହି ନୂଆ ବେଞ୍ଚ୍ ଗଠନ କରାଯାଇଛି।

### ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିପାକ୍ଷିକ ଆଲୋଚନା

**ନୂଆଦିଲ୍ଲୀ,୨୫।୧(ପି.ଟି.):** ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ଶୁକ୍ରବାର ଦୁଇଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ନେଇ ଆଲୋଚନା ହୋଇଛି। ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ଦ୍ୱିପାକ୍ଷିକ ଆଲୋଚନାଚକ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାମାଫୋସା ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ସମ୍ପର୍କକୁ ନୂଆ ଦିଗ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଭାରତ, ଦକ୍ଷିଣ ଆଫ୍ରିକାର ପ୍ରମୁଖ ସହଯୋଗୀ ଦେଶ ବୋଲି ରାଷ୍ଟ୍ରପତି ରାମାଫୋସା କହିଥିଲେ। ମୋଦି ଭାରତ-ଦକ୍ଷିଣ ଆଫ୍ରିକା ବାଣିଜ୍ୟିକ ପ୍ରତିନିଧି ଦଳଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଭାରତ ବିଶ୍ୱର ୫ମ ଆର୍ଥିକ ପ୍ରଗତିଶୀଳ ଦେଶ ହେବାକୁ ଯାଉଛି।

# ହୁଡ଼ାଙ୍କ ଘରେ ସିବିଆଇ ଚଢ଼ାଉ



ଭୂପିନ୍ଦର ସିଂ ହୁଡ଼ା

- ଏକସଙ୍ଗେ ୩୦ଟି ସ୍ଥାନରେ ଛାନ୍‌ଭିନ
- କଂଗ୍ରେସ କହିଲା ଷଡ଼ଯନ୍ତ୍ର
- ତଦନ୍ତକାରୀ ଅଧିକାରୀଙ୍କୁ ଚେତାବନୀ

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଗୁରୁଗ୍ରାମ ଜମି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ାଙ୍କ ଘର ଉପରେ ଚଢ଼ାଉ କରିଛି। ଏହା ସରକାରଙ୍କ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ଅଭିଯୋଗ କରିଛି। ସିବିଆଇ ପକ୍ଷରୁ ଏକସଙ୍ଗେ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳର ୩୦ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ କରି ସେମାନେ ତାଙ୍କୁ ଚୁପ୍ କରିଦେଇ ପାରିବେ ନାହିଁ ବୋଲି ହୁଡା କହିଛନ୍ତି। ଏହା ତାଙ୍କ ବାପାଙ୍କ ବିରୋଧରେ ଏକ ରାଜନୈତିକ ଷଡଯନ୍ତ୍ର ବୋଲି ଭୂପିନ୍ଦରଙ୍କ ପୁଅ ଦୀପେନ୍ଦ୍ର ହୁଡ଼ା କହିଛନ୍ତି।

ଗୁରୁଗ୍ରାମର ୧୪୦୭ ଏକର ଜମି ଅଧିଗ୍ରହଣ ଏବଂ ଏହାର ୯୫ ଭାଗ ଜମିକୁ ଘରୋଇ ବିଲ୍ଡରଙ୍କୁ ଦିଆଯିବା ଘଟଣାରେ ଅନିୟମିତତା ଅଭିଯୋଗ ହୋଇଥିଲା। ୨୦୧୭ ନଭେମ୍ବର ୧ରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

୨୦୦୫ରେ ନ୍ୟାଶନାଲ ହେରାଲ୍ଡର ପ୍ରକାଶନ ସଂସ୍ଥା ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ବେଆଇନ ଭାବେ ଜମି ପୁନଃ ଆବଣ୍ଟନ ମାମଲାରେ କିଛି ସପ୍ତାହ ପୂର୍ବରୁ ହୁଡାଙ୍କୁ ପଞ୍ଚକୁଲା ସିବିଆଇ କୋର୍ଟ ଜାମିନ ମଞ୍ଜୁର କରିବା ପରେ ଗୁରୁଗ୍ରାମ ଜମି ଦୁର୍ନୀତି ମାମଲାରେ ଏହି ଚଢ଼ଉ କରାଯାଇଛି। ଆସନ୍ତା ୨୮ ତାରିଖରେ ଜିନ୍ଦ୍ ଉପନିର୍ବାଚନ ଲାଗି ହୁଡା କଂଗ୍ରେସ ପ୍ରାର୍ଥୀ ରଣଦୀପ୍ ସୂର୍ଜେୱାଲାଙ୍କ ପ୍ରଚାର କରୁଥିଲେ। ତେବେ ରାଜନୈତିକ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର ଅଧିକାରୀ ଏଥିପାଇଁ ଉତ୍ତରଦାୟୀ ରହିବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି କଂଗ୍ରେସ ଚେତାବନୀ ଦେଇଛି। ତଦନ୍ତକାରୀ ସଂସ୍ଥାର ଏଭଳି କାର୍ଯ୍ୟ ଦେଶର ଗଣତନ୍ତ୍ର ଲାଗି ବିପଦ ବୋଲି କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା କହିଛନ୍ତି। ବିରୋଧୀ ଦଳର ବରିଷ୍ଠ ନେତାମାନଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚଢ଼ାଉ କରାଯାଉଛି। ହୁଡାଙ୍କ ମର୍ଯ୍ୟାଦା ହାନି ଉଦ୍ଦେଶ୍ୟରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଥିବା ଶର୍ମା ଅଭିଯୋଗ କରିଛନ୍ତି'। ସାଧାରଣ ନର୍ବାଚନ ଆଉ ଅଳ୍ପଦିନ ଥିବାବେଳେ ଏଭଳି ଚଢ଼ାଉ ପଛରେ ପ୍ରଧାନମନ୍ତ୍ରୀ ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ କଳୁଷିତ ମନୋବୃତ୍ତି ସ୍ପଷ୍ଟ ବୋଲି ସେ କହିଛନ୍ତି। ସେମାନେ ଭାରତକୁ ଏକ ପୋଲିସ ରାଷ୍ଟ୍ରରେ ପରିଣତ କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ରାଜସ୍ଥାନ ଏବଂ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇକୁ ବ୍ୟବହାର କରିଥିଲେ ବାଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ଆଇନର ଊର୍ଦ୍ଧ୍ୱକୁ ଯାଇ କାର୍ଯ୍ୟ ନ କରିବାକୁ କଂଗ୍ରେସ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନଙ୍କୁ ଚେତାବନୀ ଦେଇଛି। କାରଣ କୌଣସି ସରକାର ଚିରସ୍ଥାୟୀ ନୁହେଁ। ସରକାର ବଦଳିବ। ଏଥିସହିତ ଉକ୍ତ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବାକୁ ହେବ ବୋଲି ଶର୍ମା କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଓ ପତ୍ନୀ ଶେପୋ ମୋଟସେପେଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିନନ୍ଦନ ଜଣାଉଛନ୍ତି। ପାଖରେ ଫାଷ୍ଟ ଲେଡି ସବିତା କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଅଛନ୍ତି। ରାମାଫୋସା ୭୦ତମ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହୋଇଛନ୍ତି।

### ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ବାର୍ତ୍ତା
## ବହୁଳବାଦ ଦେଶର ବଡ଼ ଶକ୍ତି

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଭାରତର ୭୦ତମ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଆଗାମୀ ଲୋକ ସଭା ନିର୍ବାଚନରେ ସମସ୍ତେ ମତଦାନ ଭଳି ପବିତ୍ର କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଛନ୍ତି। ଦେଶ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ। ଆଜିର ନିଷ୍ପତ୍ତି ଓ କାର୍ଯ୍ୟ ଏକବିଂଶ ଶତାବ୍ଦୀର ଅବଶିଷ୍ଟ ଦିନ ପାଇଁ ଭାରତକୁ ନୂଆ ରୂପ ଦେଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଭାରତ ସବୁ ଧର୍ମ, ବର୍ଗ ଓ ସମ୍ପ୍ରଦାୟର। ବହୁଳବାଦ ଏହାର ସବୁଠୁ ବଡ଼ ଶକ୍ତି ଏବଂ ବିଶ୍ୱ ପାଇଁ ଉଦାହରଣ ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତୀୟ ମଡେଲ ବିବିଧତା, ଗଣତନ୍ତ୍ର ଏବଂ ବିକାଶର ତ୍ରିପଦୀ ଉପରେ ଅବସ୍ଥାପିତ। ଏହି ତିନୋଟିରୁ କୌଣସି ଗୋଟିଏକୁ ପ୍ରାଧାନ୍ୟ ଦେଲେ ଚଳିବ ନାହିଁ। ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେବାକୁ ହେବ। ସାଧାରଣ ବର୍ଗର ମେଧାବୀ ତଥା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସରକାର ୧୦ % ସ୍ଥାନ ସଂରକ୍ଷଣ ଲାଗି ସମ୍ବିଧାନ ସଂଶୋଧନ କରିଛନ୍ତି। ଏହା ମହାତ୍ମା ଗାନ୍ଧୀଙ୍କର ତଥା ଆମ ସ୍ୱପ୍ନର ଭାରତ ଲାଗି ଆଉ ଏକ ବଡ଼ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି। ସମସ୍ତଙ୍କ ବିକାଶ ବିନା ଦେଶର ବିକାଶ ସମ୍ପୂର୍ଣ୍ଣ ନୁହେଁ ବୋଲି ସେ କହିଛନ୍ତି। ବିକଶିତ ଭାରତ ଗଢ଼ିବା ଏବଂ ଦେଶବାସୀଙ୍କ ଆକାଂକ୍ଷା ପୂରଣ କରିବା ଯାତ୍ରାରେ ନିର୍ବାଚନ ଏକ ମାଇଲଖୁଣ୍ଟ। ଭାରତ ଇତିମଧ୍ୟରେ ଦୀର୍ଘପଥ ଅତିକ୍ରମ କରିଛି। ତଥାପି ଆହୁରି ଅନେକ ବାଟ ଯିବାକୁ ଅଛି ଏବଂ ଅନେକଙ୍କ ଆଖିରୁ ଲୁହ ପୋଛିବାର ଅଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାକୁ ପ୍ରଥମ ଥର ମନରେ ରଖିବାକୁ ହେବ ଯେ, ଭାରତ ଏବେ ଦାରିଦ୍ର୍ୟ ଦୂରୀକରଣର ଦ୍ୱାରଦେଶରେ। ଅଧିକରୁ ଅଧିକ ଲୋକଙ୍କ ପାଖରେ ଔଷଧ ଏବଂ ମେଡିକାଲ ଉପକରଣ ସହଜଲଭ୍ୟ ହୋଇପାରିଛି। ବହୁସଂଖ୍ୟାରେ ଭାରତୀୟଙ୍କ ପାଖରେ ଏବେ ଆଧୁନିକ ପରିମଳ ଏବଂ ବିଦ୍ୟୁତ ସୁବିଧା ଥିବା ଉପଯୁକ୍ତ ଘର ରହିଛି। ଭିତ୍ତିଭୂମିର ଯଥେଷ୍ଟ ବିକାଶ ହୋଇଛି। ସରକାର ଅସୁବିଧାକୁ କ୍ରମାଗତ ଭାବେ ସୁବିଧାରେ ପରିବର୍ତ୍ତନ ଜାରି ରଖିଛନ୍ତି। ସମାଜରେ ଲିଙ୍ଗଗତ ସମାନତା ସୃଷ୍ଟି ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି।

### ସାଧାରଣ ବର୍ଗ ଗରିବଙ୍କୁ ୧୦% କୋଟା
## ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ,୨୫।୧(ପି.ଟି.)**



ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ସରକାରୀ ନିଯୁକ୍ତି ଏବଂ ଶିକ୍ଷାକ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି କେନ୍ଦ୍ରର ଏନଡିଏ ସରକାର ନେଇଥିବା ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ତେବେ ଏହି କୋଟା ପାଇଁ ସରକାର ସମ୍ବିଧାନରେ କରିଥିବା ସଂଶୋଧନର ବୈଧତାକୁ ଯାଞ୍ଚ କରିବା ଲାଗି ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ସାଧାରଣ ବର୍ଗ ଗରିବଙ୍କୁ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ଲାଗି ସମ୍ବିଧାନ (୧୦୩ତମ ସଂଶୋଧନ) ଅଧିନିୟମ, ୨୦୧୯ର ବୈଧତାକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ କେତେଗୁଡ଼ିଏ ପିଟିଶନ୍ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଉକ୍ତ ପିଟିଶନ୍ ଉପରେ ସରକାରଙ୍କୁ ନୋଟିସ୍ ଜାରି କରି ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା କୋର୍ଟରେ ହଜାର ହୋଇ ପିଟିଶନ୍ ଶୁଣାଣିଯୋଗ୍ୟ ନୁହେଁ ବୋଲି କହିବା ସହିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଲାଗିବା ଉଚିତ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ। ଜନହିତ ଅଭିଯାନ ଏବଂ ୟୁଥ୍ ଫର୍ ଇକ୍ୱାଲିଟି ଭଳି ସଂଗଠନ ପକ୍ଷରୁ ସରକାରଙ୍କ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇଥିଲା। ନିର୍ବାଚନ ବର୍ଷରେ ସାଧାରଣ ବର୍ଗର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସରକାର କୋଟା ବ୍ୟବସ୍ଥା କରିଛନ୍ତି।

## ଫୁର୍‌ସତ

### 'ଜୟ ହୋ' ର ଦଶବର୍ଷ ପୂର୍ତ୍ତି

**ରହମନ୍‌ଙ୍କୁ ଶ୍ରେୟ ଦେଲେ ଗୁଲ୍‌ଜାର**

**ଜୟପୁର:** ବିଶିଷ୍ଟ ସଂଗୀତଜ୍ଞ ଏ.ଆର. ରହମନ୍‌ଙ୍କ ଅବଦାନ ବିନା ଲୋକପ୍ରିୟ ଗୀତ 'ଜୟ ହୋ' ସମ୍ମାନଜନକ ଓସ୍କାର ପୁରସ୍କାର ପାଇ ନ ଥାନ୍ତା ବୋଲି ବିଶିଷ୍ଟ କବି-ଗୀତିକାର ଗୁଲଜାର ଶୁକ୍ରବାର ପ୍ରକାଶ କରିଛନ୍ତି। ୨୦୦୯ ଜାନୁୟାରୀ ୨୨ରେ ଭାରତରେ ଏହା ରିଲିଜ ହୋଇଥିବା ବେଳେ ଏହା ୧୦ବର୍ଷ ପୂରଣ କରିଛି। 'ସ୍ଲମ୍‌ଡଗ୍ ମିଲିୟନେୟାର' ପାଇଁ ରହମନ 'ଜୟ ହୋ' ଗୀତର ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଏହା ହେଉଛି ପ୍ରଥମ ହିନ୍ଦୀ ଗୀତ ଯାହା ବେଷ୍ଟ ଅରିଜିନାଲ ସ୍କୋର ଏବଂ ବେଷ୍ଟ ଅରିଜିନାଲ ସଙ୍ଗ୍ କ୍ୟାଟିଗୋରିଜ୍‌ରେ ଏକାଡେମୀ ଆୱାର୍ଡ ପାଇପାରିଛି। ଗୁଲଜାରଙ୍କ ରଚିତ ଗୀତକୁ କଣ୍ଠରେ ସଜାଇଥିଲେ ସୁଖୱିନ୍ଦର ସିଂ। ଏ.ଆର. ରହମନ୍‌ଙ୍କ ବଳିଷ୍ଠ ସଂଗୀତ ନିର୍ଦ୍ଦେଶନା ଗୀତକୁ ମନୋମୁଗ୍ଧକର କରିଥିଲା ଏବଂ ଏହା ପୁରସ୍କାର ଜିଣିପାରିଥିଲା। ଗୀତ ଲେଖିବା ଅପେକ୍ଷା ଏହାକୁ ସଂଗୀତ ରୂପ ଦେବା କଷ୍ଟକର।

## ଚନ୍ଦ୍ରରେ ପୃଥିବୀର ପୁରାତନ ଶିଳା

**ସିଡ୍‌ନୀ:** ଆପୋଲୋ ୧୪ ମିଶନ୍ ଦ୍ୱାରା ସଂଗୃହୀତ ଚନ୍ଦ୍ର ନମୁନାକୁ ବିଶ୍ଳେଷଣ କରାଯିବା ପରେ ସେଠାରେ ପୃଥିବୀର ଖଣ୍ଡେ ଶିଳା ମିଳିଥିବା ବୈଜ୍ଞାନିକମାନେ କହିଛନ୍ତି। ପୃଥବୀରେ ଉଲ୍‌କାପାତ କିମ୍ବା ଧୂମକେତୁ ମାଡ଼ ଯୋଗୁ ଖଣ୍ଡେ ପଥର ଚନ୍ଦ୍ରପୃଷ୍ଠକୁ ଛିଟିକି ପଡିଥିବା ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ୪ଶହ କୋଟି ବର୍ଷ ପୂର୍ବେ ପୃଥିବୀର ଖଣ୍ଡେ ଶିଳା ଚନ୍ଦ୍ରପୃଷ୍ଠରେ ପଡିରହିଥିବା ଅନୁମାନ କରାଯାଉଛି। 'ନାସା'ସ୍ ସେଣ୍ଟର ଫର୍ ଲୁନାର ସାଇନ୍ସ ଆଣ୍ଡ ଏକ୍ସପ୍ଲୋରେଶନ୍ (ସିଏଲ୍‌ଏସ୍‌ଇ) ନେତୃତ୍ୱାଧୀନ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ଟିମ୍ ଗବେଷଣା କରି ଜାଣିପାରିଛନ୍ତି ପାଖାପାଖି ୪ଶହ କୋଟି ବର୍ଷ ତଳେ



ପୃଥିବୀର ଏକ ଶିଳାଖଣ୍ଡ ଚନ୍ଦ୍ରରେ ମାଡ଼ ହୋଇଥିଲା। ସେତେବେଳେ ପୃଥିବୀ ଓ ଚନ୍ଦ୍ର ମଧ୍ୟରେ ଦୂରତା ବର୍ତ୍ତମାନ ଦୂରତାର ଏକ ତୃତୀୟାଂଶ ଥିଲା। ସଂଗୃହୀତ ନମୁନା ପରୀକ୍ଷା କରିବାରୁ ଜଣାଯାଏ, ୨ଗ୍ରାମ ପଥରଗୁଣ୍ଡରେ କ୍ୱାର୍ଜ, ଫେଲ୍ଡସ୍ପାର ଏବଂ ଜିର୍‌କନ୍ ରହିଛି। ତେବେ ଏହି ଉପାଦାନ ପୃଥିବୀରେ ପ୍ରଚୁର ପରିମାଣରେ ଥିବାବେଳେ ଚନ୍ଦ୍ରପୃଷ୍ଠରେ ସାଧାରଣତଃ ଦେଖାଯାଏ ନାହିଁ। ଏଭଳି ଏକ ନିଷ୍କର୍ଷ ପୃଥିବୀର ଗଠନ ଓ ଜୀବନ ଉତ୍ପତ୍ତି କାଳରେ ପୃଥିବୀ କିପରି ପରିବର୍ତ୍ତିତ ହେଲା ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇପାରିବ ବୋଲି ସିଏଲ୍‌ଏସ୍‌ଇସ୍ଥିତ ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଡେଭିଡ ଏ. କ୍ରିଙ୍ଗ୍ ପ୍ରକାଶ କରିଛନ୍ତି।

### ଇତିହାସର ଆଇନାରେ
### ଜାନୁୟାରୀ ୨୬ର ପ୍ରମୁଖ ଘଟଣା

୧୯୬୫ ଜାନୁୟାରୀ ୨୬ରେ ହିନ୍ଦୀ ଭାରତର ସରକାରୀ ଭାଷା ହେଲା। ହିନ୍ଦୀକୁ ଦେବନାଗରୀ ଲିପିରେ ଲେଖାଯାଏ। ଏହା ଭାରତର ସରକାରୀ ଭାଷା ମଧ୍ୟରୁ ଅନ୍ୟତମ। ରିପବ୍ଲିକ ଅଫ୍ ଇଣ୍ଡିଆର ୨୨ଟି ଅନୁସୂଚିତ ଭାଷା ମଧ୍ୟରୁ ଏହା ଅନ୍ୟତମ। କିନ୍ତୁ ଏହା ଭାରତର ଜାତୀୟ ଭାଷା ନୁହେଁ। କାରଣ ଭାରତୀୟ ସମ୍ବିଧାନରେ କୌଣସି ଭାଷାକୁ ଏପରି ମାନ୍ୟତା ଦିଆଯାଇ ନାହିଁ।

୧୯୫୦ ଜାନୁୟାରୀ ୨୬ରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା। ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲେ। ୨୬ ଜାନୁୟାରୀକୁ ସାଧାରଣତନ୍ତ୍ର ଦିବସ ଭାବରେ ପାଳନ କରିବାର କାରଣ ହେଉଛି ୧୯୩୦ ଏହି ଦିବସରେ ଭାରତୀୟ ଜାତୀୟ କଙ୍ଗ୍ରେସ ଦ୍ୱାରା ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ (ପୂର୍ଣ୍ଣ ସ୍ୱରାଜ) ଘୋଷଣା କରାଯାଇଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୧.୭ |
| ଚାନ୍ଦବାଲି | ୨୮.୪ | ୧୬.୦ |
| କଟକ | ୨୯.୦ | ୧୪.୬ |
| ପାରାଦ୍ୱୀପ | ୨୭.୩ | ୧୭.୫ |
| ଭୁବନେଶ୍ୱର | ୨୩.୯ | ୧୫.୦ |
| ଗୋପାଳପୁର | ୨୯.୦ | ୧୬.୯ |
| ପୁରୀ | ୨୬.୬ | ୧୬.୮ |
| ଅନୁଗୋଳ | ୨୯.୭ | ୯.୬ |
| ବାରିପଦା | ୨୭.୪ | ୧୨.୮ |
| ଝାରସୁଗୁଡ଼ା | ୨୭.୮ | ୧୪.୦ |
| କେନ୍ଦୁଝର | ୨୭.୬ | ୧୦.୦ |
| ସମ୍ବଲପୁର | ୨୯.୪ | ୧୪.୦ |
| ସୁନ୍ଦରଗଡ଼ | ୨୬.୦ | ୧୦.୦ |
| ହୀରାକୁଦ | ୨୯.୬ | ୧୫.୨ |
| ତାଳଚେର | ୩୧.୬ | ୧୦.୬ |
| ଭବାନୀପାଟଣା | ୨୯.୨ | ୧୫.୦ |
| ବଲାଙ୍ଗୀର | ୨୯.୦ | ୧୩.୬ |
| କୋରାପୁଟ | ୨୭.୮ | ୧୩.୬ |
| ଫୁଲବାଣୀ | --- | ୯.୩ |
| ଟିଟିଲାଗଡ଼ | --- | ୧୨.୦ |
| ମାଲକାନଗିରି | ୩୩.୦ | ୧୬.୦ |
| ସୋନପୁର | ୨୯.୬ | ୧୧.୬ |
| ଦାରିଙ୍ଗିବାଡ଼ି | ୨୬.୫ | ୧୧.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## 'ପିଏମ୍ ନରେନ୍ଦ୍ର ମୋଦି'ରେ ବୋମାନ ଇରାନୀ



**ମୁମ୍ବାଇ:** ବିଶିଷ୍ଟ ଅଭିନେତା ବୋମାନ ଇରାନୀ ଆଗାମୀ ବାୟୋପିକ୍ ଫିଲ୍ମ 'ପିଏମ୍ ନରେନ୍ଦ୍ର ମୋଦି'ରେ ବିବେକ ଆନନ୍ଦ ଓବେରୟଙ୍କ ସହ ଅଭିନୟ କରିବେ। ସେ ଏକ ବିବୃତିରେ କହନ୍ତି, ଏଭଳି ଏକ ଉଲ୍ଲେଖନୀୟ ଫିଲ୍ମରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ। ସନ୍ଦୀପ ସିଂ ଏହାର ପ୍ରଯୋଜନା ଦାୟିତ୍ୱରେ ଥିବାବେଳେ ଓମୁଙ୍ଗ କୁମାର ଏବଂ ଓବେରୟଙ୍କୁ ନେଇ ଏକ ସୁଦୃଢ଼ ଟିମ୍ ଗଢ଼ିଉଠିଛି। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ଉଲ୍ଲେଖନୀୟ ଯାତ୍ରାରେ ସାମିଲ ହେବା ଗୌରବର ବିଷୟ ବୋଲି ସେ ମନେକରନ୍ତି। ପ୍ରଯୋଜକ ସନ୍ଦୀପ ସିଂଙ୍କ କହିବାନୁଯାୟୀ, ବୋମାନ ଉକ୍ତ ପ୍ରକଳ୍ପରେ ଏକ ବହୁ ପ୍ରତ୍ୟାଶିତ ଅଭିଜ୍ଞତା ଏବଂ ଗଭୀର ଜ୍ଞାନର ପରିଚୟ ପ୍ରଦାନ କରିବେ। ଏଭଳି ଜଣେ ଚମକସୃଷ୍ଟିକାରୀ ଅଭିନେତାଙ୍କୁ ପାଇ ଆମେ ଉତ୍ସାହିତ। ଶୁଟିଂ ପାଇଁ ଆଉ ଅପେକ୍ଷା କରିହେବ ନାହିଁ। ଚଳିତମାସ ପ୍ରାରମ୍ଭରେ 'ପିଏମ୍ ନରେନ୍ଦ୍ର ମୋଦି' ଫିଲ୍ମ ପୋଷ୍ଟର ୨୩ଟି ଭାଷାରେ ଲଞ୍ଚ୍ କରାଯାଇଥିଲା। ଗୁଜରାଟର ଅଧିକାଂଶ ସ୍ଥାନରେ ଏବଂ ଦେଶର କେତେକ ଭାଗରେ ଉକ୍ତ ଫିଲ୍ମର ଶୁଟିଂ କରାଯିବ। ଉକ୍ତ ଫିଲ୍ମରେ ନରେନ୍ଦ୍ର ମୋଦିଙ୍କ ଚା ବିକାଠୁ ଆରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିବା ପର୍ଯ୍ୟନ୍ତ ଏକ ସୁଦୀର୍ଘ ଯାତ୍ରା ସ୍ଥାନ ପାଇବ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ସଂକ୍ଷେପରେ

### ବିଜେଡିରେ ମିଶିବା ପରେ ନବଙ୍କୁ ହିସାବ ମାଗିଲା ଭାଜପା

**ଝାରସୁଗୁଡ଼ା ଅଫିସ,୨୫।୧:** ବିଧାୟକ ନବ କିଶୋର ଦାସ ଗୁରୁବାର ଝାରସୁଗୁଡା ବିଜେଡିରେ ଯୋଗ ଦେଇଛନ୍ତି। ଲୋକଙ୍କ ଅନୁରୋଧକ୍ରମେ ସେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଉଛନ୍ତି ବୋଲି କହିଛନ୍ତି । ହେଲେ ତାଙ୍କର ଏହି କଥାକୁ ଭାଜପା ବିରୋଧ କରିଛି। ବିଧାୟକ ନିଜେ ପ୍ରତି ବ୍ଲକରେ ବୈଠକ କରି କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେବା ନେଇ ମତ ଲୋଡ଼ୁଥିଲେ। ତେବେ ଲୋକେ କେଉଁଠି ବିଧାୟକଙ୍କୁ ବିଜେଡିରେ ମିଶିବାକୁ ଅନୁରୋଧ କଲେ ବୋଲି ପ୍ରଶ୍ନ କରିଛନ୍ତି ଭାଜପାର ବରିଷ୍ଠ ନେତା ଦିନେଶ ଜୈନ। ବିଧାୟକଙ୍କୁ ଲୋକେ ଅନୁରୋଧ କରିବା କଥା ମିଛ। ମିଛ କହି ବିଧାୟକ ଜନସାଧାରଣଙ୍କୁ ଅପମାନିତ କରିଛନ୍ତି। ତେଣୁ ସେ ଲୋକଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ ବୋଲି ଭାଜପା ନେତା ଜୈନ ଦାବି କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଛାଡିଥିବା ବିଧାୟକ ଯୋଗେଶ ସିଂ ଏବଂ ଭାଜପା ଛାଡିଥିବା ବିଧାୟକ ଦିଲୀପ ରାୟ ତୁରନ୍ତ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ହେଲେ ଝାରସୁଗୁଡ଼ା ବିଧାୟକ ଦାସ ଭିତ୍ତିପ୍ରସ୍ତର ଫଳକରେ ନାମ ଲେଖାଇବା ପୂର୍ବରୁ ଇସ୍ତଫା ଦେଇ ନ ଥିଲେ। ଫଳକ ଲାଗିବା ପରେ ଇସ୍ତଫା ଦେଇଥିଲେ। ତେଣୁ ବାଚସ୍ପତି ବିଧାୟକଙ୍କ ଇସ୍ତଫାପତ୍ର ଗ୍ରହଣ ନ କରି ତାଙ୍କ ସଭ୍ୟପଦ ରଦ୍ଦ କରନ୍ତୁ ବୋଲି ଭାଜପା ନେତା ଜୈନ ଦାବି କରିଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି କ୍ଷେତ୍ରରେ କୌଣସି ପଦକ୍ଷେପ ନ ନେଇ ବିଧାୟକ ଦାସ କେବଳ ନିଜର ପ୍ରଚାର କରିବାରେ ଲାଗିଛନ୍ତି। ଝାରସୁଗୁଡ଼ାର ଗୋଟିଏ ହେଲେ କଲେଜକୁ ସରକାର ମାନ୍ୟତା ମିଳିନାହିଁ, ସ୍ନାତକୋତ୍ତର ପାଠ୍ୟକ୍ରମ କୌଣସି କଲେଜରେ ଖୋଲିପାରିଲା ନାହିଁ। ଜିଲା ହସ୍ପିଟାଲ ସମେତ ଲଇକେରା, କୋଲାବିରା, କିର୍ମିରା ହସ୍ପିଟାଲରେ ଡାକ୍ତର ନାହାନ୍ତି। ଅଲଟ୍ରାସାଉଣ୍ଡ ଏବଂ ଡିଜିଟାଲ ଏକ୍ସ-ରେ କରିବା ପାଇଁ ଟେକ୍ନିସିଆନ୍ ନାହାନ୍ତି। ତେଣୁ ଏ ଦିଗରେ ବିଧାୟକ କେଉଁ ପଦକ୍ଷେପ ନେଇଛନ୍ତି ବୋଲି ଭାଜପା ନେତା ନରେଶ ନାଏକ ପ୍ରଶ୍ନ କରିଛନ୍ତି। ସେହିପରି ବନ୍ଦ ଶିଳ୍ପ ଖୋଲିବା, ଚାକିରି ହରାଇଥିବା ଯୁବକଙ୍କ ପାଇଁ ନିଯୁକ୍ତି, ବସଷ୍ଟାଣ୍ଡ ନିର୍ମାଣରେ କୋଟି କୋଟି ଟଙ୍କା ବରବାଦର କରାଯାଇଛି। ଏହାର ହିସାବ ଦେବାକୁ ଖବରଦାତା ସମ୍ମିଳନୀରେ ଭାଜପା ନେତା ଦୀପକ ପଟେଲ, ମଙ୍ଗଳ ସାହୁ, ନେତାଜୀ ପଟ୍ଟନାୟକ, ଦିନେଶ ଉପାଧ୍ୟାୟ ପ୍ରମୁଖ ଦାବି କରିଛନ୍ତି। ଭାଜପା କରିଥିବା ଅଭିଯୋଗ ବାବଦରେ ମତାମତ ପାଇଁ ବିଧାୟକ ଦାସଙ୍କୁ ତାଙ୍କ ମୋବାଇଲ ଫୋନ (ନଂ.୯୯୩୭୦୪୨୨୨୨)କୁ ଯୋଗାଯୋଗ କରାଯାଇଥିଲା। ହେଲେ ପ୍ରତିକ୍ରିୟା ମିଳିପାରି ନାହିଁ।

# ୪୩ ଜଣଙ୍କୁ ପୋଲିସ ପଦକ

## ଆଜି ପୁରସ୍କୃତ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧(ବ୍ୟୁରୋ)

ପୋଲିସ ସେବା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ୪୩ ଜଣ ପୋଲିସ ଅଧିକାରୀ ଏବଂ କର୍ମଚାରୀ ପୋଲିସ ପଦକ ପାଇବା ପାଇଁ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ସାହସିକତା ପାଇଁ ୧୧ ଜଣ ମନୋନୀତ ହୋଇଥିବାବେଳେ ବିଶିଷ୍ଟ ସେବା ନିମନ୍ତେ ୪ଜଣ, ଉଲ୍ଲେଖନୀୟ ସେବା ଲାଗି ୧୪ ଏବଂ ଉଲ୍ଲେଖନୀୟ ସେବା ସକାଶେ ରାଜ୍ୟପାଳ ପୋଲିସ ପଦକ ପାଇଁ ୧୪ ଜଣ ଚୟନ ହୋଇଛନ୍ତି। ଶନିବାର ସାଧାରଣତନ୍ତ୍ର ଦିବସ ଅବସରରେ ସୂଚନାଭବନରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ପଦକ ପ୍ରଦାନ କରିବେ।

ଉଲ୍ଲେଖନୀୟ ସେବା ନିମନ୍ତେ ରାଜ୍ୟପାଳ ପୋଲିସ ପଦକ ପାଇବାକୁ ଥିବା ଅଫିସରମାନେ ହେଲେ ସିଆଇଡି ଆଇଜିପି ଅରୁଣ ବୋଥ୍ରା, ଆଇଜିପି 'ଲ ଆଣ୍ଡ ଅର୍ଡର' ଅମିତାଭ ଠାକୁର, ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସୁଦ୍ଧା ସିଂ, କମାଣ୍ଡାଣ୍ଟ ସିକ୍ୟୁରିଟି କାହ୍ନୁରଞ୍ଜନ ପଟ୍ଟନାୟକ, ଗଞ୍ଜାମ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ଇଓଡବ୍ଲ୍ୟୁ ଇନ୍ସପେକ୍ଟର ଆଶିଷ କୁମାର ମିଶ୍ର, ଇନ୍ସପେକ୍ଟର କଟକ ୟୁପିଡି ରଶ୍ମିରଞ୍ଜନ ମହାପାତ୍ର, ସିକ୍ୟୁରିଟି ଉଇଙ୍ଗ ଏସ୍‌ଆଇ ଅରୁଣ ବଳିଆର ସିଂ, କଟକ ୟୁପିଡି ଏସ୍‌ଆଇ ସୁବାସଚନ୍ଦ୍ର ମଲିକ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଏଏସ୍‌ଆଇ ସୁକାନ୍ତ କୁମାର ମହାନ୍ତି, ଝାରସୁଗୁଡା ହାବିଲଦାର ଆଲେକ୍‌ଜାଣ୍ଡର କୁଜୁର, ସ୍ପେଶାଲ ବ୍ରାଞ୍ଚ କନଷ୍ଟେବଳ ଅବକାଶ ଚନ୍ଦ୍ର ପଣ୍ଡା, ଗଞ୍ଜାମ କନଷ୍ଟେବଳ ସୋମନାଥ ସ୍ୱାଇ ଓ କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନଷ୍ଟେବଳ ପବିତ୍ର ମୋହନ ପ୍ରଧାନ।

ସେହିପରି କୋରାପୁଟର ଅତିରିକ୍ତ ଏସ୍‌ପି(ଅପରେଶନ୍) ନିରଞ୍ଜନ ସାହୁ, ଚନ୍ଦକା ଏସ୍‌ଓଜିର ଏସ୍‌ଆଇ ଉମେଶ କୁମାର ସିଂ, ହାବିଲଦାର ଭକ୍ତପ୍ରିୟ ସାହୁ, କନଷ୍ଟେବଳ ଭୀଷ୍ମ କରୁନ, କୋରାପୁଟ ଓଏସ୍‌ଏପି ୩ୟ ବାଟାଲିୟନର ସୌମ୍ୟରଞ୍ଜନ ଦାଶଙ୍କ ସମେତ ୧୧ ଜଣଙ୍କୁ ସାହସିକତା ପାଇଁ ପୋଲିସ ପଦକ ଦିଆଯିବ। ଏହାବ୍ୟତୀତ ବିଶିଷ୍ଟ ସେବା ନିମନ୍ତେ ଇଓଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ସରୋଜ କୁମାର ରଥ, ଅତିରିକ୍ତ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ୪ ଜଣଙ୍କୁ ଏବଂ ଉଲ୍ଲେଖନୀୟ ସେବା ପାଇଁ ଛତ୍ରପୁର ଓଏସ୍‌ଏପି କମାଣ୍ଡାଣ୍ଟ ଉଦୟ କୁମାର ରଥ, ଏସ୍‌ଆଇଡବ୍ଲ୍ୟୁ ଏସ୍‌ପି ଟଙ୍କଧର ପ୍ରଧାନ, ଡେପୁଟି କମିଶନର ଅଫ ପୋଲିସ ଟ୍ରେନିଙ୍ଗ ବିଜୟ କୁମାର ସାହୁ, କଟକ ସିଆଇଡି ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ସମେତ ୧୪ଜଣଙ୍କୁ ପୋଲିସ ପଦକ ପ୍ରଦାନ କରାଯିବ।

### ୨୯ରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

## ଗଜପତିର ଛାତ୍ର ଶୁଭାଶିଷ ମନୋନୀତ

ପାରଳାଖେମୁଣ୍ଡି/ରାମଗିରି, ୨୫।୧(ସ୍ୱ.ପ୍ର./ଡି.ଏନ.ଏ)


ଶୁଭାଶିଷ ଗୌଡ ।

ଆସନ୍ତା ୨୯ତାରିଖରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍'ରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ପାଇଁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ଶୁଭାଶିଷ ଗୌଡ ମନୋନୀତ ହୋଇଛନ୍ତି। ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରଶ୍ନର ଉତ୍ତର ଦେବେ। ଓଡ଼ିଶାରୁ ମନୋନୀତ ହୋଇଥିବା ୧୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଜପତି ଜିଲାରୁ ଶୁଭାଶିଷ ହେଉଛନ୍ତି ଏକମାତ୍ର ଛାତ୍ର । ଏଥିଲାଗି ତାଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଶୁଭାଶିଷଙ୍କ ଘର ଆର୍.ଉଦୟଗିରି ବ୍ଲକର ରାମଗିରି ଗ୍ରାମରେ ହୋଇଥିବାବେଳେ ତାଙ୍କ ବାପା ଅନଘା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

# ନିଶ୍ଚେତକ ଇଞ୍ଜେକ୍‌ଶନ ଦେବା ପରେ ଗର୍ଭବତୀ ମୃତ

ସୋନପୁର,୨୫।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଗର୍ଭବତୀ ସରସ୍ୱତୀ ମେହେର(୧୯)ଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ନିଶ୍ଚେତକ ଇଞ୍ଜେକ୍‌ଶନ ଦେବା ପରେ ଇନାଫିଲେଟିକ୍ ରିଆକ୍ସନ୍ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ପ୍ରକାଶ ଡନସେନା କହିଛନ୍ତି। ଅନ୍ୟପକ୍ଷେ ଡାକ୍ତରଙ୍କ ଅବହେଳା ଯୋଗୁ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଗଲାନି । ଦାୟିତ୍ୱରେ ଥିବା ଡାକ୍ତର ତରବରିଆ ଭାବେ ମୃତଦେହକୁ ମହାପ୍ରୟାଣ ଗାଡିରେ ତାଙ୍କ ଘରକୁ ପଠାଇ ଦେଇଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏପରି ଅଭିଯୋଗ ସାମ୍ନାକୁ ଆସିବା ପରେ ମୃତ୍ୟୁର କାରଣ ସମ୍ପର୍କରେ ଏକ ତିନିଜଣିଆ ଡାକ୍ତରୀ ଟିମ୍ ତଦନ୍ତ କରିବେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ, ଭେଷଜ ବିଶେଷଜ୍ଞ ଓ ଜଣେ ସର୍ଜରୀ ବିଶେଷଜ୍ଞ ଏହି ଟିମ୍‌ରେ ଅଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୋଭା ଚନ୍ଦ୍ର ମେହେର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୀରମହାରାଜପୁର ଥାନା ହନୁମାନପାଲିର ଯଦୁମଣି ମେହେରଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁବାର ପୂର୍ବାହ୍ନ ୯ଟା ୨୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସିଏସ୍ କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏଥିପାଇଁ ରାତି ୮ଟାରେ ଜଣେ ଡାକ୍ତର ସରସ୍ୱତୀଙ୍କୁ ନିଶ୍ଚେତକ ଇଞ୍ଜେକ୍‌ଶନ ଦେଇଥିଲେ। ଇଞ୍ଜେକ୍‌ଶନ ନେବାର ଅଳ୍ପ କିଛି ସମୟ ପରେ ଅଥାତ୍ ୮ଟା୧୦ରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ବିଶେଷଜ୍ଞ ପଦବୀ ପ୍ରଥମରୁ ଖାଲି ପଡିଛି। ସଂପୃକ୍ତ ଡାକ୍ତର ୩ ମାସିଆ ପ୍ରଶିକ୍ଷଣ ନେବା ପରେ ଏହି କାର୍ଯ୍ୟ ନିର୍ବାହ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମୁକୁତି,**
**ବାର ବରଷରେ ହବୁ ପୋଖତି ।**

ବାହାଘରର ୨-୩ବର୍ଷ ଭିତରେ ପିଲାପିଲି ନ ହେଲେ ଅନେକେ ଖରାପ ଭାବନ୍ତି। ବନ୍ଧ୍ୟା ସ୍ତ୍ରୀକୁ ଦେଖିଲେ ଅଶୁଭ ବୋଲି ଭାବନ୍ତି। ଆଡ଼ ଆଖିରେ ବି ଅନାନ୍ତି ନାହିଁ। କଥାରେ କଥାରେ ଆଜିଯାଏ ତ ପିଲାପିଲିର ମା' ହେଲୁନି ଆଉ କେବେ ହବୁ, ପୁଅ ବୁଢ଼ୀ ହୋଇଗଲେ କି ବୋଲି ଟାହିଟାପରା କରିଥାନ୍ତି। ବନ୍ଧ୍ୟା ରହିବା ଏକ ସାମାଜିକ କଳଙ୍କ ବୋଲି ଧରାଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

କଖାରୁ ଫୁଲ ହଳଦିଆ । ତା'ର ବାସନା ନାହିଁ। ଏହି ଫୁଲକୁ କେହି ଫୁଲ ବୋଲି ଗଣତି କରନ୍ତି ନାହିଁ। ପାରୁଡ଼ା ପୋକ ଅସୁନ୍ଦର ଦୁର୍ଗନ୍ଧଯୁକ୍ତ। ହାତରେ ମଳି ହୋଇଗଲେ ହାତ ଗନ୍ଧାଏ। ସେ କଖାରୁ ଫୁଲରେ ବସି ରସ ସଂଗ୍ରହ କରେ। ପରୋକ୍ଷରେ ଅପରଷ୍କାର ତଥା ଯାହାକୁ କେହି ଅନେଇ ନ ଥାନ୍ତି, ତା' ପଛରେ ଧାଇଁ ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବୋହୂଙ୍କ ଜାଲ୍ ଦସ୍ତଖତ କରି ମୃତ ପୁଅଙ୍କ ଜୀବନବୀମା ଟଙ୍କା ହଡ଼ପ: ଶ୍ୱଶୁର ଗିରଫ

ବିଞ୍ଝାରପୁର,୨୫।୧(ଡି.ଏନ.ଏ)

ବୋହୂଙ୍କ ଜାଲ୍ ଦସ୍ତଖତ କରି ମୃତ ପୁଅର ଜୀବନ ବୀମା ବାବଦ ୧୦ ଲକ୍ଷ ଟଙ୍କା ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ଶ୍ୱଶୂର। ଏଭଳି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଧରମପୁର ଗ୍ରାମରେ। ଏହି ଗ୍ରାମର ଚିତ୍ତରଞ୍ଜନ ସାମଲଙ୍କ ପୁଅ ଚିରଞ୍ଜୀବୀ(୩୦) ବର୍ଷକ ତଳେ ସୀମାରେଖା ଜେନାଙ୍କୁ ବିବାହ କରିଥିବା ବେଳେ ସେ ଇଞ୍ଜିନିୟର ଭାବେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୨୭ ନଭେମ୍ବରରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେବା ପରେ କମ୍ପାନୀ ପକ୍ଷରୁ ତାଙ୍କୁ ଜୀବନବୀମା ବାବଦରେ ୧୦ଲକ୍ଷ ଟଙ୍କା ମିଳିଥିଲା। ମାତ୍ର ଏହି ଟଙ୍କାକୁ ଶ୍ୱଶୂର ଚିତ୍ତରଞ୍ଜନ ବୋହୂ ସୀମାରେଖାଙ୍କ ଜାଲ ଦସ୍ତଖତ କରି ଚଞ୍ଚକତା ପୂର୍ବକ ଉଠାଇ ନେଇଥିଲେ। ଏହା ଜାଣି ସୀମାରେଖା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୨୯୮/୧୮) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମାସେ ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ପୋଲିସ ଭୁବନେଶ୍ୱର ନିକଟସ୍ଥ ପାହାଳ ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଗିରଫ କରିଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଅଭିନେତ୍ରୀ ସିମ୍ରନ୍ ମୃତ୍ୟୁ ଘଟଣା

# ଧ୍ରୁବରାଜଙ୍କୁ ୫ ଦିନିଆ ରିମାଣ୍ଡରେ ନେଲା ବୁର୍ଲା ପୋଲିସ

ଝାରସୁଗୁଡ଼ା ଅଫିସ,୨୫।୧

ସମ୍ବଲପୁରୀ ଆଲବମ୍ ଅଭିନେତ୍ରୀ ତଥା ସେଲ୍‌ଫି ବେବୋ ଆଲବମ୍‌ର ନାୟିକା ସିମ୍ରନ୍ ମୌର୍ଯ୍ୟା ମୃତ୍ୟୁ ଘଟଣା ପୁଣିଥରେ ଚର୍ଚ୍ଚା ଘେରକୁ ଆସିଛି। ଗିରଫ ଅଭିଯୁକ୍ତ ତଥା ସିମ୍ରନଙ୍କ ପୁରୁଷବନ୍ଧୁ ଧ୍ରୁବରାଜ ସୁନାଙ୍କୁ ଶୁକ୍ରବାର ବୁର୍ଲା ପୋଲିସ ୫ ଦିନିଆ ରିମାଣ୍ଡରେ ନେଇଛି। ଗତ ଗୁରୁବାର ପୋଲିସ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ନିକଟରେ ରିମାଣ୍ଡ ଆବେଦନ ମଞ୍ଜୁର କରିଥିଲା। ଆସନ୍ତା ୨୯ ତାରିଖରେ ରିମାଣ୍ଡ ଅବଧି ଶେଷ ହେବ। ସେଦିନ ପୋଲିସ ତାଙ୍କୁ କୋର୍ଟରେ ହାଜର କରାଇବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଆଲବମ୍ ଅଭିନେତ୍ରୀ ସିମ୍ରନ୍ ଜାନୁୟାରୀ ୧ ତାରିଖରେ କଳାହାଣ୍ଡି ଜିଲା କେସିଙ୍ଗାରେ ଏକ ଷ୍ଟେଜ୍ ଶୋ'ରେ ଭାଗ ନେଇଥିଲେ। ତା' ପରଦିନ ଅର୍ଥାତ୍ ୨ ତାରିଖରେ ସେ ଝାରସୁଗୁଡ଼ା ଫେରୁଥିଲେ। ହେଲେ ମଧ୍ୟରାତି ଯାଏଁ ସେ ଘରକୁ ଫେରି ନ ଥିଲେ। ଜାନୁୟାରୀ ୩ ତାରିଖରେ ବୁର୍ଲା ବ୍ରିଜ୍ ତଳୁ ସିମ୍ରନଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାକୁ ସିମ୍ରନଙ୍କ ପରିବାର ଲୋକ ହତ୍ୟାକାଣ୍ଡ ବୋଲି ଦର୍ଶାଇବା ସହ ଧ୍ରୁବରାଜଙ୍କୁ ଦୋଷୀ ବୋଲି ଦର୍ଶାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଅଧିକ ଛାନ୍‌ଭିନ୍ ପାଇଁ ଧ୍ରୁବରାଜଙ୍କ ରିମାଣ୍ଡ ଆବେଦନ କରିଥିଲା ବୋଲି ସରକାରୀ ଆଇନଜୀବୀ ସତପାଲ ସିଂହ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### 'ଚୌକିଦାରଙ୍କ ହାତରେ ...

ଓଡ଼ିଶାରେ ଥିବା ତାଙ୍କର କନିଷ୍ଠ ସହଯୋଗୀ ନବୀନ ପଟ୍ଟନାୟକ ମଧ୍ୟ ଚାଷୀଙ୍କ ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଉଛନ୍ତି। ଏଠି ବିଜେଡି ସରକାର ବହୁବର୍ଷରୁ ଶାସନରେ ରହିଛି। ପ୍ରତିଥର କିଛି ନା କିଛି ମିଛ କହିଚାଲିଛି। ମୁଁ ଏଠାରେ ଆପଣମାନଙ୍କୁ ମିଛ କହିବା ପାଇଁ ଆସିନାହିଁ। ପ୍ରତି ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଆସିବ ବୋଲି ସେଭଳି ମିଛ ପ୍ରତିଶ୍ରୁତି ଦେବିନି ବୋଲି କହି ରାହୁଲ ସିଧା ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି।

ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧ୍ୟରେ କୃଷିଋଣ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇଥିଲି। ସେହି ୩ ରାଜ୍ୟର ଚାଷୀ କଂଗ୍ରେସକୁ ସମର୍ଥନ କରି ଭୋଟ୍ ଦେଲେ। ସେଠାରେ କଂଗ୍ରେସ ସରକାର ଗଢ଼ିବାର ୧୦ଦିନ ନୁହେଁ ୨ଦିନ ଭିତରେ କୃଷିଋଣ ଛାଡ କରାଗଲା। ଏହାସହ ଚାଷୀଙ୍କ ଉତ୍ପାଦନ ଶସ୍ୟର ଉପଯୁକ୍ତ ମୂଲ୍ୟ କଂଗ୍ରେସ ଦେଉଛି। ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୫୦୦ଟଙ୍କା ଦେଉଛି। ଚାଷୀମାନଙ୍କୁ ଏହା କଂଗ୍ରେସ ସରକାରଙ୍କ ଦୟା ନୁହେଁ, ତାହା ସେମାନଙ୍କ ହକ୍। ମୋଦି କେତେଜଣ ଶିଳ୍ପପତିଙ୍କ ସାଢେ ୩ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି। ଏଠିକା ମୁଖ୍ୟମନ୍ତ୍ରୀ ସବୁବେଳେ କେତେଜଣ ଶିଳ୍ପପତିଙ୍କୁ ଉପହାର ଦେଇଚାଲିଛନ୍ତି। ଆମେ ସବୁବେଳେ ଦେଶର ଚାଷୀଙ୍କୁ ନ୍ୟାୟ ଦେବାକୁ ପ୍ରୟାସ କରିଛୁ। ତେଣୁ ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଅଛି, ସେଠାରେ ଚାଷୀଙ୍କୁ ନ୍ୟାୟ ଦେଇଛୁ ବୋଲି ସେ କହିଛନ୍ତି। ନିର୍ବାଚନକୁ ଆଉ ମାତ୍ର ୨ରୁ ୩ମାସ ରହିଛି। ଏଠି କଂଗ୍ରେସ ସରକାର ଆସିବାର ୧୦ ଦିନ ମଧ୍ୟରେ ଚାଷୀଙ୍କ ଋଣ ଛାଡ କରିବୁ। ଏହାସହ ଧାନର ଏମ୍‌ଏସ୍‌ପି ୨୬୦୦ଟଙ୍କା ଦେବୁ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବ ଓ ହରିୟାଣା ଚାଷୀଙ୍କ ଜୀବନ ଉପା ସରକାର ବଦଳାଇ ଦେଇଛି। ଓଡ଼ିଶାକୁ ମଧ୍ୟ ଆମେ ସେପରି କରିବାକୁ ଚାହୁଁଛୁ। ଓଡ଼ିଶାରେ ସରକାର ଆସିଲେ ଏଠାର ପ୍ରତ୍ୟେକ ଜିଲା ଓ ବ୍ଲକରେ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ବସାଇବୁ ବୋଲି ସେ କହିଛନ୍ତି।

ଏହା ଏପରି ଏକ ପ୍ରଦେଶ ଯେଉଁଠି ଜଣେ ଆଦିବାସୀ ନିଜ ସ୍ତ୍ରୀଙ୍କ ମୃତଦେହକୁ ପିଠିରେ ବୋହି ୧୦ରୁ ୧୫କିମି ଯାଉଛି କହି ରାହୁଲ ବିଜେଡିକୁ ସମାଲୋଚନା କରିଛନ୍ତି। ଏଠି ଯେଉଁ ଶିଳ୍ପ ବନ୍ଦ ହୋଇପଡିଛି ସେସବୁ ଆମେ ଖୋଲିବା କାମ କରିବୁ। ବେରୋଜଗାରି ସମସ୍ୟା ମଧ୍ୟ ଲୋକମାନଙ୍କ ଚିନ୍ତା ବଢାଇଦେଇଛି। ମୋଦି କହିଥିଲେ, ଦେଶରେ ଭାଜପା ସରକାରକୁ ଆସିଲେ ୨କୋଟି ଯୁବକଙ୍କୁ ନିଯୁକ୍ତି ଦେବେ। ୨୦୨୦ ସୁଦ୍ଧା ନବୀନ ୩୦ ଲକ୍ଷ ଯୁବପିଢିଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬୦ଲକ୍ଷ ଯୁବକ ଓଡ଼ିଶା ବାହାରକୁ କାମ ଖୋଜିବାକୁ ଯାଉଛନ୍ତି। ଏକ ଲକ୍ଷ ୩୧ହଜାର ସରକାରୀ ପଦବୀ ଏଠି ଖାଲି ପଡିଛି। ୩୦ହଜାର ଶିକ୍ଷକ ପଦବୀ ଖାଲି ପଡିଛି। ବିଶ୍ୱବିଦ୍ୟାଳୟରେ ୧୨୦୦ ଶିକ୍ଷକ ପଦବୀ ଖାଲି ପଡିଛି। ଏହା ଓଡ଼ିଶାର ବିକାଶ। କଂଗ୍ରେସ ରାଜ୍ୟ ନେତୃବୃନ୍ଦ ଏବେ ଏକାଠି ହେଲେଣି ଆଗକୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ରାହୁଲ କହିଛନ୍ତି।

### ନବୀନ ସ୍ୱେଚ୍ଛାଚାରୀ: ରାହୁଲ

ଭୁବନେଶ୍ୱର, ୨୫।୧(ବ୍ୟୁରୋ)-ଆଜି ଦିଲ୍ଲୀଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ଏକଛତ୍ରବାଦୀ ଶାସକ ଓ ଅମଲାତନ୍ତ୍ରର ଅତ୍ୟାଚାରରେ ସାଧାରଣ ଜନତାର ସ୍ୱର ମରିଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସାଧାରଣ ଜନତାଙ୍କ ସ୍ୱରକୁ ଉଜ୍ଜୀବିତ କରିବୁ। ଏହାଥିଲା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କର ମନ୍ତବ୍ୟ। ଶୁକ୍ରବାର ଭୁବନେଶ୍ୱରଠାରେ ଏକ ତାରକା ହୋଟେଲରେ ଦୈନିକ ଖବରକାଗଜ ସମାଜ ପକ୍ଷରୁ ଆୟୋଜିତ ବୁଦ୍ଧିଜୀବୀଙ୍କ ସହିତ ମତବିନିମୟ ଅବସରରେ ରାହୁଲ ଏହା କହିଥିଲେ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ସ୍ୱେଚ୍ଛାଚାରୀ ଶାସକ ଏବଂ ନରେନ୍ଦ୍ର ମୋଦିଙ୍କର ଏକ ସଂସ୍କରଣ। ସେ ଅମଲାତନ୍ତ୍ରର ରାଜକୁ ପ୍ରୋତ୍ସାହିତ କରିଚାଲିଛନ୍ତି।

ଜାତୀୟସ୍ତରରେ ଭାରତୀୟ ଜନତା ପାର୍ଟି ଦ୍ୱାରା ହେଉଥିବା ଆରଏସ୍‌ଏସ୍ ପ୍ରୋତ୍ସାହିତ କାର୍ଯ୍ୟ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ। କଂଗ୍ରେସ ଏହାକୁ ପ୍ରତିରୋଧ କରୁଛି ଏବଂ ଏହି କାର୍ଯ୍ୟ ଜାରି ରହିବ।

ଦେଶର ଅର୍ଥନୀତିକୁ ମୁଷ୍ଟିମେୟ ଶିଳ୍ପପତିଙ୍କ ହାତକୁ ମୋଦି ସରକାର ଟେକିଦେଇ କ୍ଷୁଦ୍ର ବ୍ୟବସାୟୀ, କୃଷକ ଏବଂ ମଧ୍ୟବିତ୍ତଙ୍କୁ ବିମୁଦ୍ରୀକରଣ, ଜିଏସ୍‌ଟି ଭଳି ଆଇନ ମାଧ୍ୟମରେ ନିଷ୍ପେଷିତ କରୁଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ।

୨୦୧୯ ନିର୍ବାଚନରେ ଭାଜପା କ୍ଷମତାଚ୍ୟୁତ ହେବ ଏବଂ ସଂଗଠିତ ବିରୋଧୀଦଳମାନେ କ୍ଷମତାସୀନ ହେବେ ବୋଲି ରାହୁଲ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ଚାଷୀଙ୍କୁ ମିଳିଲା...

ଏହି ଯୋଜନା ଓଡ଼ିଶା ଅର୍ଥନୀତି ବିକାଶରେ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଚାଷବାସ ଏବଂ ଚାଷୀ ପରିବାରର ଉନ୍ନତି ହେବ। ମହାପ୍ରଭୁଙ୍କ ଆଶୀର୍ବାଦ, ଚାଷୀ ଭାଇଙ୍କ ସହଯୋଗ ଓ ପରିଶ୍ରମ ଯୋଗୁ ଓଡ଼ିଶା ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ଏବେ ଓଡ଼ିଶା ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସବୁଠୁ ଅଧିକ ଚାଉଳ ଦେଉଛି ଓଡ଼ିଶା । ନିଅଣ୍ଟିଆରୁ ଏକ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଚାଷୀ ଭାଇଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁ ଓଡ଼ିଶା ୫ଥର କୃଷି କର୍ମଣ ପୁରସ୍କାର ପାଇଛି। ଗତ ୪ ବର୍ଷରେ ଜଳସେଚନ ପାଇଁ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ସାରିଛନ୍ତି। ୨୦୧୪ ନିର୍ବାଚନରେ ଅଧିକ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ଏପ୍ରିଲ ସୁଦ୍ଧା ବଳକା ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗରିବି ଆଉ ଓଡ଼ିଶାର ପରିଚୟ ହୋଇ ରହିନାହିଁ। ଦାରିଦ୍ର୍ୟ ହ୍ରାସ କରିବାରେ ଓଡ଼ିଶା ଦେଶରେ ଆଗୁଆ ହୋଇ ପାରିଛି। ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ରାଜ୍ୟର ୮୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ସୀମା ରେଖା (ବିପିଏଲ୍)ଉପରକୁ ଉଠାଯାଇଛି। ଚାଷୀଙ୍କ ପାଇଁ ଯେଉଁ କାଳିଆ ଯୋଜନା କରାଯାଇଛି ତାହା ସାରା ଦେଶର ଏକ ଆଦର୍ଶ ଯୋଜନାରେ ପରିଣତ ହୋଇଛି। ଏହି ଯୋଜନାରେ ସାଧାରଣ, କ୍ଷୁଦ୍ର, ଭାଗଚାଷୀ, ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ସମସ୍ତେ ଏହାର ସୁଫଳ ପାଇବେ। ଖରିଫ ଓ ରବି ଋତୁରେ ଚାଷ ପାଇଁ ୫ ହଜାର ଟଙ୍କା ଲେଖାଏ ସହାୟତା ମିଳିବ। ବିନା ସୁଧରେ ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ଚାଷ କାମ କରିପାରୁ ନ ଥିବା ଚାଷୀ, କୃଷି ଶ୍ରମିକମାନଙ୍କ ଜୀବନ ଜୀବିକା ପାଇଁ ପ୍ରତ୍ୟେକଙ୍କୁ ୧୨,୫୦୦ ଟଙ୍କା ଲେଖାଏ ସହାୟତା ରାଶିର ବ୍ୟବସ୍ଥା ହୋଇଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। କାଳିଆ ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ରାଜ୍ୟର ଜଣେ ବି ଯୋଗ୍ୟ ଚାଷୀ ଏହି ଯୋଜନାରୁ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଛି । କାଳିଆ ଯୋଜନା ଓ ଗତ ଦୁଇ ଦଶନ୍ଧିରେ ବିଭିନ୍ନ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ନେଇ ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ଏଥିରେ ୧୯୯୯ର ମହାବାତ୍ୟାଠାରୁ ଆରମ୍ଭ କରି ବର୍ତ୍ତମାନର କାଳିଆ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୯୯ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ହଜାର ହଜାର ଲୋକ ବେସାହାରା ହୋଇପଡିଥିଲେ। ସେହି ପରିସ୍ଥିତିରେ ୨୦୦୦ ମସିହାରେ ରାଜ୍ୟବାସୀ ସେବା କରିବାର ସୁଯୋଗ ଦେଇଥିଲେ। ଆଗରେ ଥିଲା ଅନେକ ଆହ୍ୱାନ। ରାଜ୍ୟବାସୀଙ୍କ ସହଯୋଗ ହିଁ ଉକ୍ତ ଆହ୍ୱାନର ମୁକାବିଲା ପାଇଁ ସାହସ ଯୋଗାଇଥିଲା। ଖାଦ୍ୟଶସ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା। ବନ୍ୟା ବାତ୍ୟା ସମୟରେ ଲୋକଙ୍କୁ ରିଲିଫ ଦେବା ପାଇଁ ଚାଉଳ ନ ଥିଲା। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ୨୦୦୭ରୁ ପରିସ୍ଥିତି ବଦଳିବା ଆରମ୍ଭ କରିଛି । ଜଳସେଚନରେ ଉନ୍ନତି ସହିତ ବୈଷୟିକ ଜ୍ଞାନର ପ୍ରୟୋଗ ଓ ଋଣ ବ୍ୟବସ୍ଥାରେ ଉନ୍ନତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମହିଳା ସଶକ୍ତୀକରଣ ସମାବେଶ ଭଳି କାଳିଆ ମହାସମାବେଶ ମଞ୍ଚରେ ନ ଥିଲେ କୌଣସି ସରକାରୀ ଅଫିସର, ନେତା କିମ୍ବା ମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ ପୁରୀର ଗନ୍ଧର୍ବ ପରିଡ଼ା, ଦେବଗଡ଼ର ପ୍ରସନ୍ନ ପଟେଲ, କୋରାପୁଟର ତପନ କୁମାର ପଣ୍ଡା ଏବଂ ମୟୂରଭଞ୍ଜର ସଞ୍ଜିତ ମହାନ୍ତି।

### ଚାଷୀଙ୍କୁ ପ୍ରଥମେ କହିବାର ସୁଯୋଗ ବି ମିଳିଥିଲା

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ ଜଣ ଚାଷୀଙ୍କୁ କାଳିଆ ସହାୟତା ମାନପତ୍ର ପ୍ରଦାନ କରିଥିଲେ। ସମାବେଶରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝି, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ସମବାୟ ସଚିବ କ୍ରିଷନ କୁମାର, କୃଷି କମିଶନର ଗଗନ ଧଳ, କୃଷି ସଚିବ ସୌରଭ ଗର୍ଗ, ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା, ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି, ବିଧାୟକ ଦେବାଶିଷ ସାମନ୍ତରାୟ, ସଞ୍ଜୟ ଦାସବର୍ମା, ସମୀର ରଞ୍ଜନ ଦାଶ, ସୁରେନ୍ଦ୍ର କୁମାର ସେଠୀ, ବିଧାୟକ ପ୍ରଦୀପ ମହାରଥୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆକାଶ ଦାସ ନାୟକ, ପ୍ରୀତିରଞ୍ଜନ ଘଡାଇ, ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ସରକାରଙ୍କୁ ...

ତେଣୁ ଏଥିପାଇଁ ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପାଖରେ ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ମାସକ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବ। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବ। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ। ବେଆଇନ ଖାଦାନ ଯୋଗୁ ରୋଗାକ୍ରାନ୍ତ ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି (ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଡଙ୍କାରୀ ପାହାଡ଼ରେ ୧୬ଟି ଖାଦାନରୁ ୨, ୩, ୪, ୫, ୬ ଓ ୧୧ ନମ୍ବର ଖାଦାନ ମାଲିକମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନ ଥିଲେ। ଏନେଇ ସାମାଜିକ କର୍ମୀ ବେହୁରା ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ଏକ ମାମଲା ରୁଜୁ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହାପରେ ଗତ ଅକ୍ଟୋବର ୫ରେ ସିଆର ଅଧ୍ୟକ୍ଷ ସୁରେଶଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ଦଳ ଡଙ୍କାରୀ ଅନୁଧ୍ୟାନ କରି ଫେରିବା ପରେ ଅକ୍ଟୋବର ୧୫ରେ ପୋଲିସ, ଜଙ୍ଗଲ, ରାଜସ୍ୱ, ଏସପିସିବି ଓ ଖଣି ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ସେଠାରେ ୧୪୪ ଧାରା ଜାରି କରିବା ସହିତ ୬ଟି ଖାଦାନକୁ ସିଲ କରାଯାଇଥିଲା । ତେବେ ପୂର୍ବରୁ ଉତ୍ତୋଳିତ ମାଲ ଜବତ ହୋଇ ନ ଥିଲା। ଏବେ ଏନ୍‌ଜିଟି ରାୟ ପରେ ୨୦୦୨ ରୁ ୨୦୧୭ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, କ୍ରମାଗତ ଭାବେ ଡଙ୍କାରୀ ଉପରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରାଯାଉ ନାହିଁ ବୋଲି କହିଛନ୍ତି।

### ପ୍ରଣବ, ନାନାଜୀ ଓ ଭୂପେନ୍‌ଙ୍କୁ ...

ରାଷ୍ଟ୍ରନେତା ଭାବେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଣବଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଦାନ ଲାଗି ମନୋନୀତ କରାଯାଇଛି। ତାଙ୍କର ଜ୍ଞାନ ଏବଂ ବୁଦ୍ଧିମତ୍ତା ସହ କ୍ୱଚିତ୍ ତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ଟୁଇଟ୍ କରିଛନ୍ତି। ସେହିପରି ହାଜାରିକାଙ୍କ ସଙ୍ଗୀତ ବହୁ ପିଢ଼ିର ଲୋକଙ୍କ ଦ୍ୱାରା ଆଦୃତ। ତାଙ୍କ ସଙ୍ଗୀତରୁ ନ୍ୟାୟ, ସଦ୍‌ଭାବନା ଏବଂ ଭ୍ରାତୃଭାବର ବାର୍ତ୍ତା ପରିସ୍ଫୁଟ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭୂପେନଦା'ଙ୍କୁ ଭାରତରତ୍ନ ପାଇଁ ମନୋନୀତ କରାଯାଇଥିବାରୁ ସେ ଆନନ୍ଦିତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ସେହିପରି ଗ୍ରାମାଞ୍ଚଳର ବିକାଶରେ ଦେଶମୁଖଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ସିବିଏସ୍‌ଇ ପରୀକ୍ଷା ପ୍ରସ୍ତୁତି କରୁଥିଲେ...




ଚଳିତବର୍ଷର ସିବିଏସ୍‌ଇ ପରୀକ୍ଷା ଆରମ୍ଭ ହେବାକୁ ଆଉ ମାତ୍ର ସ୍ୱଳ୍ପ ସମୟ ରହିଛି। ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିବାକୁ ସମସ୍ତେ ଉଦ୍ୟମ କରିବା ସ୍ୱାଭାବିକ। ମନରେ ପରୀକ୍ଷାକୁ ନେଇ ଅଯଥା ଭୟ ସୃଷ୍ଟି ହୁଏ। ପରୀକ୍ଷାରେ ଭଲ ପ୍ରଦର୍ଶନ ପାଇଁ ପରିବାର, ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଚାପ ଯୋଗୁ ଛାତ୍ରୀଛାତ୍ରମାନେ ସମସ୍ତ ପ୍ରସ୍ତୁତି ସତ୍ତ୍ୱେ ମଧ୍ୟ ଭଲ ରେଜଲ୍ଟ କରିବାରେ ବିଫଳ ହୁଅନ୍ତି। ତେବେ ପରୀକ୍ଷାକୁ କିଭଳି ସହଜରେ ସାମ୍ନା କରିହେବ ସେ ନେଇ ଛାତ୍ରୀଛାତ୍ରଙ୍କୁ କିଛି ଜରୁରୀ ଟିପ୍ସ ଧ୍ୟାନରେ ରଖିବାକୁ ପଡିବ। ନିଜ ବିଷୟ ମୁତାବକ ସୂଚୀ ତିଆରି କରି ଏନ୍‌ସିଇଆର୍‌ଟି ଦ୍ୱାରା ଜାରି ବହିଗୁଡ଼ିକୁ ଭଲ ଭାବେ ପଢିବା ଆବଶ୍ୟକ। ସିବିଏସ୍‌ଇ ପରୀକ୍ଷାରେ ପ୍ରାୟ ୯୦ ପ୍ରତିଶତ ପ୍ରଶ୍ନ ଏନ୍‌ସିଇଆର୍‌ଟି ପୁସ୍ତକରୁ ଆସିଥାଏ। ପ୍ରତ୍ୟେକ ବିଷୟବସ୍ତୁର ପାଠ୍ୟକ୍ରମ ଅନୁସାରେ ନୋଟ୍ ପ୍ରସ୍ତୁତ କରି ନିୟମିତ ପଢନ୍ତୁ। ଆଉ ପ୍ରତ୍ୟେକ ସପ୍ତାହରେ ପଢିଥିବା ବିଷୟକୁ ପୁନର୍ବାର ଯାଞ୍ଚ କରନ୍ତୁ। ପ୍ରସ୍ତୁତି ଠିକ୍ ହୋଇଛି କି ନା ନିଜକୁ ପରଖନ୍ତୁ। ଏହାଦ୍ୱାରା ପଢିଥିବା ବିଷୟ ଭଲ ଭାବରେ ମନରହିବ। ବହିରେ ଦେଇଥିବା ପ୍ରଶ୍ନପତ୍ରକୁ ପଢିବା ସହ ପୂର୍ବବର୍ଷର ପ୍ରଶ୍ନପତ୍ରକୁ ମଧ୍ୟ ଭଲକରି ଦେଖିନିଅନ୍ତୁ। ଉପରୋକ୍ତ ଟିପ୍ସକୁ ଧ୍ୟାନରେ ରଖି ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ତେବେ କହି ରଖିବାକୁ ହେବ ଯେ, ପରୀକ୍ଷା ପ୍ରସ୍ତୁତି ବେଳେ ନିଜ ଶରୀରକୁ ମଧ୍ୟ ଉପଯୁକ୍ତ ବିଶ୍ରାମ ଦେବା ଅତ୍ୟନ୍ତ ଆବଶ୍ୟକ। ନିୟମିତ ବ୍ୟାୟାମ ଓ ଯୋଗ କରନ୍ତୁ, ଏହାଦ୍ୱାରା ସ୍ମରଣଶକ୍ତି ବୃଦ୍ଧିପାଇବା ସହ ମନ ସତେଜ ରହିବ।

> ପରୀକ୍ଷା ପ୍ରସ୍ତୁତି ବେଳେ ନିଜ ଶରୀରକୁ ମଧ୍ୟ ଉପଯୁକ୍ତ ବିଶ୍ରାମ ଦେବା ଅତ୍ୟନ୍ତ ଆବଶ୍ୟକ।


JOBS IN AIRPORT (ONLY MALE)
**Post : GROUND STAFF**
- Qual. : 9th Pass, 10th & +2
- Age : 18 To 28 Years
- Salary : 10,000/- To 25,000/-

Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

ଭୁବନେଶ୍ୱରରେ ରହୁଥିବା ଛୋଟ ପରିବାର ପାଇଁ ରୋଷେଇ ଏବଂ ଘର କାମ କରିବା ପାଇଁ ଅଭିଜ୍ଞତା ଥିବା ସ୍ତ୍ରୀଲୋକ/ଝିଅ ଆବଶ୍ୟକ। ରହିବା, ଖାଇବା ସୁବିଧା ଅଛି।
ସମ୍ପର୍କ କରନ୍ତୁ:
8114721727

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

ସାଉଥ୍ ଇଣ୍ଡିଆନ୍ ଟିଫିନ୍ ସେଣ୍ଟର ପାଇଁ ମିସ୍ତ୍ରୀ ଏବଂ ହେଲ୍‌ପର ଆବଶ୍ୟକ। ମାସିକ ଦରମା ମିସ୍ତ୍ରୀର 6000ରୁ 7000 ପର୍ଯ୍ୟନ୍ତ। ହେଲ୍‌ପରର ଦରମା 3000ରୁ 4000 ପର୍ଯ୍ୟନ୍ତ। ରହିବା ସୁବିଧା ଅଛି। 5 ବର୍ଷର ଅଭିଜ୍ଞତା ଥିବା ଦରକାର। Biodata ସହିତ ଯୋଗାଯୋଗ କରନ୍ତୁ ଏହି ନମ୍ବରରେ–
Mob: 9937138280, 7978895177

**REQUIRED**
Beautician for a reputed Beauty Parlour at Niladrivihar, Bhubaneswar.
Contact:
9438396349

**REQUIRED**
- DIGITAL PARTNERS for All Odisha Branches.

*Fixed income 15,000/- per month*
Banking Personal / House wives / Retired Persons invited.
Contact:
7788830886

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

CONTACT:- 9938414918
ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Assistant, Receptionist, Telecaller & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (18-35) yrs, Monthly Salary upto Rs. 24000/-.

JOB PREMIER LEAGUE.COM
BARAMUNDA GROUND, BBSR
**Walk in Interview** on
**Jan 28th, 29th, 30th.**
All segment of Companies.
Contact:
9583279596, 8480228593

# GANESH SCIENCE COLLEGE
Bhubaneswar | Chandikhole
**APPOINTMENT**

**Ganesh Institute of Engineering & Technology** (Group of Institutions), one of the leading education house of the state invites applications from suitable candidates for appointment in its +2 and +3 Science Colleges having campus at **Bhubaneswar** and **Chandikhole.**

**Sr. Lecturer/ Teaching Asst. :** Physics / Chemistry / Math / Botany Zoology / Geology / English / Odia

**Eligibility :** For Sr. Lecturer PG in relevant subject with min. 5 yrs. teaching exp. For Teaching Asst. PG in relevant Subject

**Lab. Asst.:** Physics/Chemistry/Botany/Zoology/Geology B.Sc. with Lab. exp. in concerned subject.

**DTP Operator.:** Experienced Graduate with knowledge in Pagemaker, Photoshop, MS Office etc.

***Lecturers willing to stay at Hostel will get preference during selection.***

Interested candidates may submit their CV at City Office or through E-mail **: appt@ganeshsccollege.edu.in** with qualification, photograph, address, contact number alongwith exp. details on or before **31st January 2019.**

**CITY OFFICE : Plot No. 562, Ekamra Vihar, (Nearer to IRC Village Elec. Sub-Station) BBSR - 15, Ph. (0674) 2471014, 2362981, 8093745466**

**OMM SAI INFRATECH**
**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡି ଚଲାଇବା ପାଇଁ **ଡ୍ରାଇଭର** ଆବଶ୍ୟକ।
Printing Press ରେ କାମ କରିବା ପାଇଁ
**COMPUTER OPERATOR**
ଆବଶ୍ୟକ। (ରହିବା ଖାଇବା ସୁବିଧା ଅଛି)
PRINTONIX
Room No 02/58, 1st floor, PD Market, CRP square, Bhubaneswar
CONTACT: 9937281776

**URGENTLY REQUIRE FOR HOTEL**
4 Nos Front Office Manager
1 No General Manager
3 Nos Cook/ Asst. Cook
2 Nos Maintenance Manager
Call : 9937793191

BIOTECH
FOCUSED > FAST > FIRST
www.biotechindia.net
We are into Manufacturing & Marketing of Medical Equipments having head office at Mumbai.
We are looking for experienced:
**SALES EXECUTIVE / MANAGER**
FOR ORISSA
Interested candidates may send their resume to:
advert.biotech@gmail.com

ଧରିତ୍ରୀ DHARITRI
is looking for
**LAYOUT DESIGNERS**
- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

OrissaPOST
English daily
**WANTED**

**SENIOR SUB-EDITORS:-**
Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.

**SENIOR REPORTERS:-**
Minimum 5 years of reporting experience in English media.

**TRANSLATORS:-**
Well versed in English and Oriya.

Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT on every **Wednesday** & **Saturday**


DSPL-372

# ଆଦିବାସୀ ମେଳା ୨୦୧୯

(୨୬ ଜାନୁୟାରୀରୁ ୯ ଫେବୃୟାରୀ ୨୦୧୯)
ସମୟ - ଦିବା ୨ ଘଟିକାରୁ ରାତ୍ର ୯ ଘଟିକା

**ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ୟୁନିଟ୍-୩, ଭୁବନେଶ୍ୱର**



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଶୁଭ ଉଦ୍‌ଘାଟନ
ତା ୨୬.୦୧.୨୦୧୯ ସନ୍ଧ୍ୟା ୬ ଘଟିକା

ଜନଜାତି ଭାଇ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ଓ ସଂଗୃହିତ କଳା, କଳାବସ୍ତୁ, ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦ, ପାରମ୍ପରିକ ଖାଦ୍ୟ ତଥା ଗୃହୋପକରଣ ସାମଗ୍ରୀର ପ୍ରଦର୍ଶନ ଓ ବିପଣନ।

ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

ମେଳା ସମୟ : ଦିବା ୨ ଘଟିକାରୁ ରାତ୍ର ୯ ଘଟିକା • ସାଂସ୍କୃତିକ କାର୍ଯ୍ୟକ୍ରମ : ସନ୍ଧ୍ୟା ୬ ଘଟିକାରୁ ରାତ୍ର ୯ ଘଟିକା

26011/13/0007/1819

## ସଂକ୍ଷେପରେ

### ଭାରତର ଜେଫ୍ ବେଜୋସ ହୋଇପାରନ୍ତି ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ,୨୫-୧: ରିଲାଏନ୍ସ ଜିଓ ମାଧ୍ୟମରେ ମୁକେଶ ଅମ୍ବାନୀ ଭାରତର ଟେଲିକମ ଜଗତକୁ ଦୋହଲାଇ ଦେଇଛନ୍ତି। ଜିଓର ପ୍ରତିଦ୍ୱନ୍ଦ୍ୱୀମାନେ କିଭଳି ଏହାର ମୁକାବିଲା କରିବେ ତା'ର ବାଟ ଖୋଜୁଥିବାବେଳେ ମୁକେଶ ଏବେ ଏହାରି ମାଧ୍ୟମରେ ଦେଶରେ ଇଣ୍ଟରନେଟ୍ ଟାଇକୁନ ହେବାକୁ ଯାଉଛନ୍ତି ବୋଲି 'ଦ ଇକୋନୋମିଷ୍ଟ' ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଜାନୁୟାରୀ ୨୬ର ସଦ୍ୟତମ ସଂସ୍କରଣରେ 'ଦ ଇକୋନୋମିଷ୍ଟ' ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି ଯେ, ଜିଓ ସର୍ଭିସେସ୍ ଜରିଆରେ ଅମ୍ବାନୀ ଅନ୍ୟ ଟେଲିକମ କମ୍ପାନୀଙ୍କୁ ପ୍ରାୟ ବରବାଦ କରିଦେଇଛନ୍ତି ଏବଂ ଟେଲିକମ୍ କ୍ଷେତ୍ରରେ ଦେଶକୁ ବଦଳାଇ ଦେଇଛନ୍ତି। ସେ ଏବେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି ଏବଂ ଜିଓକୁ ଲଞ୍ଚପ୍ୟାଡ୍ ଭାବେ ବ୍ୟବହାର କରି ଭାରତର ଜେଫ୍ ବେଜୋସ୍ ଓ ଜ୍ୟାକ୍ ମା ହେବାକୁ ଯାଉଛନ୍ତି। ଟେଲିକମ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ରିପୋର୍ଟ ଅନୁଯାୟୀ ଗତ ବର୍ଷ ନଭେମ୍ବର ସୁଦ୍ଧା ଦେଶରେ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ୧.୧୭ ବିଲିୟନରେ ପହଞ୍ଚିଗଲାଣି। ସେହିପରି ଦେଶରେ ବ୍ରଡ୍‌ବ୍ୟାଣ୍ଡ୍ ବ୍ୟବହାରକାରୀଙ୍କ ସଂଖ୍ୟା ୫୦ କୋଟି ଟପିଲାଣି। ଅନ୍ୟପକ୍ଷରେ ଜିଓ ନିଜର ଶସ୍ତା ଡାଟା ପ୍ଲାନ ଜରିଆରେ ଅଦ୍ୟାବଧି ୨୮ କୋଟି ଗ୍ରାହକଙ୍କ ନିକଟରେ ପହଞ୍ଚି ପାରିଛି। ରିପୋର୍ଟରେ କୁହାଯାଇଛି ଯେ, ଅର୍ଥ ରୋଜଗାର କରିବା ଅପେକ୍ଷା ଇଣ୍ଟରନେଟ ଟାଇକୁନ ବନିବା ତାଙ୍କର ଆକାଂକ୍ଷା ରହିଛି।

> ସାରା ଦେଶରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ୧.୨୫ ଲକ୍ଷ ଶାଖା ଖୋଲିଥିବା ବେଳେ ଏହା ଶୀଘ୍ର ୧.୫୦ ଲକ୍ଷ ଛୁଇଁବ ।
> – ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ



> ଆୟକର ଅଧିକାରୀମାନେ କାମ କରିବା ବେଳେ ଅତି ଉତ୍ସାହରୁ ଦୂରେଇ ରହି ଆଇନ ଅନୁଯାୟୀ ପଦକ୍ଷେପ ନିଅନ୍ତୁ ।
> – ପୀୟୂଷ ଗୋୟଲ, କେନ୍ଦ୍ର ଅର୍ଥମନ୍ତ୍ରୀ



■ ପ୍ରମୋଟରଙ୍କ ଅଡୁଆ ବଢ଼ିଲା

# ସୁପ୍ରିମକୋର୍ଟରେ ଆଇବିସି ବୈଧ

ନୂଆଦିଲ୍ଲୀ,୨୫-୧

ସୁପ୍ରିମକୋର୍ଟ ଶୁକ୍ରବାର ଦେବାଳିଆ ଆଇନ (ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ବା ଆଇବିସି)ର ବୈଧତାକୁ କାଏମ ରଖିଛନ୍ତି। ଚଳିତ ମାସ ୧୬ରେ ସର୍ବୋଚ୍ଚ ଅଦାଲତ ୧୦ ଜଣ ଆବେଦନକାରୀଙ୍କ ପକ୍ଷରୁ ଆଗତ ମାମଲାରେ ରାୟକୁ ସଂରକ୍ଷିତ ରଖିଥିଲେ। ଶୁକ୍ରବାର ରାୟ ପ୍ରକାଶ କରି ବିଚାରପତି ଆର.ଏଫ୍. ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆଇବିସିକୁ ସମ୍ପୂର୍ଣ୍ଣ ସାମ୍ବିଧାନିକ ବୋଲି ଦର୍ଶାଇଛନ୍ତି। ପ୍ରମୋଟର ଯେପରି ନିଜ ସମ୍ପତ୍ତି ପୁନଃଖରିଦ କରି ନ ପାରିବେ ସେଥିନେଇ ଆଇନରେ ପ୍ରଣୀତ ଧାରା '୨୯ ଏ'କୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି। ଫଳରେ ଋଣଖିଲାପୀଙ୍କୁ ନିଜ କମ୍ପାନୀ କିଣିବା ଲାଗି ଆଉ ସୁଯୋଗ ମିଳିବ ନାହିଁ। ସେହିପରି ଆଇବିସି ଅଧୀନରେ ଫାଇନାନ୍ସିଆଲ କ୍ରେଡିଟରଙ୍କ ସହିତ ସମାନ ଅଧିକାର ପାଇବା ଲାଗି ଅପରେଶନାଲ କ୍ରେଡିଟରଙ୍କ ଯୁକ୍ତିକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ଅସ୍ୱୀକାର କରିଛନ୍ତି।



■ ୧୦ ଆବେଦନକାରୀଙ୍କ ପକ୍ଷରୁ ମାମଲା ଆଗତ ହୋଇଥିଲା

■ ପ୍ରମୋଟର ଦେବାଳିଆ ପ୍ରକ୍ରିୟାରୁ ବାଦ୍ ପଡ଼ିବା ନିୟମ କାଏମ

ସୂଚନାଥାଉ କି, ଆଇବିସି ଅଧୀନରେ ରିଜଲ୍ୟୁଶନ ପ୍ଲାନ କାର୍ଯ୍ୟକାରୀ କରିବା ବେଳେ କମିଟି ଅଫ୍ କ୍ରେଡିଟର୍ସରେ କେବଳ ଋଣପ୍ରଦାନକାରୀ ବ୍ୟାଙ୍କ ଅଥବା ଅନ୍ୟ ଆର୍ଥିକ ସଂସ୍ଥାର ପ୍ରତିନିଧି ହିଁ ରହିଥାନ୍ତି। ତେବେ କମ୍ପାନୀର ସପ୍ଲାୟରଙ୍କ ଭଳି ଅପରେଶନାଲ କ୍ରେଡିଟର ସାମିଲ ହୁଅନ୍ତି ନାହିଁ। ସେମାନଙ୍କ ନିକଟରେ ଆଇବିସି ଅଧୀନରେ ଭୋଟିଂ ଅଧିକାର ନ ଥାଏ। ଋଣଖିଲାପୀ କମ୍ପାନୀର ପ୍ରମୋଟରଙ୍କୁ ଦେବାଳିଆ ସମାଧାନରେ ସାମିଲ କରାଗଲେ ଋଣପ୍ରଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ଏବଂ ଋଣଖିଲାପକୁ ପ୍ରୋତ୍ସାହନ ମିଳିବ ବୋଲି ସରକାର ସେତେବେଳେ ଯୁକ୍ତି ଦର୍ଶାଇଥିଲେ। ସରକାରଙ୍କ ନିଷ୍ପତ୍ତି ଯୋଗୁ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୧.୮ ଲକ୍ଷ କୋଟି ଟଙ୍କାର ବକେୟା ଋଣ ଅସୁଲି ହୋଇପାରିବ। ଉଲ୍ଲେଖ କରାଯାଇପାରେ ଯେ, ୨୦୧୬ରେ କେନ୍ଦ୍ର ସରକାର ଆଇବିସି ଆଣିଥିଲେ ଏବଂ ଗତ ବର୍ଷ ଏଥିରେ ସଂଶୋଧନ କରାଯାଇଥିଲା। ଆଇବିସି ଯୋଗୁ ବ୍ୟାଙ୍କଗୁଡ଼ିକ ପାଇଁ ଋଣଖିଲାପ କରିଥିବା କମ୍ପାନୀଙ୍କଠାରୁ ବକେୟା ଆଦାୟ କରିବା ସହଜ ହେଉଛି। ନିକଟ ଅତୀତରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସଚିବ ଇଞ୍ଜେଟି ଶ୍ରୀନିବାସ କହିଥିଲେ ଯେ, ଆଇବିସି ଯୋଗୁ ଇତିମଧ୍ୟରେ ୮୦ ହଜାର କୋଟି ଟଙ୍କା ବକେୟା ଋଣ ଫେରସ୍ତ ମିଳିଛି।

■ବିଗ୍ ବଜାରର 'ସବ୍‌ସେ ଶସ୍ତେ ୫ ଦିନ'

## ଗ୍ରାହକଙ୍କୁ ମିଳୁଛି ଆକର୍ଷଣୀୟ ଡିଲ, ଅଫର

ଭୁବନେଶ୍ୱର,୨୫-୧

ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା 'ସବସେ ଶସ୍ତେ ୫ ଦିନ' ଅଫର ଏବେ ଚାଲୁ ରହିଛି। ଚଳିତ ମାସ ୨୭ ଯାଏ ଏହା ଚାଲିବାକୁ ଥିବା ବେଳେ ଗ୍ରାହକମାନେ ଏଥିରେ ଆକର୍ଷଣୀୟ ଡିଲ ଏବଂ ଅଫର ଲାଭ କରୁଛନ୍ତି। ଚଳିତ ଥର ଉକ୍ତ ଅଫରରେ '୨୦% ଆହୁରି ଶସ୍ତା' ଭଳି ସୁବିଧା କରାଯାଇଥିବା ବିଗ୍ ବଜାର ପକ୍ଷରୁ କୁହାଯାଇଛି। କମ୍ପାନୀର ବିଭିନ୍ନ ଷ୍ଟୋରରୁ ୩,୦୦୦ ଟଙ୍କାର ସାମଗ୍ରୀ କ୍ରୟରେ ଫ୍ୟୁଚର ପେ ୱାଲେଟରେ ୨୦% କ୍ୟାଶବ୍ୟାକ ସୁବିଧା ଦିଆଯାଉଛି। ଖାଦ୍ୟ ସାମଗ୍ରୀ, ହାଉସହୋଲ୍ଡ ସାମଗ୍ରୀ, ଇଲେକଟ୍ରୋନିକ୍ସ,ଫ୍ୟାଶନ ଆପାରେଲ, ଫୁଟୱେର, ଟଏ, ଲଗେଜ, କିଚେନ୍‌ୱେର, ହୋମ୍ ଡେକୋର ସହ ବିଭିନ୍ନ ସାମଗ୍ରୀ ଉପରେ ଗ୍ରାହକଙ୍କ ଲାଗି ରିହାତି ବ୍ୟବସ୍ଥା ରହିଛି।

## ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଶୁଭାରମ୍ଭ



ଭୁବନେଶ୍ୱର,୨୫-୧

ରେଡା ହୋମ ଆଣ୍ଡ ଡେକୋର ଏବଂ ନାଲ୍‌କୋ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ ଫେୟାର ଶୁକ୍ରବାରଠାରୁ ଭୁବନେଶ୍ୱରର ଜନତା ମଇଦାନଠାରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଉଦଘାଟନ କରିଥିଲେ। ଫେବୃୟାରୀ ୪ ତାରିଖ ଯାଏ ଏହା ଚାଲିବ। ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ଯାଏ ଏହା ଖୋଲା ରହିବ। ଚଳିତ ବର୍ଷ ୭ଟି ଦେଶ ଏବଂ ୧୧ଟି ରାଜ୍ୟ ଟ୍ରେଡ ଫେୟାରରେ ଅଂଶଗ୍ରହଣ କରିଛନ୍ତି। ଘରକରଣା ସାମଗ୍ରୀଠାରୁ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ସାମଗ୍ରୀ ଏଠାରେ ଉପଲବ୍ଧ।

## ଅଲ୍ ଦାଟ୍ ଜାଜ୍‌ରେ ମିଡ୍ ନାଇଟ୍ ସେଲ୍ ଆଜି

ଭୁବନେଶ୍ୱର,୨୫-୧




ପ୍ରମୁଖ ଷ୍ଟୋର ଅଲ୍ ଦାଟ୍ ଜାଜ୍ ପକ୍ଷରୁ ମିଡ୍ ନାଇଟ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୨୬ ଜାନୁୟାରୀ (ଶନିବାର) ରାତି ୯ଟାଠାରୁ ୧ଟା ପର୍ଯ୍ୟନ୍ତ ଭୁବନେଶ୍ୱରର ଶହୀଦ ନଗର ସ୍ଥିତ ଜନପଥସ୍ଥିତ ଅଲ୍ ଦାଟ୍ ଜାଜ୍ ଷ୍ଟୋରରେ ଗ୍ରାହକ ଏହି ଅଫରର ଲାଭ ଉଠାଇ ପାରିବେ। ଏହି ସମୟ ମଧ୍ୟରେ କ୍ରୟ ଉପରେ ଗ୍ରାହକଙ୍କୁ ଫ୍ଲାଟ ୫୦% ରିହାତି ସୁବିଧା ଉପଲବ୍ଧ ହେବ। ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବ୍ରାଣ୍ଡ ଉପରେ ଏହି ଅଫର ପାଇ ପାରିବେ। ପୁରୁଷ, ମହିଳା ଏବଂ ଶିଶୁ ବର୍ଗରେ ବିଭିନ୍ନ ବ୍ରାଣ୍ଡ ଏଥିରେ ସାମିଲ ଥିବା ଅଲ୍ ଦାଟ୍ ଜାଜ୍ ପକ୍ଷରୁ ସୂଚନା ରହିଛି।

# ଉତ୍କର୍ଷତା ଲାଗି ପୂର୍ବତଟ ରେଳପଥ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୨୫-୧



**ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବାର୍ତ୍ତା**

୭୦ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ପୂର୍ବତଟ ରେଳପଥ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ। ସମସ୍ତ ଯାତ୍ରୀ ଏବଂ ପଣ୍ୟ ପରିବହନ ଗ୍ରାହକମାନଙ୍କୁ ଶୁଭକାମନା,ଯାହାଙ୍କର ନିରନ୍ତର ପୃଷ୍ଠପୋଷକତା ଆମ ସମସ୍ତଙ୍କ ପାଇଁ ଶକ୍ତିର ଉତ୍ସ ହୋଇ ପାରିଛି। ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ ସହ ସୁଖ ସମୃଦ୍ଧି ଏବଂ ସଫଳତା କାମନା କରୁଛି। ଭାରତୀୟ ରେଲୱେର ବ୍ଲୁ ରେଳପଥ ଜୋନ ଭାବେ ପୂର୍ବତଟ ରେଳପଥ ସଦସ୍ୟ ହୋଇଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଛି। ସମ୍ମିଳୀତ ଉଦ୍ୟମରେ ଏହି ଜୋନକୁ ସଫଳତାର ସହ ଶୀର୍ଷ ସ୍ଥାନରେ ପହଞ୍ଚାଇବାକୁ ଆଶା ପ୍ରକାଶ କରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ଭାଗର ସଫଳ ପ୍ରଦର୍ଶନର ଅନୁଭୂତି ବ୍ୟକ୍ତ କରି ମୁଁ ଅତ୍ୟନ୍ତ ଖୁସି ଅନୁଭବ କରୁଛି। ୨୦୧୮ ଡିସେମ୍ବର ଶେଷ ସୁଦ୍ଧା ପୂର୍ବତଟ ରେଳପଥ ୧୪୦.୨୦ ନିୟୁତ ଟନ୍ ମାଲ ପରିବହନ କରିଛି। ଏହା ଗତ ବର୍ଷ ସମାନ ସମୟରେ ୧୩୩.୩୪ ନିୟୁତ ଟନ ରହିଥିଲା। ଏଥିରେ ୬.୮୬ ମେଟ୍ରିକ ଟନ୍ (୫.୧%) ବୃଦ୍ଧି ଘଟିଛି। ଏହି ସମୟରେ ୭୧.୧୯ ନିୟୁତ ଯାତ୍ରୀ ପରିବହନ କରିବାକୁ ସକ୍ଷମ ହୋଇଛୁ। ଏହା ଗତବର୍ଷ ସମାନ ସମୟରେ ୭୦.୮୪ ନିୟୁତ ରହିଥିଲା। ଏଥିରେ ୪.୭୨% ବୃଦ୍ଧି ଘଟିଛି। ଆମର ପରିଚାଳନା ଅନୁପାତ ୬୦.୦୩% ରହିଛି। ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ୨୦୧୭ ସୁଦ୍ଧା ଆମେ ୧୧୬୧୨.୯୫ କୋଟି ଟଙ୍କା ଆୟ କରିଛୁ। ଗତ ବର୍ଷ ଏହି ଅବଧିରେ ଏହା ୧୧୫୪୫.୩୩ କୋଟି ଥିଲା। ଏହି ପବିତ୍ର ଅବସରରେ ଆସନ୍ତୁ ସମସ୍ତେ ମିଶି ଶପଥ ନେବା ଯେ ପୂର୍ବତଟ ରେଳପଥ ତାର କାର୍ଯ୍ୟ ପ୍ରଣାଳୀରେ ଉତ୍କର୍ଷତା ବଜାୟ ରଖୁ ଏବଂ ସମସ୍ତ ଉପଭୋକ୍ତାଙ୍କୁ ଉତ୍ତମ ସେବା ପ୍ରଦାନ କରୁ।

– ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର
ମହାପ୍ରବନ୍ଧକ


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଡ଼ିମାଣ୍ଡ ନୋଟିସ୍**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.:୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍:୦୬୭୪-୨୫୪୯୬୬୩,୨୫୪୯୬୧୨

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ, ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଯାହାକି ଏବେ ଆକ୍ଟ ଭାବେ ଘୋଷିତ) ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ, ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଋଣଗ୍ରହୀତାଙ୍କୁ ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡ଼ାକ /ସ୍ପିଡ୍ ଡ଼ାକ ଯୋଗେ ନୋଟିସ୍ ଜାରି କାରଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା ।

| ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ନିଶିଥ୍ ରଞ୍ଜନ ଷଡଙ୍ଗୀ, ପିତା-ପିତାମ୍ବର ଷଡଙ୍ଗୀ, ତଳୁଛ ସାହି, ହରଚଣ୍ଡି ସାହି ନିକଟ, ପୁରୀ । | ଶ୍ରୀ ନିଶିଥ୍ ରଞ୍ଜନ ଷଡଙ୍ଗୀଙ୍କ ନାମରେ ଥିବା ଫ୍ଲାଟ ଯାହା ଜିଲ୍ଲା-ପୁରୀ, ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସ୍: ପୁରୀ, ଥାନା: ପୁରୀ ଟାଉନ୍, ୟୁନିଟ୍ ନଂ.-୨୫, ତହସିଲି: ପୁରୀ ସଦର ନଂ.-୬୬୫, ମୌଜା- ଗାନ୍ଧିଘାଟ, ଖାତା ନଂ.-୬୧, ପ୍ଲଟ ନଂ.-୧୦, କିସମ-ଘରବାରୀ-୧, ଏରିଆ- ଏକର ୦.୩୦୦ ଡିସିମିଲି ମଧ୍ୟରୁ ଏକର ୦.୮୭.୫ ଡିସିମିଲି, ଅନୁରୂପ ସାବିକ ମୌଜା- ବାଲୁଖଣ୍ଡ-୧୦୮, ଖାସମହଲ, ସାବିକ ଜମାବନ୍ଦି ନଂ.୮୦, ସାବିକ ପ୍ଲଟ ନଂ.-୬୦୩, ଏରିଆ- ଏକର୦.୦୩୦୮ ଡିସିମିଲି (ପି), ଅଭିବାଜିତ ଜମି ଅଂଶ ବିକ୍ରୟ ଫ୍ଲାଟ ଏରିଆ-ଏକର ୦.୦୦୫.୮୩ ଡିସିମିଲି ଯାହାକି ସମୁଦାୟ ଏରିଆ- ଏକର ୦.୦୮୭.୫ ଡିସିମିଲି ମଧ୍ୟରୁ ୨୫୪ ବର୍ଗଫୁଟ, ଫ୍ରେମ୍ ଷ୍ଟ୍ରକ୍‌ଚର ସହିତ ନର୍ମାଲ ଫ୍ଲୋରିଙ୍ଗ ୭୬୫ ବର୍ଗଫୁଟ, ଦ୍ୱିତୀୟ ମହଲା, ଫ୍ଲାଟ ନଂ.-୨୦୧ ରେ ଅବସ୍ଥିତ । | ୨୪.୧୨.୨୦୧୮ | ୩୦.୦୬.୨୦୧୮ | ତା ୦୯.୧୨.୨୦୧୮ ସୁଦ୍ଧା ଟ.୧୬,୪୮,୦୦୬/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି । ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ, ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ ର ଉପଧାରା (୪) ଅନୁସାରେ ବ୍ୟାଙ୍କ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ତେଣୁ ବିଶେଷତଃ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ଉପରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ସ୍ଥାନ: ଭୁବନେଶ୍ୱର, ତାରିଖ:୨୫.୦୧.୨୦୧୯ — ସ୍ୱା/-କ୍ଷମତାପ୍ରାପ୍ତ ଅଧୀକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

୨୬ ଜାନୁୟାରୀ ୨୦୧୯ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କୁ ନେଇ

**ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ**
**''ଭାରତୀୟମ''**

**ତାରିଖ :** ୨୬।୦୧।୨୦୧୯, ସନ୍ଧ୍ୟା ଘ. ୬.୩୦ ମିନିଟ୍
**ସ୍ଥାନ :** ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର

ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ ।

**ଡ. ବିଜୟ କୁମାର ଜେନା**
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ,
ଭୁବନେଶ୍ୱର

**ଶ୍ରୀ ବିଜୟ କୁମାର ନାୟକ**
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ଓଡ଼ିଶା, ଭୁବନେଶ୍ୱର



## କାନାରା ବ୍ୟାଙ୍କ — ଗାଡ଼ି ବିକ୍ରୟ ନୋଟିସ୍

(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

ଅଞ୍ଚଳ କାର୍ଯ୍ୟାଳୟ, ରେଡକ୍ରସ୍ ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୨୨, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ : ୦୬୭୪-୨୩୯୦୮୪

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡ଼ିଗୁଡିକ **କାନାରା ବ୍ୟାଙ୍କର** ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ **''ଯେଉଁ ଠାରେ ଯେପରି ଅଛି ଭିତ୍ତିରେ''** ଟାକ୍ସ ଏବଂ ବୀମା ଦେୟ ସହିତ ବିକ୍ରି କରାଯିବା ପାଇଁ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି ।

| ଶାଖାର ନାମ ଓ ଫୋନ୍ ନଂ. | ଋଣଗ୍ରହୀତାଙ୍କ ନାମ/ ଆକାଉଣ୍ଟ ନଂ. / ଋଣପ୍ରଦାନ ତାରିଖ | ଗାଡ଼ିର ପ୍ରକାର / ଗାଡ଼ିର ନଂ. | ଗାଡ଼ି ନିର୍ମାଣ ବର୍ଷ | ସଂରକ୍ଷିତ ମୂଲ୍ୟ (ସ୍ଥିର) |
|---|---|---|---|---|
| ସିଡିଏ, କଟକ (୪୯୧୮) ମୋ : ୭୬୦୫୦୦୯୦୭୪ | ବିଜୟ କୁମାର ମଲ୍ଲିକ /୪୯୧୮୭୬୮୦୦୦୦୩୮ / ୨୧.୧୨.୨୦୧୬ | TATA LPT 407/34 OD-05Y-0305 | ୨୦୧୬ | ଟ.୫,୮୦,୦୦୦/- |
| ସିଡିଏ, କଟକ (୪୯୧୮) ମୋ : ୭୬୦୫୦୦୯୦୭୪ | ସୁରେଶ କୁମାର ପ୍ରଧାନ /୪୯୧୮୭୬୮୦୦୦୦୩୩ / ୨୬.୦୯.୨୦୧୬ | APE AUTO OD-05W-3971 | ୨୦୧୬ | ଟ.୪୫,୦୦୦/- |
| ବାଦାମବାଡି (୨୫୬୬) ମୋ : ୭୬୦୫୦୦୯୦୭୨ | ସଂଗ୍ରାମ କିଶୋର ସାହୁ / ୨୫୬୬୬୦୩୦୦୦୮୦୫ / ୨୨.୦୬.୨୦୧୨ | INDICA VISTA OR-05AV-5588 | ୨୦୧୨ | ଟ.୩୦,୦୦୦/- |
| ଗୋପାଳପୁର (୫୯୩୧) ମୋ : ୭୬୦୫୦୦୯୦୭୬ | ଟୁକୁନା ଦାସ /୫୯୩୧୭୬୮୦୦୦୦୦୪ / ୨୬.୦୩.୨୦୧୫ | RE OPTIMA DIESEL OD-05M-8712 | ୨୦୧୫ | ଟ.୩୫,୦୦୦/- |
| କଲରାବାଙ୍କ (୫୨୪୯) ମୋ : ୭୬୦୫୦୦୯୦୮୫ | ପ୍ରଫୁଲ୍ଲ କୁମାର ସ୍ୱାଇଁ / ୫୨୪୯୭୬୮୦୦୦୦୦୨ / ୧୨.୦୯.୨୦୧୪ | TATA ACE HT OD-05K-0398 | ୨୦୧୪ | ଟ.୧,୪୦,୦୦୦/- |
| କଶବା (୪୦୩୪) ମୋ : ୭୬୦୫୦୦୯୧୩୧ | ବରେନ୍ଦ୍ର ଚୌଧୁରୀ / ୪୦୩୪୭୬୮୦୦୦୦୦୮ / ୨୫.୦୩.୨୦୧୫ | TRACTOR SONALIKA OR-01G-7348/49 | ୨୦୧୫ | ଟ.୧,୦୫,୦୦୦/- |

**ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:**

୧) ଇଚ୍ଛୁକ ପ୍ରସ୍ତାବ ଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ ''.................. କ୍ରୟ ନିମନ୍ତେ ପ୍ରସ୍ତାବ'' ଉଲ୍ଲେଖ କରି ସମ୍ପୃକ୍ତ ଶାଖାର ଶାଖା ପ୍ରବନ୍ଧକଙ୍କ ଠାରେ ଏହି ନୋଟିସ୍ ପ୍ରକାଶନର **୭ ଦିନ** ମଧ୍ୟରେ ଅର୍ଥାତ୍ **ତା.୦୨.୦୨.୨୦୧୯ରିଖ** ପୂର୍ବରୁ ଦାଖଲ କରିବେ ।
୨) ପ୍ରସ୍ତାବ ସହିତ **ଟ.୧୦,୦୦୦/-**ର ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ କାନାରା ବ୍ୟାଙ୍କ ସପକ୍ଷରେ ଭୁବନେଶ୍ୱରକୁ ଦେୟ ଦର୍ଶାଇ ଦାଖଲ କରିବେ ।
୩) ଗାଡି ଗୁଡିକୁ ଶାଖା ଅଧିକାରୀଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୩୦.୦୧.୨୦୧୯ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪) ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ / ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି । ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ ପ୍ରତିହତ କରିବ ନାହିଁ ।
୫) ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ହେବା ତାରିଖର **୭ ଦିନ** ମଧ୍ୟରେ ନିଲାମ ରାଶି (ଅମାନତ ଜମା ବାଦ୍) ଦାଖଲ କରିବେ । ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ ।
୬) ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ଫିସ୍ ବହନ କରିବେ ।

**ଏହି ନୋଟିସ ଦ୍ୱାରା ଗାଡିର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି କି ୭ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ । ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀକୁ ହସ୍ତାନ୍ତରିତ କରାଯିବ ।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୫.୦୧.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ



## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ,
ଫୋନ: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲ ନେଇଛନ୍ତି । ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ **''ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି ଭିତ୍ତିରେ''** ଏବଂ ନିମ୍ନରେ ପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଇ-ନିଲାମ କରାଯିବ ।

**ଇ-ନିଲାମ ତାରିଖ ଏବଂ ସମୟ :**
**ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୦୩.୩୦ ଘଟିକା ମଧ୍ୟରେ**

| କ୍ର. ନଂ. | ଶାଖା /ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଜାମିନଦାର(ମାନ)ଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକ(ମାନ)ଙ୍କ ନାମ | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ଼ ବୃଦ୍ଧି ପରିମାଣ |
|---|---|---|---|---|---|---|
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ପ୍ରଦିପ୍ତ କୁମାର ଜେନା, ଇ-ମେଲ: pradeepta.jena@sbi.co.in, ମୋ: ୯୪୩୭୪୯୯୦୭୪** | | | | | |
| ୧. | କଜତପୁର ଶାଖା ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ ଇଣ୍ଡଷ୍ଟ୍ରିଜ୍ ପ୍ରାଃଲି., ସା/ପୋ: ସମିଆ କଳାକଳ, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / ଆକାଉଣ୍ଟ ନଂ.: ୩୧୯୬୫୭୧୨୮୨୯, ୩୧୬୮୪୯୦୯୩୦୨ | ଜାମିନ୍‌ଦାରମାନେ: (୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ : ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା ପ୍ଲଟ ନଂ. ୭୮/୧୬୫୪, ବିଡାନାସୀ, ବାସେଲିଗଡ଼, କଟକ-୭୫୩୦୧୪, ୩) ସଙ୍ଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ । | ମେସର୍ସ ମା ଭଗବତୀ ରାଇସ ଇଣ୍ଡଷ୍ଟ୍ରିଜ୍ ପ୍ରାଃଲି. ଓ ଶ୍ରୀମତୀ ବନଶ୍ରୀ ମହାପାତ୍ର | (କ) ମେସର୍ସ ମା ଭଗବତୀ ରାଇସ ଇଣ୍ଡଷ୍ଟ୍ରିଜ୍ ପ୍ରାଃଲି.ଙ୍କ ନାମରେ ଥିବା ଜମି ଓ ଗୃହ ସହିତ କାରଖାନା ଏବଂ କଳକବ୍‌ଜା ଯାହାର ମୌଜା : ସମିଆ, ଜିଲ୍ଲା : ଯାଜପୁର, ଖାତା ନଂ.: ୯୯୮/୭୨, ପ୍ଲଟ ନଂ.: ୩୫୬୯/୪୫୪୫, କ୍ଷେତ୍ର : ଏକର୧.୪୬ଡିସିମିଲି, ଖାତା ନଂ.: ୯୯୮/୭୨, ପ୍ଲଟ ନଂ.: ୬୧୧/୪୫୪୪, କ୍ଷେତ୍ର : ଏକର୧.୫୪ଡିସିମିଲି, ମୋଟ କ୍ଷେତ୍ର : ଏକର୩.୦୦ ଡିସିମିଲି, ଖାତା ନଂ.: ୯୯୮/୭୩, ପ୍ଲଟ ନଂ.: ୩୫୬୯/୪୫୪୬, କ୍ଷେତ୍ର : ଏକର୫.୦୧୦ଡିସିମିଲି, ଖାତା ନଂ.: ୯୯୮/୧୦୩, ପ୍ଲଟ ନଂ.: ୩୫୬୯/୪୫୬୫, କ୍ଷେତ୍ର : ଏକର୦.୨୮୦ଡିସିମିଲ. ମୋଟ କ୍ଷେତ୍ର : ଏକର୫.୨୯୦ଡିସିମିଲି, ସର୍ବମୋଟ କ୍ଷେତ୍ର : ଏକର୮.୨୯୦ଡିସିମିଲ, କିସମ : ଘରବାଡି, (ଖ) ଶ୍ରୀମତୀ ବନଶ୍ରୀ ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ମୌଜା: କଟକ ସହର, ୟୁନିଟ୍ ନଂ.: ୩, ବିଡାନାସୀ, ହାଲ ପରିବର୍ତ୍ତିତ ଖାତା ନଂ.: ୩୫-ଡି୧, ମିୟୁଟେସନ୍ ଖାତା ନଂ.: ୩୧୩/୫୩୨, ପ୍ଲଟ ନଂ.: ୭୮/୧୬୫୪, କ୍ଷେତ୍ର: ଏକର ୦.୦୮୦୫ ଡିସିମିଲ, କିସମ : ଘରବାଡି । | ଟ.୩,୬୪,୪୦,୫୯୩/- + ୦୨.୦୭.୨୦୧୫ ଠାରୁ ପରବର୍ତ୍ତି ସୁଧ + ଆଇନଗତ ଖର୍ଚ୍ଚ / ୩୦.୦୩.୨୦୧୫ | (କ) ଟ.୫,୦୮,୫୩,୦୦୦/- / ଟ.୫୦,୮୬,୦୦୦/- / ଟ.୧,୦୦,୦୦୦/- (ଖ) ଟ.୭୩,୯୪,୦୦୦/- / ଟ.୭,୪୦,୦୦୦/- / ଟ.୫୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୁଧୀର କୁମାର ଲାକ୍ରା, ଇ-ମେଲ: sudhir.lakra@sbi.co.in, ମୋ: ୮୫୯୯୦୦୭୭୦୨** | | | | | |
| ୨. | କଟକ ଶାଖା ଋଣଗ୍ରହୀତା: ମେସର୍ସ ଶ୍ରୀ ପ୍ରଦିପ୍ତ କୁମାର ବସନ୍ତିଆ, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ପ୍ରଦିପ୍ତ କୁମାର ବସନ୍ତିଆ, ପିତା: ସ୍ୱ ଦୁର୍ଯ୍ୟୋଧନ ବସନ୍ତିଆ, ପ୍ଲଟ ନଂ.: ୭ଡି/୧୩୩୭, ସେକ୍ଟର-୯, ସିଡିଏ, ମର୍କତ ନଗର, ଜିଲ୍ଲା: କଟକ/ ଆକାଉଣ୍ଟ ନଂ.: ୩୦୫୨୨୬୦୨୭୩୭ | ଜାମିନ୍‌ଦାରମାନେ: (୧) ଶ୍ରୀ ବୃନ୍ଦାବନ ବିଶ୍ୱାଳ, ପିତା: ସ୍ୱ ମାଗୁଣୀ ଚରଣ ବିଶ୍ୱାଳ, ୨) ଶ୍ରୀମତୀ ମଧୁସ୍ମିତା ବସନ୍ତିଆ, ସ୍ୱାମୀ: ଶ୍ରୀ ପ୍ରଦିପ୍ତ କୁମାର ବସନ୍ତିଆ, ଉଭୟଙ୍କ ଠିକଣା : ପ୍ଲଟ ନଂ.: ୭ଡି/୧୩୩୭, ସେକ୍ଟର-୯, ସିଡିଏ, ମର୍କତ ନଗର, ଜିଲ୍ଲା: କଟକ | ଶ୍ରୀ ବୃନ୍ଦାବନ ବିଶ୍ୱାଳ ଏବଂ ଶ୍ରୀ ପ୍ରଦିପ୍ତ କୁମାର ବସନ୍ତିଆ | ଶ୍ରୀ ବୃନ୍ଦାବନ ବିଶ୍ୱାଳଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଦୟବଟ, ପୁରୁଣା ଖାତା ନଂ.: ୮୮୧/୧୮୭, ପ୍ଲଟ ନଂ.: ୧୩୪୮/୨୦୪୧, କ୍ଷେତ୍ର: ଏକର ୦.୨୪ ଡିସିମିଲି, ଥାନା : ପାରାଦୀପ, ତହସିଲ: କୁଜଙ୍ଗ, ଜିଲ୍ଲା : ଜଗତସିଂହପୁର, ଓଡ଼ିଶା, କିସମ : ଘରବାଡି, ଶ୍ରୀ ବୃନ୍ଦାବନ ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତି ଅଂଶବିଶେଷ ଯାହାର ମୌଜା: ଉଦୟବଟ, ନୂତନ ଖାତା ନଂ.: ୮୮୧/୧୮୭, ପ୍ଲଟ ନଂ.: ୧୩୪୮/୨୦୪୧, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଶ୍ରୀ ପ୍ରଦିପ୍ତ କୁମାର ବସନ୍ତିଆଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉଦୟବଟ, ଥାନା: ପାରାଦୀପ, ତହସିଲ: କୁଜଙ୍ଗ, ଜିଲ୍ଲା : ଜଗତସିଂହପୁର, ଓଡିଶା, ଖାତା ନଂ.: ୮୮୧/୭୫୮, ପ୍ଲଟ ନଂ.: ୧୩୪୮/୨୪୪୧, କ୍ଷେତ୍ର: ଏକର ୦.୧୨ ଡିସିମିଲି, କିସମ : ଘରବାଡି, ମୋଟ କ୍ଷେତ୍ର : ଏକର୦.୨୪ ଡିସିମିଲି । | ଟ.୫୬,୩୪,୩୮୭/- + ୧୨.୧୦.୨୦୧୫ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୧୦.୨୦୧୫ | ଟ.୩୨,୮୮,୦୦୦/- / ଟ.୩,୨୮,୮୦୦/- / ଟ.୫୦,୦୦୦/- |
| | **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୭୭୦୩** | | | | | |
| ୩. | ବ୍ୟବସାୟିକ ଶାଖା, କଟକ ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ୍ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା : ସା/ପୋ.: ସୋମପୁର, ଜିଲ୍ଲା: କଟକ-୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨ / ୩୦୭୧୬୭୭୦୦୪୩ | ଜାମିନଦାରମାନେ : ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା : ସା/ପୋ.: ସୋମପୁର, ଜିଲ୍ଲା: କଟକ-୭୫୪୧୩୦ | ଶ୍ରୀମତୀ ଶାନ୍ତିଲତା ସାହୁ ଏବଂ ଶ୍ରୀ ସଞ୍ଜିତ୍ କୁମାର ସାହୁ | କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା.ଲିଃ, ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ : ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନ ନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର ୦.୫୪୦ ଡିସିମିଲି, କିସମ: ଘରବାରୀ, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର ୦.୫୫୦ ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର ୦.୫୭୦ ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର ୩.୧୫୦ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୪.୨୭୦ ଡିସିମିଲି,** କିସମ: ଘରବାରୀ, (୨) ମୌଜା: ସୋମପୁର, ତହସିଲ: କିଶାନ ନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର ୦.୧୧୦ ଡିସିମିଲି, ପ୍ଲଟ ନଂ.: ୬୪୦, କ୍ଷେତ୍ର: ଏକର ୦.୧୪୦ ଡିସିମିଲି, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର ୦.୦୭୦ ଡିସିମିଲ, କିସମ: ଘରବାରୀ **ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : ସୋମପୁର, ତହସିଲ : କିଶାନ ନଗର, ଥାନା : କେଶନଗର, ଜିଲ୍ଲା : କଟକ, ଖାତା ନଂ.: ୬୦୮/୧୪, ପ୍ଲଟ ନଂ.: ୬୩୮/୨୦୬୬, କ୍ଷେତ୍ର : ଏକର୦.୦୮୦ଡିସିମିଲ, କିସମ : ଘରବାଡି | ଟ.୨,୩୬,୦୫,୨୯୪/- + ୦୪.୦୫.୨୦୧୪ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | କ) ଟ.୨,୫୯,୨୫,୦୦୦/- /ଟ.୨୫,୯୨,୫୦୦/- /ଟ.୧,୦୦,୦୦୦/- ଖ) ଟ.୧୮,୦୨,୦୦୦/- /ଟ.୧,୮୦,୨୦୦/- /ଟ.୫୦,୦୦୦/- |
| ୪. | ଇଫ୍‌କୋ ଛକ ଶାଖା, ପାରାଦୀପ (ବର୍ତ୍ତମାନ - ପାରଦୀପ ବଜାର ଶାଖା) ଋଣଗ୍ରହୀତା : ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ, ସମସ୍ତଙ୍କ ପିତା : ଶ୍ରୀ ଇନ୍ଦ୍ରମଣି ସାମଲ, ସା : ଫତେପୁର, ପୋ : ଗୋପିଆକୁଦ, ଥାନା : କୁଜଙ୍ଗ, ଜିଲ୍ଲା : ଜଗତସିଂହପୁର / ଆକାଉଣ୍ଟ ନଂ.: ୬୨୨୧୫୧୫୨୦୫୨ | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲ | | ଶ୍ରୀ ଯୁଧିଷ୍ଠିର ସାମଲ, ଶ୍ରୀ ବିଜୟ କୁମାର ସାମଲ ଏବଂ ଶ୍ରୀ କୈଳାଶ ଚନ୍ଦ୍ର ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ମୌଜା: ଫତେପୁର, ତହସିଲି/ଥାନା : କୁଜଙ୍ଗ, ଜିଲ୍ଲା : ଜଗତସିଂହପୁର, ଖାତା ନଂ.: ୫୯୦/୧୯୬, ପ୍ଲଟ ନଂ.: ୭୩୨/୧୪୫୫, କ୍ଷେତ୍ର : ଏକର୦.୨୬ଡିସିମିଲି, କିସମ : ଘରବାଡି | ଟ.୧୯,୧୭,୮୮୪/- + ୩୧.୦୧.୨୦୧୮ ଠାରୁ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୩.୦୨.୨୦୧୮ | ଟ.୩୫,୫୨,୦୦୦/- / ଟ.୩,୫୫,୨୦୦/- / ଟ.୫୦,୦୦୦/- |

**ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୧.୦୨.୨୦୧୯ ପୂର୍ବାହ୍ନ ୧୦ ଘଟିକା ରୁ ଅପରାହ୍ନ ୪ ଘଟିକା ମଧ୍ୟରେ**

**କ୍ଷମତାପ୍ରାପ୍ତ ଅଧିକାରୀ/ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ୨୬.୦୨.୨୦୧୯ ରିଖ ପୂର୍ବରୁ କିମ୍ବା ସେହିଦିନ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ**

ନିଲାମର ନିୟମ ଓ ସର୍ତ୍ତାବଳି ନିମନ୍ତେ ଭାରତୀୟ ଷ୍ଟେଟ ବ୍ୟାଙ୍କର ସୁରକ୍ଷିତ ଋଣଦାତାଙ୍କର website www.sbi.co.in at link https://bank.sbi/portal/web/home/auction-notices ରେ ଦେଖିପାରିବେ ।

ତାରିଖ: ୨୫.୦୧.୨୦୧୯
ସ୍ଥାନ: କଟକ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**“** ଶନିବାର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଭାରତର ଟପ୍ ୩ ବ୍ୟାଟ୍ସମ୍ୟାନଙ୍କୁ ଶୀଘ୍ର ଆଉଟ କରିବା ଲାଗି ଆମେ ଯୋଜନା କରିଛୁ।

**– ଟ୍ରେଣ୍ଟ୍ ବୋଲ୍ଟ, ନ୍ୟୁଜିଲାଣ୍ଡ ବୋଲର**



**“** ମାଞ୍ଚେଷ୍ଟର ୟୁନାଇଟେଡ ଫୁଟ୍‌ବଲ ଟିମ୍‌ର ଅଧିନାୟକତ୍ୱ କରିବା ଲାଗି ଆବଶ୍ୟକ ଦକ୍ଷତା ପଲ୍ ପୋଗ୍‌ବାଙ୍କ ନିକଟରେ ରହିଛି ।

**– ଓଲେ ଗନାର ସଲ୍‌କଜେର୍, ମାଞ୍ଚେଷ୍ଟର ୟୁନାଇଟେଡ୍‌ର କାମଚଳା ମ୍ୟାନେଜର**



## ସଂକ୍ଷେପରେ

### ସିନ୍ଧୁ, ଶ୍ରୀକାନ୍ତ ହାରିଲେ, ସାଇନା ସେମିଫାଇନାଲରେ

ଜାକର୍ତ୍ତା, ୨୫।୧ (ପି.ଟି.)-ସାଇନା ନେହ୍ୱାଲ ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ହାରିଯାଇଛନ୍ତି। ଗତ ସପ୍ତାହରେ ମାଲେସିଆ ମାଷ୍ଟର୍ସରେ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ସାଇନା ୨୧-୭, ୨୧-୧୮ରେ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ବର୍ତ୍ତମାନ ୬ଷ୍ଠ ସିଡ୍ ତଥା ଚାଇନାର ହି ବିଙ୍ଗ୍‌ଜିଆଓଙ୍କୁ ଭେଟିବେ। ଏହି ଖେଳାଳିଙ୍କୁ ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ଭେଟିବେ। ୩ ଥର ଅଲିମ୍ପିକ ଚାମ୍ପିୟନ କାରୋଲିନ୍ ମାରିନ୍‌ଙ୍କ ଉଚିତ ମୁକାବିଲା କରି ନ ପାରି ସିନ୍ଧୁ ୧୧-୨୧, ୧୨-୨୧ରେ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଶ୍ରୀକାନ୍ତ ୧୮-୨୧, ୧୯-୨୧ରେ ସ୍ଥାନୀୟ ହିରୋ ତଥା ଏସିଆନ ଗେମ୍ସ ଚାମ୍ପିୟନ ଜୋନାତନ କ୍ରିଷ୍ଟିଙ୍କଠାରୁ ହାରିଯାଇଥିଲେ।

### ରଣଜୀ ଟ୍ରଫି ଫାଇନାଲରେ ବିଦର୍ଭ

କୋଚୀ,୨୫।୧- ୱାୟାନାଡସ୍ଥିତ କ୍ରିଷ୍ଣାଗିରି ଷ୍ଟାଡିୟମ୍‌ଠାରେ ବିଦର୍ଭ ଓ କେରଳ ମଧ୍ୟରେ ଚାଲିଥିବା ରଣଜୀ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମାତ୍ର ଦୁଇ ଦିନରେ ଶେଷ ହୋଇଛି। ବିଦର୍ଭ ଦଳ ଏକ ଇନିଂସ ୧୧ ରନ୍‌ରେ କେରଳକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କ୍ରମାଗତ ୨ୟ ବର୍ଷ ଲାଗି ବିଦର୍ଭ ଦଳ ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ପେସର ଉମେଶ ଯାଦବଙ୍କ ସାମ୍ନାରେ ପ୍ରଥମ ଭଳି ଦ୍ୱିତୀୟ ଇନିଂସରେ ମଧ କେରଳ ବ୍ୟାଟ୍ସମ୍ୟାନମାନେ ଆତ୍ମସମର୍ପଣ କରିଥିଲେ। ପ୍ରଥମ ଇନିଂସରେ ୭ ଉଇକେଟ ନେଇଥିବା ଯାଦବ ଦ୍ୱିତୀୟ ପାଳିରେ ୫ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ମୋଟ ୧୨ ଉଇକେଟ ନେଇଥିବା ଭାରତୀୟ ପେସରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ



ବେ ଓଭାଲ ଗ୍ରାଉଣ୍ଡରେ ଟିମ୍ ଇଣ୍ଡିଆର ସଦସ୍ୟମାନଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରୁଛନ୍ତି ନ୍ୟୁଜିଲାଣ୍ଡର ମାଓରୀ ସମ୍ପ୍ରଦାୟ।

**ମାଉଣ୍ଟ ମାଉଁଗାନୁଇ,୨୫।୧(ପି.ଟି.)**

ସ୍ଥାନୀୟ ବେ ଓଭାଲ ଗ୍ରାଉଣ୍ଡରେ ଶନିବାର ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ। ନାପିଏରଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୮ ଉଇକେଟରେ ଅତି ସହଜରେ ବିଜୟ ହାସଲ କରି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ଦିନିକିଆ ଜିତି ଭାରତ ବିଜୟଧାର ବଜାୟ ଲକ୍ଷ୍ୟରେ ରହିଛି। ଭାରତୀୟ ସ୍ପିନରଙ୍କ ବିପକ୍ଷରେ ନ୍ୟୁଜିଲାଣ୍ଡର ସଂଘର୍ଷ ସ୍ପଷ୍ଟ ଭାବେ ବାରି ହେଉଥିବା ବେଳେ ଭାରତ ଏହାର ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ସମେତ ଦ୍ରୁତ ବୋଲର ମହମ୍ମଦ ସାମି ପ୍ରଥମ ମ୍ୟାଚ୍‌ରେ କମାଲ କରିଥିଲେ। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଭାରତ ଉଭୟ ଟେଷ୍ଟ ଓ ଦିନିକିଆ ସିରିଜରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। ଅନ୍ୟପଟେ ଘରୋଇ ଦଳ ଭାରତକୁ ହରାଇ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ସୂର୍ଯ୍ୟଙ୍କ କିରଣ ଯୋଗୁଁ ପାଖାପାଖି ୩୦ ମିନିଟ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। କୁଲଦୀପ ଓ ଚହଲ ମିଳିତ ଭାବେ ନ୍ୟୁଜିଲାଣ୍ଡର ୬ ଉଇକେଟ ଅକ୍ତିଆର କରିନେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଏହି ଦୁଇ ରିଷ୍ଟ ସ୍ପିନର ପୁଣି କମାଲ କରିବା ଆଶା କରାଯାଉଛି। ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର କିଛିମାସ ବାକିଥିବା ବେଳେ ଭାରତ ଏପର୍ଯ୍ୟନ୍ତ ତା'ର ମିଡଲ ଅର୍ଡରକୁ ସଜାଡି ପାରିନାହିଁ ବା ଅନ୍ତିମ ରୂପ ଦେଇ ପାରିନାହିଁ। ଏହି ମ୍ୟାଚ୍‌କୁ ବାଦ ଦେଲେ ଭାରତ ବିଶ୍ୱକପ୍ ପୂର୍ବରୁ ଆଉ ୧୧ଟି ଦିନିକିଆ ଖେଳିବ। ତେଣୁ ଏହି ସିରିଜରେ ଭାରତ ଅତିକମ୍‌ରେ ମିଡଲ ଅର୍ଡରରେ ସ୍ଥିରତା ଆଣିବାର ସୁଯୋଗ ପାଇବ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରୁ ଶୁକ୍ରବାର ବାସନ୍ଦାଦେଶ ଉଠାଇ ଦିଆଯାଇଛି। ତେବେ ଏହି ମ୍ୟାଚ୍ ନ ଖେଳି ତୃତୀୟ ଦିନିକିଆ ମ୍ୟାଚ୍ ଖେଳିବାର ସମ୍ଭାବନା ରହିଛି। ପ୍ରଥମ ଦିନିକିଆରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପେସ୍ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ଖେଳାଇଥିଲା। ତେବେ ଯଦି ପରିସ୍ଥିତି ଭିନ୍ନ ହୁଏ ତାହେଲେ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ପ୍ରଥମ ମ୍ୟାଚ୍‌ରେ ୨୩ ବଲରୁ ଅପରାଜିତ ୧୩ ରନ କରିଥିବା ଅମ୍ବାତି ରାୟୁଡୁଙ୍କୁ ଆଉ ଏକ ସୁଯୋଗ ଦିଆଯିବ। ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ରାୟୁଡୁ ସେତେଟା ସଫଳ ହୋଇ ପାରି ନ ଥିଲେ। ତେବେ ଅଭିଜ୍ଞ ଓପନର ଶିଖର ଧାୱନ ଫର୍ମକୁ ଫେରିବା ଭାରତ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। ଅପରାଜିତ ୭୫ ରନ କରି ଧାୱନ ପ୍ରଥମ ଦିନିକିଆ ବିଜୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଧାୱନ ଭାରତ ପାଇଁ ମୁଖ୍ୟ ଅସ୍ତ୍ର ହୋଇ ପାରିବେ ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। କୋହଲି ଅନ୍ତିମ ଦୁଇ ଦିନିକିଆ ଓ ଟି୨୦ ସିରିଜରୁ ବିଶ୍ରାମ ନେବେ। ଏପରି ହେଲେ ତୃତୀୟ ଦିନିକିଆରେ ଯୁବ ବ୍ୟାଟ୍ସମ୍ୟାନ ଶୁଭମନ ଗିଲ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ବିପକ୍ଷ ଗତ ଘରୋଇ ସିରିଜରେ ନ୍ୟୁଜିଲାଣ୍ଡ ୪-୦ରେ ବିଜୟୀ ହୋଇଥିଲା। ତେବେ ଯଦି ଆଶାନୁରୂପ ପ୍ରଦର୍ଶନ ନ କରେ ତାହେଲେ ଭାରତ ଏହି ବ୍ୟବଧାନରେ ବିଜୟୀ ହେବ ବୋଲି ନ୍ୟୁଜିଲାଣ୍ଡ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ତେଣୁ ସିରିଜକୁ ଫେରିବାକୁ ହେଲେ ଆମକୁ ଉଚ୍ଚକୋଟୀର ପ୍ରଦର୍ଶନ କରିବାକୁ ହେବ। ବ୍ୟାଟ୍ସମ୍ୟାନ ଓ ବୋଲରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ ବୋଲି ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ କହିଛନ୍ତି। କେବଳ ଅଧିନାୟକ କେନ୍ ଉଇଲିୟମସନଙ୍କୁ ବାଦ୍ ଦେଲେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଫେଲ୍ ମାରିଥିଲେ।

> **ଆଜି ଦ୍ୱିତୀୟ ଦିନିକିଆ**
> - **ସମୟ: ୭.୩୦**
> - **ସ୍ଥାନ: ବେ ଓଭାଲ**
> - **ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

ଏହି ଉଇକେଟ ମ୍ୟାଚ୍ ହାଇ ସ୍କୋରିଂ ହେବ ବୋଲି ଆଶା କରାଯାଉଛି। କିଛି ଦିନ ତଳେ ଶ୍ରୀଲଙ୍କା ମ୍ୟାଚ୍ ମଧ୍ୟ ହାଇସ୍କୋରିଂ ହୋଇଥିଲା। ଏହି ଗ୍ରାଉଣ୍ଡରେ ସ୍ପିନରଙ୍କ ଅପେକ୍ଷା ଦ୍ରୁତ ବୋଲରମାନେ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥାନ୍ତି। ତେବେ ମ୍ୟାଚ୍ ଆଗକୁ ବଢ଼ିବା ସଙ୍ଗେସଙ୍ଗେ ଦ୍ରୁତ ବୋଲରମାନେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥାନ୍ତି। ଏଠରେ ନ୍ୟୁଜିଲାଣ୍ଡ ୬ଟି ମ୍ୟାଚ ଖେଳିଛି। ସେଥିମଧ୍ୟରୁ ଘରୋଇ ଦଳ ୩ଟିରେ ବିଜୟୀ ହୋଇଥିବା ବେଳେ ୩ଟିରେ ପରାଜୟବରଣ କରିଛି। ସାଧାରଣତନ୍ତ୍ର ଦିବସରେ ଏହି ମ୍ୟାଚରେ ବେଶ୍ ସଂଘର୍ଷ ଓ ରୋମାଞ୍ଚ ଦେଖିବାକୁ ମିଳିବ ଓ ପ୍ରଶଂସକମାନେ ଏହାକୁ ଉପଭୋଗ କରିବେ ବୋଲି ଆଶା କରାଯାଉଛି।

## ମଞ୍ଜୁଶ୍ରୀ ଦେବୀ କ୍ରିକେଟ: ଫାଇନାଲରେ ଆଳି

**ରାଜନଗର, ୨୫।୧**

ରାଜନଗର ବ୍ଲକ ସନ୍ଥପଡାଠାରେ ଚାଲିଥିବା ମଞ୍ଜୁଶ୍ରୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆଳିର ଖରାଖାଇ କ୍ରିକେଟ ଟିମ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ଇନ୍ଦୁପୁରର ଜିସିସି କ୍ରିକେଟ କ୍ଲବକୁ ଆଳି ଦଳ ୫ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଇନ୍ଦୁପୁର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୫ ରନ କରିଥିଲା। ଦଳର ସତୀଶ କୁମାର ୪୭, ଗୋବିନ୍ଦ ତାଣ୍ଡିଆ ୩୬ ରନ କରିଥିଲେ। ଆଳିର ପ୍ରତାପ ରାୟ ଓ ସ୍ୱପ୍ନେଶ ବିଶ୍ୱାଳ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୨୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଆଳି ୧୩.୨ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳର ବିକାଶ ଜେନା ୩୧, ସତ୍ୟରଞ୍ଜନ ୩୧ ରନ କରିଥିଲେ। ଇନ୍ଦୁପୁରର ପ୍ରଦୀପ ବେହୁରା ୨ଟି ଉଇକେଟ ନେଇଥିଲେ। ୧୮ରନ ଓ ୨ଟି ଉଇକେଟ ନେଇଥିବାରୁ ସ୍ୱପ୍ନେଶ ବିଶ୍ୱାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ

**ଭୁବନେଶ୍ୱର, ୨୫।୧(ସ୍ପୋର୍ଟ୍ସ ବ୍ୟୁରୋ)**

ପାରାଦୀପର ଭୁତମୁଣ୍ଡାଇଠାରେ ଚାଲିଥିବା ସୁଶୀଲ ଓ ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ପ୍ରବେଶ କରିଛି। ରବିବାର ରାମେଶ୍ୱର ଓ ସ୍କାନ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ରାମେଶ୍ୱର ୮ ଉଇକେଟରେ କଟକର ନିମପୁର ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ୨୦ ଓଭରରେ ୬ ଉଇକେଟ ହରାଇ ୨୨୮ ରନ କରିଥିଲା। ଦଳ ପକ୍ଷରୁ ଅଜୟ ନାୟକ ସର୍ବାଧିକ ୮୨ ଓ ଅଭିଷେକ ଗିରି ୫୧ ରନ କରିଥିଲେ। ପ୍ରତିପକ୍ଷ ଦଳର ଦିବ୍ୟପ୍ରକାଶ ସାହୁ ଓ ରାଜେଶ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୨୯ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ରାମେଶ୍ୱର ୧୫.୧ ଓଭରରେ ୨ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ନିହାର ରଞ୍ଜନ ପଟ୍ଟନାୟକ ୪୮ ବଲ୍‌ରୁ ୮୮ ଓ ନରେନ୍ଦ୍ର ଦାସ ୨୩ ବଲ୍‌ରୁ ଦ୍ରୁତ ୭୧ ରନର ଇନିଂସ ଖେଳିଥିଲେ। ରାକେଶ ଶର୍ମା ୨୮ ବଲ୍‌ରୁ ୫୯ ରନ ସଂଗ୍ରହ କରିଥିଲେ। ନିହାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।



ନିହାର ରଞ୍ଜନ ପଟ୍ଟନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**INVITATION FOR BIDS (IFB)**
**'e' Procurement Notice - 5/2018-19**
**BID INDENTIFICATION NO. SAL-BDK-5-P1 OF 2018-19**

No.1082-A

| | | | |
|---|---|---|---|
| 1 | Name of Work | : | Clearning of Water Hycinth works |
| 2 | Class of Contractor | : | Varies from 'D' Class to 'A' Class |
| 3 | No. of Works | : | 44 Nos. (Details as per NIT available in website) |
| 4 | Value of Work | : | Rs. 7.05 Lakhs to 46.87 lakhs |
| 5 | Time of Completion | : | 3 Calendar Months each |
| 6 | Type of Bid | : | Percentage Bid |
| 7 | Summary for key dates is provided below | | |
| 8 | Date of Lottery | : | 22.02.2019 at 11.00 AM (in case situation arises) |

| Procurement Officer | Bid-Identification No. | Availability of tender on-line for bidding | | Date and time of opening of Tender |
|---|---|---|---|---|
| | | From | To | |
| 1 | 2 | 4 | 5 | 6 |
| Executive Engineer, Salandi Canal Division, Bhadrak | SAI-BDK-5 P1 of 2018-19 | 29.01.2019 at 11.00 AM | 12.02.2019 UPTO 17.00 Hours | 13.02.2019 at 11.00 A.M. |

Further details can be seen from the website http://www.tendersorissa.gov.in / www.dowrodisha.gov.in
Any addendum / Corrigendum / Cancellation to the above notice will be published in this website only.
32005/11/0008/1819 **Sd./- Executive Engineer, Salandi Canal Division, Bhadrak**



**ଓଡ଼ିଶା ସରକାର**
**ଜଙ୍ଗଲ ଓ ପରିବେଶ ବିଭାଗ**
**ଦକ୍ଷିଣ ବନଖଣ୍ଡ, କଳାହାଣ୍ଡି, ଭବାନୀପାଟଣା, ଫୋନ ନଂ: ୦୬୬୭୦-୨୩୧୬୭୬**
**ବିଜ୍ଞାପନ**
**ଜିଲ୍ଲାସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୧୯**

**No.148-MM:-** କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ତରଫରୁ ଚଳିତ ବର୍ଷ ଫେବୃୟାରୀ ମାସ ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ (ଲାଲ୍ ବାହାଦୁର ଷ୍ଟାଡିୟମ୍ ପଡ଼ିଆରେ) ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ୫୦ ଗୋଟି ଷ୍ଟଲ ଖୋଲା ହେବ। ପ୍ରତ୍ୟେକ ଷ୍ଟଲ ନିମନ୍ତେ ଦୁଇଜଣଙ୍କ ପାଇଁ ସକାଳ ଓ ସନ୍ଧ୍ୟାରେ ଚା ଜଳଖିଆ, ମଧ୍ୟାହ୍ନ ଓ ରାତ୍ରିଭୋଜନ ସହ ରହଣି ନିମନ୍ତେ ଶୟନାଗାର ବନ୍ଦୋବସ୍ତ କରାଯିବ। କୌଣସି ଅନିବାର୍ଯ୍ୟ କାରଣବଶତଃ ଯଦି ଖାଦ୍ୟପେୟର ବନ୍ଦୋବସ୍ତ କରାଯାଇ ନ ପାରେ, ତେବେ ପ୍ରତି ଷ୍ଟଲର ୨ ଜଣଙ୍କ ନିମନ୍ତେ ଜଣ ପ୍ରତି ଦୈନିକ ଟ.୨୪୦/-ଙ୍କା ପ୍ରଦାନ କରାଯିବ। ଉପରୋକ୍ତ ହର୍ବାଲ ମେଳାରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ, ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ ଅଫିସରେ ନିମ୍ନମତେ ଅଗ୍ରିମ ଦେୟ ପୈଠ କରି ଷ୍ଟଲ ବୁକିଂ କରିପାରିବେ।

| ବର୍ଗ | ଦେୟ (ଟଙ୍କା) | ବର୍ଗ | ଦେୟ (ଟଙ୍କା) |
|---|---|---|---|
| ସରକାରୀ ସଂସ୍ଥା, ଉନ୍ନୟନ ସଂସ୍ଥା ସ୍ୱେଚ୍ଛାସେବୀ ସଂଗଠନ/ଔଷଧୀୟ ଉଦ୍ଭିଦଜାତ ପଦାର୍ଥର ଉତ୍ପାଦନକାରୀ ଓ ବ୍ୟବସାୟୀ ପ୍ରତିଷ୍ଠାନ | ୫୦୦୦ | ପାରମ୍ପରିକ ଚିକିତ୍ସକ ବ୍ୟକ୍ତିବିଶେଷ (ଆୟୁର୍ବେଦ/ ହୋମିଓପାଥି/ ୟୁନାନି) | ୨୦୦୦ |
| ବନ ସୁରକ୍ଷା ସମିତି/ ସ୍ୱୟଂ ସହାୟକ ଗୋଷ୍ଠୀ | ୩୦୦୦ | ଯୋଗ ପ୍ରଶିକ୍ଷଣ ସଂସ୍ଥା | ୫୦୦ |

**(ଦେୟ ପଇଠ କରିବା ପାଇଁ– DFO, Kalahandi (South) KHM, A/c No. 50100182824915, IFSC-HDFC0001958 of HDFC Bank, Bhawanipatna ବ୍ୟବହାର କରନ୍ତୁ)**

ଏ ପର୍ଯ୍ୟନ୍ତ ରାଜ୍ୟର ବିଗତ ୫ ବର୍ଷ ଧରି ଆୟୋଜିତ କୌଣସି ମେଳାରେ ଭାଗ ନେଇ ନ ଥିବା ବା କ୍ୱଚିତ ଭାଗ ନେଇଥିବା ବ୍ୟକ୍ତି/ ସଂସ୍ଥାଙ୍କୁ ଅଗ୍ରାଧିକାର ଦିଆଯିବା ସହ ଓଡ଼ିଶାର ସବୁ ଜିଲ୍ଲାର ପ୍ରତିନିଧିତ୍ୱକୁ ମଧ୍ୟ ପ୍ରାଥମିକତା ଦିଆଯିବ। ଗ୍ରୁପ ବୁକିଂ କରାଯାଇ ପାରିବ ନାହିଁ। ଦେୟ ପଇଠ କରି ଭାଗ ନେଇ ନ ପାରିଲେ, କୌଣସି ପରିସ୍ଥିତିରେ ଦେୟ ଫେରସ୍ତ କରାଯିବ ନାହିଁ। ଷ୍ଟଲ ଆବଣ୍ଟନ ପାଇଁ ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
ଏହି ସବୁ ମେଳାରେ ଜନସାଧାରଣ ବିପୁଳ ଭାବରେ ଯୋଗଦେଇ ଉପକୃତ ହେବାକୁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଅନୁରୋଧ କରୁଛନ୍ତି।

**ସ୍ୱା./- କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ**
**ଭବାନୀପାଟଣା, ଫୋନ ନଂ: ୯୯୩୮୩୮୭୯୦୬**
**ଫୋନ ନଂ: ୯୭୭୭୦୨୪୮୨୨**
**08107/11/0004/1819**



**Government of Odisha**
No.1482-O
**Office of the Superintending Engineer, Northern Circle, Rural Works, Angul**
**e-Procurement Notice for Bridge work in Odisha**
**Bid Identification No. Bridge Online AGL- 12/2018-19**

No. 105 Dt. 23.01.2019

| | | | |
|---|---|---|---|
| 1. | Name of the work | : | Bridge work |
| 2. | Total No.of work | : | 2 Nos. |
| 3. | Estimated cost | : | Rs.166.05 Lakhs to Rs.276.75Lakhs |
| 4. | Class of Contractor | : | 'B' & 'A' Class |
| 5 | Period of completion | : | 11 (Eleven) Calendar Months |
| 6. | Other details. | | |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL-12 / 2018-19 | 29.01.2019 at 10.00 A.M | 12.02.2019 up to 5.00 P.M | 08.02.2019 up to 1.00 P.M | 13.02.2019 at 11.00 A.M | 18.02.2019 at 11.00 A.M |

(1) For detailed Notice inviting Tenders,Please visit to the website **www.tendersorissa.gov.in**.
25049/11/0015/1819 **Sd./- Superintending Engineer, N.C, Rural Works, Angul**



**ODISHA HYDRO POWER CORPORATION LTD.**
**(A Government of Odisha Undertaking)**
**OFFICE OF THE SENIOR GENERAL MANAGER (ELE.)**
**UPPER KOLAB H. E. PROJECT,**
**AT/P.O. : BARINIPUT; DIST. : KORAPUT(ODISHA) -764006**
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com

**TENDER CALL NOTICE NO.OHPC: SGM (EL): UKHEP: 36/2018-19, Dated: 24.01.2019.**

No. CAD-1324: Sealed Tenders in duplicate are invited from the Registered Travel Agencies/Vehicle Owners for the works mentioned below.

| Sl. No. | Description / Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | Hiring of 01 No. of Diesel Run Renault Duster 110PS RxL Light Vehicle or equivalent for deployment on General Duty of Unit Head, Upper Kolab Hydro Electric Project, Bariniput. | Rs.4720/- | 01% of Quoted Value |

**The sale of Tender Paper will be from :-01.02.2019 to 13:00 Hrs. of 15.02.2019.**
**The last date & time of receipt of tender :-Up to 16:00 Hrs. of 15.02.2019.**
**The date and time of opening of tender :-16:30 Hrs. of 15.02.2019.**
For details of tender documents and Terms & Conditions downloading please visit our website www.ohpcltd.com.

**Unit Head,**
**Upper Kolab HEP, OHPC Limited,Bariniput**
04002/11/0089/1819



**ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କୀତ ସୂଚନା**

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ସାରା ରାଜ୍ୟରେ ସ୍ଲୋଗାନ ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଜନସାଧାରଣ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ଅଞ୍ଚଳର ଆଞ୍ଚଳିକ ପରିବହନ ଅଧିକାରୀ (RTO)ଙ୍କ ପାଖକୁ ଉଭୟ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ସଡ଼କ ସୁରକ୍ଷା ସମ୍ପର୍କୀତ ସ୍ଲୋଗାନ ମାନ ପଠାଇ ପାରିବେ। ସ୍ଲୋଗାନ ୪୦ଟି ଶବ୍ଦରେ ସୀମିତ ହେବା ଆବଶ୍ୟକ। ପୂର୍ବବର୍ଷ ଗୁଡ଼ିକରେ ଆସିଥିବା ସ୍ଲୋଗାନ ଗ୍ରହଣୀୟ ହେବନାହିଁ। ଛାତ୍ରଛାତ୍ରୀ ମାନଙ୍କ ଠାରୁ ଆସିଥିବା ସ୍ଲୋଗାନ ଗୁଡ଼ିକ ସେମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ କିମ୍ବା ମହାବିଦ୍ୟାଳୟର ଅଧକ୍ଷ / ଅଧକ୍ଷା ଙ୍କ ମାଧ୍ୟମରେ ଆସିବା ଆବଶ୍ୟକ।

**ଉକ୍ତ ସ୍ଲୋଗାନ ଗୁଡ଼ିକ ତା.୦୫.୦୨.୨୦୧୯ ସୁଦ୍ଧା RTOଙ୍କ ପାଖରେ ପହଞ୍ଚିବା ଆବଶ୍ୟକ।** ପ୍ରତି ବର୍ଗରୁ ସର୍ବୋତ୍ତମ ୩ଟି ସ୍ଲୋଗାନକୁ ବଛାଯାଇ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯିବ। ସମସ୍ତ ଜିଲ୍ଲା ସ୍ତରରୁ ବଛାଯାଇଥିବା ସ୍ଲୋଗାନ ମଧ୍ୟରୁ ରାଜ୍ୟ ସ୍ତରରେ ପ୍ରତି ବର୍ଗରୁ ୩ଟି ସ୍ଲୋଗାନ ବଛା ଯାଇ **ତା.୧୦.୦୨.୨୦୧୯** ରେ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନୀତ କରାଯିବ। ପ୍ରତିଯୋଗିତାର ବର୍ଗ ନିମ୍ନରେ ପ୍ରଦାନ କରାଗଲା :

| ବର୍ଗ | ଶ୍ରେଣୀ ସୀମା / ବୟସ ସୀମା |
|---|---|
| କନିଷ୍ଠ ବର୍ଗ | ଚତୁର୍ଥ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ |
| ବରିଷ୍ଠ ବର୍ଗ | ଅଷ୍ଟମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ |
| ଜନସାଧାରଣ | କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ |

**ପରିବହନ କମିଶନର, ଓଡ଼ିଶା**



**DISTRICT OFFICE, PURI**
**(Social Welfare Section)**
**Phone No.06752-223350/ 223351, E-mail ID: dswopuri@nic.in**
**TENDER CALL NOTICE**
**No. 124 /SW Date : 21.01.19**

No.66-g : Sealed tenders are invited from intending agencies/ firms/ printing press for printing of 25000 nos.Arunima Abhyasa Pustika- I & II (approximately) and delivery of the same at .12 ICDS Project (Block) points of the district. The tender documents should reach in the office of the District Social Welfare Officer, Puri by Registered post or Speed Post by 5.00 PM on 11.02.2019 and the tender will be opened at 11.00 AM on 12.02.2019 in the office chamber of the undersigned in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay.
The details regarding sample, colour/ specification of the Arunima Abhyasa Pustika - I & II should be of exact specifications as per the samples available in www.wcdorissa.gov.in. The selected agency has to supply the printed materials to all the 12 ICDS Project offices of the District at his own cost. The agency has to supply the samples of Arunima Abhyasa Pustika I &II as per specification detailed in terms and conditions on 12.02.2019 in tender meeting. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these registers should be redesigned or modified.
The firms/ agencies/ printing press can download the tender paper from website . The firms/ agencies/ printing press submitting tender paper by downloading have to enclose a non-refundable Bank Draft amounting Rs.3,000 /- (Rupees three thousand) only as non-refundable cost of Tender Paper in favour of DSWO, Puri payable at SBI Main Branch, Puri failing which the tender paper will be rejected. The tenderers must pay an amount of Rs.l lakh (Rupees one lakh ) only, as EMD in favour of DSWO, Puri payable at SBI Main Branch (under pledged to DSWO, Puri). The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.
The decision of the tender committee regarding acceptance / rejection of tender without assigning any reason thereon is binding.
26022/11/0001/1819 **Sd./- Collector, Puri**

> ଡେଲ୍ ଷ୍ଟେଇନ୍ ହେଉଛନ୍ତି ମୋ ରୋଲ୍ ମଡେଲ। ମୁଁ ତାଙ୍କ ଭଳି ଜଣେ ଅଣପାରମ୍ପରିକ ପେସ୍ ବୋଲର ହେବାକୁ ଚାହେଁ।
> – ଝେ ରିଚାର୍ଡସନ, ଅଷ୍ଟ୍ରେଲିଆନ କ୍ରିକେଟର



> ଆସନ୍ତା ବିଶ୍ୱକପ୍ ଲାଗି ଭାରତୀୟ କ୍ରିକେଟ ଦଳରେ ମିଡ୍ଲ ଅର୍ଡରରେ ସ୍ଥାନ ପାଇଁ ଖେଳାଳିଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିବ।
> – ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ରାଜ୍ୟ କାୟାକିଂ, କାନୋଇଂ ଦଳ ଘୋଷିତ

କଟକ ଅଫିସ,୨୫।୧- ଭୋପାଳଠାରେ ଆସନ୍ତା ୩୧ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଜୁନିୟର ଓ ସବ୍‌ଜୁନିୟର ଜାତୀୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ରାଜ୍ୟ କାୟାକିଂ କାନୋଇଂ ଆସୋସିଏଶନ ପକ୍ଷରୁ ଶୁକ୍ରବାର ୨୫ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ବାଳକ ବର୍ଗରେ ୧୪ ଓ ବାଳିକା ବର୍ଗରେ ୧୧ଜଣ ଖେଳାଳି ସ୍ଥାନ ପାଇଛନ୍ତି। କୋଚ୍ ଭାବେ ଜନସନ ସିଂ ଓ ପୃଥ୍ୱୀରାଜ ସିନ୍ଧେ ଦଳ ସହ ଯାତ୍ରା କରିବେ। ୨୮ ତାରିଖରେ ଦଳ ଭୋପାଳ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

### ଦିବାରାତ୍ର ଟେଷ୍ଟ ଅଷ୍ଟ୍ରେଲିଆ ସ୍ଥିତି ସୁଦୃଢ଼

ବ୍ରିସ୍‌ବେନ, ୨୫।୧ (ଏଏଫ୍‌ପି)-ଟ୍ରାଭିସ୍ ହେଡ୍ ଓ ମାର୍କସ ଲାବୁସ୍କେନଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଯୋଗୁ ଗାବାଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ (ଦିବାରାତ୍ର) ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ହେଡ୍ ୮୪ ଏବଂ ଲବୁସ୍କାନେ ୮୧ ରନ କରିଥିଲେ। ଅଷ୍ଟ୍ରେଲିଆ ୩୨୩ ରନ କରିବା ସହ ପ୍ରଥମ ଇନିଂସରେ ୧୭୯ ରନ ଅଗ୍ରଣୀ ହାସଲ କରିଛି। ଜବାବରେ ଶ୍ରୀଲଙ୍କା ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧ ଉଇକେଟ ବିନିମୟରେ ୧୭ ରନ କରିଛି। ଦିମୁଥ କରୁଣାରତ୍ନେ ମାତ୍ର ୩ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ଟିମ୍ ପେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଫ୍ଲଡ୍ ଲାଇଟ୍‌ରେ ଦ୍ୱିତୀୟ ଦିବସ ଖେଳର ଶେଷ ୬ଓଭର ପିଙ୍କ୍ ବଲ୍ ବୋଲିଂର ସାମ୍ନା କରିବା ଭ୍ରମଣକାରୀ ଦଳଙ୍କ ପାଇଁ କଷ୍ଟକର ପରିଲକ୍ଷିତ ହୋଇଥିଲା। ଆଉ ୩ ଦିନ ଖେଳ ବାକି ରହିଥିବା ବେଳେ ବର୍ତ୍ତମାନ ମୋଟ ଉପରେ ୧୬୨ ରନରେ ପଛୁଆ ରହିଥିବା ଶ୍ରୀଲଙ୍କା ପରାଜୟ ଏଡାଇବାକୁ ସଂଘର୍ଷ ଚଳାଇଛି। ସଂକ୍ଷିପ୍ତ ସ୍କୋର:ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୪୪। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୨୩ (ଟ୍ରାଭିସ୍ ହେଡ୍-୮୪, ମାର୍ନସ ଲାବୁସ୍କେନ୍-୮୧,ମାର୍କସ ହାରିସ-୪୪, ସୁରଙ୍ଗ ଲକମଲ-୫/୭୫, ଦିଲରୁୱାନ ପେରେରା-୨/୮୪)। ଶ୍ରୀଲଙ୍କା ଦ୍ୱିତୀୟ ଇନିସ: ୧୭/୧।

### ସମସ୍ତ ଦୋଷ ସ୍ୱୀକାର କଲେ ଶର୍ଜିଲ

କରାଚୀ,୨୫।୧(ପି.ଟି.)- ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ ଥିବା ପାକିସ୍ତାନ ଟେଷ୍ଟ ବ୍ୟାଟ୍ସମ୍ୟାନ ଶର୍ଜିଲ ଖାଁ ପିସିବିର ଆଣ୍ଟି କରପଶନ ଟ୍ରିବ୍ୟୁନାଲ ପକ୍ଷରୁ କରାଯାଇଥିବା ସମସ୍ତ ୫ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଘରୋଇ କ୍ରିକେଟକୁ ଶୀଘ୍ର ଫେରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୭ ଫେବୃୟାରୀରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ସ୍ପଟ ଫିକ୍ସିଂ ଲାଗି ଖାଁଙ୍କୁ ୫ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ଏଥିମଧ୍ୟରୁ ଅଢ଼େଇ ବର୍ଷ କାଟ୍ କରାଯାଇଛି। ତାଙ୍କ ଓକିଲ ଶାଇଘାନ ଇଜାଜ ସ୍ପଷ୍ଟ କରିଛନ୍ତି ଯେ, ବାସନ୍ଦାଦେଶ ଶେଷ ହେବା ପୂର୍ବରୁ ଶର୍ଜିଲଙ୍କୁ ଘରୋଇ କ୍ରିକେଟରେ ଖେଳିବାକୁ ଅନୁମତି ଦିଆଯାଉ ବୋଲି ସେ ପିସିବି ଅଧ୍ୟକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଆବେଦନ ପତ୍ର ମାଧ୍ୟମରେ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି।

# ଜୋକୋଭିଚ-ନାଡାଲ ଟାଇଟଲ ଟକ୍କର

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୨୫।୧(ଏଏଫପି)

ସର୍ବିୟାର ନୋଭାକ ଜୋକୋଭିଚ୍ ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଦ୍ୱାରରେ ପହଞ୍ଚି ଯାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସେ ୨୮ତମ ସିଡ୍ ଫ୍ରାନ୍ସର ଲୁକାସ ପୋଉଲିଙ୍କୁ ୬-୦, ୬-୨, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲରେ ରାଫାଲ ନାଡାଲଙ୍କ ସହ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସମ୍ପ୍ରତି ବିଶ୍ୱର ନମ୍ବରୱାନ ସ୍ଥାନରେ ଥିବା ଜୋକୋଭିଚ୍ ୨୦୧୬ ପରେ ଏଠାରେ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୮ ଅଷ୍ଟ୍ରେଲିଆନ ଓପନର ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ ଏହି ସର୍ବିୟ ଖେଳାଳି। ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ସଫଳ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି ଜୋକୋଭିଚ୍। କ୍ୟାରିୟରରେ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସାରିଥିବା ଜୋକୋଭିଚ୍ ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫ ଓ ୨୦୧୬ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଥିଲେ। ଗ୍ରାଣ୍ଡସ୍ଲାମ ଟେନିସ ଫାଇନାଲରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲ ୪-୩ ବିଜୟ ରେକର୍ଡ ରଖିଛନ୍ତି। ନାଡାଲ ଯଦି ଏଥର ଚାମ୍ପିୟନ ହୁଅନ୍ତି ତେବେ ଓପନ ଯୁଗରେ ପ୍ରଥମ ଖେଳାଳିଭାବେ ୪ଟି ଯାକ ଗ୍ରାଣ୍ଡସ୍ଲାମ ଅତିକମ୍‌ରେ ୨ ଥର ଜିତିବାର ରେକର୍ଡ ବହନ କରିବେ। ଯଦି ଜୋକୋଭିଚ୍ ଟାଇଟଲ ଜିତିବେ ତେବେ ମେଲବୋର୍ନରେ ୬ ଥର ଲେଖାଏ ଟାଇଟଲ ଜିତିଥିବା ରୋଜର ଫେଡରର ଓ ରୟ ଏମରସନଙ୍କୁ ପଛରେ ପକାଇ ଦେବେ।

**ଷ୍ଟୋସୁର-ଝାଙ୍ଗ୍‌ଙ୍କୁ ମହିଳା ଡବଲ୍ସ ଟାଇଟଲ**



ମହିଳା ଡବଲ୍ସ ଟ୍ରଫି ସହ ସାମନ୍ଥା ଷ୍ଟୋସୁର ଓ ଶୁଆଇ ଝାଙ୍ଗ୍।

### ମହିଳା ଡବଲ୍ସ

ଅଣସିଡେଡ୍ ସାମନ୍ଥା ଷ୍ଟୋସୁର ଓ ଶୁଆଇ ଝାଙ୍ଗ୍ ଯୋଡ଼ି ଚଳିତ ଅଷ୍ଟ୍ରେଲିଆନ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ଏହି ଅଷ୍ଟ୍ରେଲିଆନ-ଚାଇନିଜ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ହଙ୍ଗେରୀର ଟିମିଆ ବାବୋସ ଓ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଷ୍ଟୋସୁର-ଝାଙ୍ଗ ଯୋଡ଼ିଙ୍କର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଷ୍ଟୋସୁର ପୂର୍ବରୁ ଲିସା ରେମଣ୍ଡଙ୍କ ସହ ମିଶି ୨୦୦୫ ୟୁଏସ ଓପନ ଓ ୨୦୦୬ ଫ୍ରେଞ୍ଚ ଓପନ ଜିତିଥିଲେ।

ଚେକ୍ ରିପବ୍ଲିକର ଜୋନାସ ଫୋରେଜେକ୍ ଓ ଡାଲିବର ସ୍ୱିନା ଏବଂ ଜାପାନର ନାତ୍‌ସୁମି କାୱାଗୁଚି ଓ ହଙ୍ଗେରୀର ଆଡ୍ରିଏନ୍ ନାଗି ଯଥାକ୍ରମେ ଚଳିତ ବର୍ଷର ବାଳକ ଡବଲ୍ସ ଓ ବାଳିକା ଡବଲ୍ସ ଟାଇଟଲ ଜିତିଛନ୍ତି।

# କ୍ୱିଟୋଭା- ଓସାକା ଫାଇନାଲ ଆଜି

ମେଲବୋର୍ନ,୨୫।୧(ଏଏଫପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ ପାଇଁ ଚେକ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ଓ ଜାପାନର ନାଓମି ଓସାକା ପରସ୍ପରକୁ ଭେଟିବେ। ଫାଇନାଲ ମ୍ୟାଚ୍‌ରେ ଦୁଇ ହାର୍ଡ ହିଟରଙ୍କ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ। ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ସହ ଏହି ଦୁଇ ଖେଳାଳି ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ ଲକ୍ଷ୍ୟରେ ରହିଛନ୍ତି। ଦୁଇଟି ୱିମ୍ବଲଡ଼ନ ଟାଇଟଲ ହାସଲ କରିଥିବା ୨୮ ବର୍ଷୀୟ କ୍ୱିଟୋଭା କ୍ରମାଗତ ୧୧ଟି ମ୍ୟାଚ୍ ଜିତି ଜବରଦସ୍ତ ଫର୍ମରେ ରହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରିନାହାନ୍ତି। ଏପରିକି ଟାଇ ବ୍ରେକ୍ ପର୍ଯ୍ୟନ୍ତ କଥା ମଧ୍ୟ ଯାଇନାହିଁ। ୨୦୧୬ରେ କ୍ୱିଟୋଭାଙ୍କ ଉପରେ ଜଣେ ଦୁର୍ବୃତ୍ତ ଛୁରିରେ ତାଙ୍କ ବାସଭବନରେ ଆକ୍ରମଣ କରିଥିଲା ଓ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ଏହି ଘଟଣା ପରଠାରୁ କ୍ୱିଟୋଭା ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ନେଇ ସେ ବେଶ ଆଶାବାଦୀ ଅଛନ୍ତି। ଅଷ୍ଟମ ସିଡ ମାନ୍ୟତା ପାଇଥିବା କ୍ୱିଟୋଭଙ୍କୁ ଏଥିପାଇଁ ୨୧ ବର୍ଷୀୟା ଓସାକାଙ୍କୁ ହରାଇବାକୁ ପଡିବ।

ଅପରପକ୍ଷରେ ଓସାକା ମଧ୍ୟ ଭଲ ଫର୍ମରେ ରହିଛନ୍ତି। ସେ ମଧ୍ୟ ଜଣେ ଆକ୍ରମଣାତ୍ମକ ଖେଳାଳି ବୋଲି କ୍ୱିଟୋଭା କହିଛନ୍ତି। ଉଭୟ ଦ୍ରୁତ ଖେଳିଥାନ୍ତି। ଉଭୟଙ୍କ ମଧ୍ୟରେ କିଛି ସମାନତା ରହିଛି। ଓସାକା ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଚତୁର୍ଥ ସ୍ଥାନରେ ରହିଛନ୍ତି। ସଫଳ ହେଲେ ଓସାକା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଜିତି ରେକର୍ଡ କରିବେ। ଏହା ପୂର୍ବରୁ ସେ ଗତବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ।ଏହାପୂର୍ବରୁ ଓସାକା ସେମିଫାଇନାଲରେ ସପ୍ତମ ସିଡ ଚେକ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇଥିଲେ। ସେହିପରି ସେ କ୍ୱାର୍ଟରରେ ଷଷ୍ଠ ସିଡ ୟୁକ୍ରେନ୍‌ର ଏଲିନା ଭିଟୋଲିନା, ଚତୁର୍ଥ ରାଉଣ୍ଡରେ ୧୩ତମ ସିଡ ଲାଟଭିଆର ଆନାଷ୍ଟାସିଜା ସେଭାଶୋଭାଙ୍କୁ ହରାଇଥିଲେ। ଅନ୍ୟପଟେ କ୍ୱିଟୋଭା ସେମିରେ ଆମେରିକାର ଡାନିଏଲେ କଲିନ୍ସ, କ୍ୱାର୍ଟରରେ ୧୫ତମ ସିଡ ଅଷ୍ଟ୍ରେଲିଆର ଆସଲେ ବାର୍ଟି ଓ ଚତୁର୍ଥ ରାଉଣ୍ଡରେ ଆମେରିକାର ଅମଣ୍ଡା ଆନିସାମାଭୋଙ୍କୁ ହରାଇଥିଲେ।

**ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ**

# କିସ୍-ବିଜେଇଏମ ଫାଇନାଲ

ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୭ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ କିସ୍ ଓ ବିଜେଇଏମ ସ୍କୁଲ ମଧ୍ୟରେ ଫାଇନାଲ ମୁକାବିଲା ହେବ। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଜେଇଏମ୍ ୧୧୮ ରନରେ ଖଣ୍ଡଗିରିର ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଜେଇଏମ୍ ୨୫ ଓଭରରେ ୭ ଉଇକେଟ ହରାଇ ୨୧୭ ରନ କରିଥିଲା। ଦଳ ପକ୍ଷରୁ ବିଭାଂଶୁ ଶେଖର ରାୟ ସର୍ବାଧିକ ୬୧ ରନ କରିଥିଲେ। ଜବାବରେ ସେଣ୍ଟ ଜାଭିୟର୍ସ ୨୫ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ବିରାଜକାନ୍ତ ବେହେରା ୫ ଓଭରରେ ୧୧ ରନ ଦେଇ ୩ଟି ଉଇକେଟ ନେଇଥିଲେ। ବିଭାଂଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ କିସ୍ ୩ ଉଇକେଟରେ ସେଣ୍ଟ ଯୋସେଫ(କନ୍‌ଭେଣ୍ଟ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସେଣ୍ଟ ଯୋସେଫ ୨୩.୫ ଓଭରରେ ୧୩୨ ରନ କରି ଅଲଆଉଟ ହୋଇ ଯାଇଥିଲା। ଜବାବରେ କିସ୍ ୨୩.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୩୧ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା କିସ୍‌ର ମହେନ୍ଦ୍ର ମାଡ଼ି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନୀଲ ବେହେରା, ବିନୋଦ ଦାସ, ସୁନୀଲ ସାହୁ ଅମ୍ପାୟରିଂ କରିଥିଲେ। ସ୍କୋରର ଥିଲେ ବିକାଶ ମାନସିଂ।

# ଜୁନ୍ ୧୪ରୁ କୋପା ଆମେରିକା

ରିଓ ଡି ଜେନିରୋ,୨୫।୧

ଏଠାରେ ଆସନ୍ତା ଜୁନ୍ ୧୪ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ୨୦୦୭ରୁ ଏହି ଟାଇଟଲ ଜିତି ନ ଥିବା ଆୟୋଜକ ବ୍ରାଜିଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ବଲିଭିଆକୁ ଭେଟିବ। ଦେଶର ୫ଟି ସହରରେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଫାଇନାଲ ରିଓ ଡି ଜେନିରୋସ୍ଥିତ ମାରାକାନା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଖେଳିବାକୁ ଥିବାରୁ ଦଳ ଚାପର ସମ୍ମୁଖୀନ ହେବା ନିଶ୍ଚିତ। ଆୟୋଜକ ଦଳ ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭେନେଜୁଏଲା ଓ ପେରୁ ସହ ମୁକାବିଲା କରିବ। ଗୁରୁବାର ପ୍ରକାଶ ପାଇଥିବା ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଅନୁଯାୟୀ ଆର୍ଜେଣ୍ଟିନା ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ କଲମ୍ବିଆ, ପାରାଗୁଏ ଓ କାତାର ଭଳି ଦଳ ରହିଛନ୍ତି।

# ଜାତୀୟ ସିନିୟର କବାଡ଼ି ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର କବାଡ଼ି ପାଇଁ ମନୋନୀତ ଓଡ଼ିଶା ଦଳ।

କଟକ ଅଫିସ,୨୫।୧

ଆସନ୍ତା ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ରୋହାରାଇଗଡ଼ଠାରେ ୬୬ତମ ସିନିୟର ଜାତୀୟ କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ରାଜ୍ୟ ପୁରୁଷ ଦଳ ଘୋଷଣା କରାଯାଇଛି। ଦଳର ଅଧିନାୟକ ରହିଛନ୍ତି ନିରଞ୍ଜନ ବାରିକ। ବିପ୍ର ଟୁଡୁ, ଅରବିନ୍ଦ ଖୁଣ୍ଟିଆ, ସତ୍ୟପ୍ରକାଶ ଦାଶ, ମଣୀନ୍ଦ୍ର ନାୟକ, ରାଜେଶ କୁମାର ଭୋଳ, ଅଭୟ ରଞ୍ଜନ ମାଝୀ, ସ୍ୱାଧୀନ ମେହେର, ବିନୋଦ କୁମାର ସତନାମୀ, ସନ୍ତୋଷ ସେଠୀ, ପ୍ରଣୟ ବେହେରା, ଏମ ଶ୍ରୀନିବାସ ଡୋରା ଦଳରେ ରହିଛନ୍ତି। ବାପି ବେହେରା ମ୍ୟାନେଜର, ରାମକୃଷ୍ଣ ହାତୀ କୋଚ୍ ଓ ସସ୍ମିତା ଦାସ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିବେ।



ଉତ୍ତମ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ନେଉଛନ୍ତି।

**ଜଗବନ୍ଧୁ ମେମୋରିଆଲ କ୍ରିକେଟ**

# ଫ୍ରେଣ୍ଡ୍ସ, ସିଦ୍ଧେଶ୍ୱର ଫାଇନାଲରେ

ପୁରୁଣା ଭୁବନେଶ୍ୱର, ୨୫।୧(ଡି.ଏନ୍.ଏ.)

ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶନିବାର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ଓ ସିଦ୍ଧେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କଟକର ଫ୍ରେଣ୍ଡ୍ସ କ୍ଲବ ଖୋର୍ଦ୍ଧାର ଭାଲିଆଭାଡ଼ି ଟିମ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଫ୍ରେଣ୍ଡ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ଭାଲିଆଭାଡ଼ି ୬ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଉତ୍ତମ ମହାନ୍ତିଙ୍କୁ ଅତିଥି ସଞ୍ଜୟ ସାହାଣୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦୀପକ ପାଢ଼ୀ ଓ ଆଲୋକ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ।

**ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

# ସେମିଫାଇନାଲରେ ଏମ୍‌ସିସି

ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ୟୁଥ କ୍ଲବ ଆନୁକୂଲ୍ୟରେ ୨୫ତମ ଆନ୍ତଃ ଜିଲା ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ସ୍କାନ ସ୍ପୋର୍ଟିଂକୁ ହରାଇ ଯାଜପୁର ଏମ୍‌ସିସି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଏମ୍‌ସିସି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ଆଜାର ଅଲ୍ଲୀ ୪ ଛକା, ୨ ଚୌକା ସହାୟତାରେ ୪୪, ଅମନ ଇକବାଲ ଖାଁ ୪ ଛକା, ୧ ଚୌକା ସହ ୩୨ ରନ୍ କରିଥିଲେ। ପ୍ରତିପକ୍ଷର ସତ୍ୟଜିତ ସାବତ ୫ ଓଭର ବୋଲିଂ କରି ୩ ଉଇକେଟ, ସନ୍ଦୀପ ଭଞ୍ଜଦେଓ ୫ ଓଭରରେ ୩ ଉଇକେଟ ନେଇଥିଲେ। ସ୍କାନ ସ୍ପୋର୍ଟିଂ ୨୫ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରଶ୍ମି ରାଉତ ୨୮ ଓ ଆଲୋକ ସେଠୀ ୨୭ ରନ୍ କରିଥିଲେ। ପ୍ରତିପକ୍ଷର ମୁଜାଖିର ଅଲ୍ଲୀ ଖାଁ ୪ ଓଭର ବୋଲିଂ କରି ୪ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଆଜାର ଅଲ୍ଲୀ ଖାଁଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ଚରଣ ପଣ୍ଡା, ଶରତ ଜେନା ଅମ୍ପାୟର ଓ ଚିନ୍ମୟ କୁମାର ସେନାପତି ରେଫରି ଦାୟିତ୍ୱ ତୁଲାଇଥିଲେ। ସୂର୍ଯ୍ୟଦୀପ୍ତ ସ୍ୱାଇଁ ଓ ବୁବୁନ ସାହୁ ସ୍କୋରର ଥିବାବେଳେ ନରେନ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରିଥିବା ବେଳେ ନାଆଁମୀ ମହାବିଦ୍ୟାଳୟର ଅଧ୍ୟାପକ ତରଣୀସେନ ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସଦାଶିବ ସାହୁ, ଜଗନ୍ନାଥ ଜେନା, ଜିଲା ପରିଷଦ ସଦସ୍ୟ ଦୀପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ, ଡ.ଶଶଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଯାଜପୁର ଇଲେଭେନଷ୍ଟାର ଓ ଭଦ୍ରକ ୟୁନିକ ଏକାଡେମୀ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।



ଆଜାର ଅଲ୍ଲୀ ଖାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ




Terms and conditions apply. Features and accessories shown may not be part of standard fitment. Images used are for illustration purposes only.

**AUTHORISED DEALERS: BHUBANESWAR: Jyote Motors (Lewis road)** 0674-2436829/31, **Jyote Motors (Nayapalli)** 7064470000 **Narayani Motors (Rasulgarh)** 0674- 2588474/475, **Sky Automobiles (Acharya vihar)** 9776645711. **CUTTACK: Sky Automobiles (cuttack road)** 9776677771. **ANGUL: Odyssey Motors** 8895650152/9937739493 **BALASORE: Jyote Motors** 06782-302200/302202, 8338033991. **BERHAMPUR: Sky Automobiles** 7381261000. **ROURKELA: Orbit Motors** 9437041155, 9040404333 **Sambalpur Odyssey Motors** 7381015933 **JEYPORE: Legend Cars** 7894442915/7752029391. **RAIPUR: Sparsh Automobiles (Pachpedi Naka)** 4222222, 9926430000, **Sky Automobiles (Mahoba Bazar)** 9584433191 **(Avanti Vihar)** 9584433160, **Hdn Motors** 7909800003, 7909800012, **Vishwabharti Automobiles** 7714911111. **BHILLAI: Chouhan Automobiles** 7222910011, **Sparsh Automobiles** 9826440009. **DURG: Sparsh Automobiles (Mini Mata Chowk)** 9926009634. **JAGDALPUR: Sky Automobiles** 9584433110. **BILASPUR: Satya Automobiles** 7089888881. **KORBA: Satya Automobiles** 7089888882. **RAIGARH Satya Automobiles** 7089888883. **AMBIKAPUR: Mahamaya Auto Cars** 07774-231852. **E OUTLET: Sky Automobiles (Dhenkanal)** 9776900005, **(Jajpur)** 9776900777, **Jyote Motors (Baripada)** 8338033991, **(Bhadrak)** 8338033991, **(Keonjhar)** 8599019851, **(Nayagarh)** 7381028515, **Narayani Motors (Puri)** 9583022035, **(Paradeep)** 9583022034, **Odyssey Motors (Bolangir)** 9438068327, **(Bargarh)** 9938407977, **(Nuapada)** 9668743440 **(Sonepur)** 8598099824 **(Jharsuguda)** 9439892153, **Orbit Motors (Sundargarh)** 9437049161 **(Deogarh)** 9040088111, **Legend Cars (Bhawanipatna)** 7894442907, **Sky Automobiles (Kanker)** 9893307423 **(Dhamtari)** 9893307417 **(Baloda Bazar)** 9584465279, 07727222606 **(Moudapara)** 9584465276 **(Kasdol)** 9584433135 **(Kharora)** 8889998634 **(Saraipali)** 9584433874 **(Abhanpur)** 9584465308, **Sparsh Automobiles (Rajim)** 9926104449 **(Mahasamund)** 9009990399 **(Bhatapara)** 8435049922 **(Rajnandgaon)** 9977039992, **Satya Automobiles (Mungeli)** 9981266665, 9981266667 **(Janjgir)** 7694821111 **(Sarangarh)** 9174041111, **Mahamaya Autocars (Manendragarh)** 7771243923.



ଯେଉଁ ଲୋକ ବିରୋଧରେ କେହି କେବେ ଦୋଷାରୋପ କରିନାହିଁ, ସେ ଯଦି ତୁମକୁ ସମାଲୋଚନା କରେ ତେବେ ତୁମେ ପ୍ରକୃତରେ ଭାଗ୍ୟବାନ। -ଜର୍ଜ ଇଲିଅଟ



### ବରୀରେ ଚାଷୀ ଆତ୍ମହତ୍ୟା ଘଟଣା

# ୪ଦିନ ପରେ ଥାନାରେ ଅଭିଯୋଗ କଲେ ସ୍ତ୍ରୀ

**ବିଞ୍ଝାରପୁର,ବିରଜାକ୍ଷେତ୍ର,୨୫।୧ (ଡି.ଏନ୍.ଏ)**

ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମର ଭାଗଚାଷୀ କୀର୍ତ୍ତିଭାନୁ ଓରଫ ବାନାମ୍ବର ସାମଲଙ୍କ ଆତ୍ମହତ୍ୟା ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି କରିଥିଲା। ଋଣଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ନେଇ ୪ଦିନ ପରେ କୀର୍ତ୍ତିଭାନୁଙ୍କ ସ୍ତ୍ରୀ ତିଲୋତ୍ତମା ଶୁକ୍ରବାର ଅପରାହ୍ନରେ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଥିବା ଦର୍ଶାଇବା ସହିତ ସେ ଭାଗ ଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ କୃଷିକ୍ଷେତ୍ରରେ କୌଣସି ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାପରେ ପୋଲିସ ଏକ ମାମଲା (୫/୧୯) ରୁଜୁ କରିଛି। ସେ ସହାୟତା ପାଇଁ ଶୁକ୍ରବାର ଜିଲାପାଳଙ୍କ ନିକଟରେ ମଧ୍ୟ ଲିଖିତ ଭାବେ ଗୁହାରୀ କରିଥିବା ଜଣାପଡ଼ିଛି। କୀର୍ତ୍ତିଭାନୁ ଜଣେ ଭୂମିହୀନ ହୋଇଥିବା ବେଳେ ଗ୍ରାମର କିଛି ବ୍ୟକ୍ତିଙ୍କ ଜମିରେ ଭାଗଚାଷ କରିଥାନ୍ତି। ଗ୍ରାମର କିଛି ଲୋକଙ୍କଠାରୁ ହାତ ଉଧାରି ଆଣି ଚାଷରେ ବିନିଯୋଗ କରିଥାନ୍ତି। କୀର୍ତ୍ତିଭାନୁ ଭୂମିହୀନ ହୋଇଥିବାରୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ

**ଋଣ ଭାର ସହି ନ ପାରି ଆତ୍ମହତ୍ୟା କରିଥିବା ଅଭିଯୋଗ**

ହେବା ସହ ବ୍ୟାଙ୍କରୁ ମଧ୍ୟ ଋଣ ପାଇବାରୁ ବଞ୍ଚିତ ହେଉଥିଲେ। ଫସଲ ହାନୀ ଯୋଗୁ ଋଣ ବୋଝ ସହିନପାରି ଚଳିତ ମାସ ୨୨ତାରିଖ ସକାଳେ କୀର୍ତ୍ତିଭାନୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। କୀର୍ତ୍ତିଭାନୁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ କାଳିଆ ଯୋଜନାରେ ତାଙ୍କ ନାମ ନ ଥିବା ପତ୍ନୀ ତିଲୋତ୍ତମା ପ୍ରକାଶ କରିଛନ୍ତି। ଏପରିକି ଶବ ଦାହ ସମୟରେ ହରିଶ୍ଚନ୍ଦ୍ର ଯୋଜନାରେ ସାମିଲ କରାଯାଇ ନ ଥିବା ଲିଖିତ ଅଭିଯୋଗ କରିଛନ୍ତି। ତରବରିଆ ଓ ଚଞ୍ଚକତା କରି ଗ୍ରାମର କିଛି ମୁଷ୍ଟିମେୟ ଲୋକ ତାଙ୍କ ସ୍ୱାମୀଙ୍କ ମୃତଦେହକୁ ପୋଡ଼ି ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ତିଲୋତ୍ତମା ଜିଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି। ବରୀ ଭାଜପାର ବରିଷ୍ଠ ନେତା ଦେବେନ୍ଦ୍ର ଦାସ ଏହି ଘଟଣାରେ ମୁହଁ ଖୋଲି ସିଧା ସଳଖ ସରକାରଙ୍କୁ ଟାର୍ଗେଟ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

### ନୀଳାଚଳ ଓ ବିସ୍ଥାପିତଙ୍କ ମଧ୍ୟରେ ବିବାଦ ଟଳିଲା

# ମାସକ ମଧ୍ୟରେ ବିସ୍ଥାପିତଙ୍କୁ ନିଯୁକ୍ତି ନିର୍ଦ୍ଦେଶ

**ଯାଜପୁର ଅଫିସ,୨୫।୧**

**ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି**

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଓ ବିସ୍ଥାପିତଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଏକପ୍ରକାର ସମାଧାନ ହୋଇଛି। ଶୁକ୍ରବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମାସକ ମଧ୍ୟରେ ଯେଉଁ ସବୁ ଦାବି ପୂରଣ ହୋଇ ପାରିବ ତାହା ପୂରଣ କରିବାକୁ ନିଳାଚଳ କର୍ତ୍ତୃପକ୍ଷଙ୍କୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ବାକି ଆରପିଡିଏସି ବୈଠକରେ ଆଲୋଚନା କରିବାକୁ କୁହାଯାଇଛି। ତେବେ ମାସକ ମଧ୍ୟରେ ମୃତକ ବିସ୍ଥାପିତଙ୍କ ପରିବାରବର୍ଗଙ୍କୁ ନିଯୁକ୍ତି ଓ ଆଦୌ ନିଯୁକ୍ତି ପାଇ ନ ଥିବା ବିସ୍ଥାପିତଙ୍କୁ ନିଯୁକ୍ତି ଦିଆଯାଉ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହା ଫଳରେ ବିସ୍ଥାପିତଙ୍କ ପକ୍ଷରୁ ଆସନ୍ତା ୨୮ତାରିଖରେ ଦିଆଯାଇଥିବା ଆନ୍ଦୋଳନ ଚେତାବନୀ ସ୍ଥଗିତ ରହିଛି।

ସୂଚନାଯୋଗ୍ୟ ଯେ, ନୀଳାଚଳ ବାସନ୍ଥ୍ୟତ କମିଟି ପକ୍ଷରୁ ୧୫ଦଫା ଦାବି ନେଇ ନୀଳାଚଳ କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ନେଇ ବହୁ ବାଦ ବିବାଦ ଦେଖାଦେବା ପରେ ୨୫ତାରିଖ ଶୁକ୍ରବାର ଏକ ବୈଠକ ହୋଇଥିଲା। ତଦନୁସାରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସପନ ନନ୍ଦ, ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା, କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ। ନୀଳାଚଳ ପକ୍ଷରୁ ଜେନେରାଲ ମ୍ୟାନେଜର ଶିରିଶ ମହାପାତ୍ର, ଡିଜିଏମ ଗୌତମ କୁମାର ରଥ, ସିନିୟର ମ୍ୟାନେଜର କମଳେଶ ମହାପାତ୍ର ଏବଂ ନୀଳାଚଳ ବାସନ୍ଥ୍ୟତ କମିଟି ପକ୍ଷରୁ ବେଣୁଧର ନାଏକ, ବାବୁଲି ପୂର୍ତ୍ତି, ମହିରାମ ପୂର୍ତ୍ତି ଓ ମନୋଜ ଟୁଡୁଙ୍କ ସମେତ କଳିଙ୍ଗନଗର ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରତାପ ଜେନା ଉପସ୍ଥିତ ଥିଲେ। ବୈଠକରେ ବିସ୍ଥାପିତ କଲୋନୀରେ ପାନୀୟ ସୁବିଧା, ରାସ୍ତାଘାଟ, ଡ୍ରେନ ମରାମତି, ଖେଳପଡିଆ, ଶ୍ମଶାନ, ପୋଖରୀ ମରାମତି ଓ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତ ବିସ୍ଥାପିତ ପରିବାରଙ୍କୁ ଚିକିତ୍ସା ସୁବିଧା ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଯେଉଁ ବିସ୍ଥାପିତଙ୍କ ପରିଚୟ ପତ୍ର ନାହିଁ ସେମାନଙ୍କୁ ବିଭିନ୍ନ ଠିକାସଂସ୍ଥାରେ ନିୟୋଜିତ କରିବାକୁ ପ୍ରଶାସନ ପରାମର୍ଶ ଦେଇଥିଲା। ଅନ୍ୟାନ୍ୟ ଦାବିଗୁଡିକ ଆରପିଡିଏସ୍‌ସି ବୈଠକରେ ଆଲୋଚନା କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଥିଲା। ଏ ସଂକ୍ରାନ୍ତରେ ଏଡିଏମ୍ କଳିଙ୍ଗନଗର ମିଶ୍ରଙ୍କୁ ପଚାରିବାରେ, ନୀଳାଚଳ ବାସନ୍ଥ୍ୟତ କମିଟିର ସମସ୍ତ ଦାବିଗୁଡିକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଇ ଆଲୋଚନା ହୋଇଥିଲା। ଯୋଗ୍ୟ ବିସ୍ଥାପିତଙ୍କୁ ମାସକ ମଧ୍ୟରେ ନିଯୁକ୍ତି ଦେବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।

## ଚେକ୍ ଡ୍ୟାମ୍‌ରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**କାଳିଆପାଣି, ୨୫।୧(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅନ୍ତର୍ଗତ ପିମ୍ପୁଡ଼ିଆ ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ ଦେହ ଶୁକ୍ରବାର ଶବ ପିମ୍ପୁଡିଆ କ୍ଷୁଦ୍ର ଜଳସେଚ ପ୍ରକଳ୍ପର ଚେକ୍ ଡ୍ୟାମ୍‌ରୁ ସୁକିନ୍ଦା ପୋଲିସ ଉଧାର କରିଛି। ମୃତ ଛାତ୍ର ଜଣଙ୍କ ପିମ୍ପୁଡିଆ ପଞ୍ଚାୟତ ଅନ୍ତର୍ଗତ ବାଲିଅଞ୍ଜାରୀ ଗ୍ରାମର ସୁଖିଲାଲ ଦେହୁରୀଙ୍କ ପୁଅ ଚନ୍ଦନ ଦେହୁରୀ (୧୨)। ପୋଲିସ (୨/୧୯) ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଲାଇଛି। ପ୍ରକାଶ ଯେ, ଚନ୍ଦନ ଗତ ଗୁରୁବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ମଧ୍ୟ ପାଇ ନ ଥିଲେ। ସକାଳେ ପିମ୍ପୁଡିଆ ଗ୍ରାମର କେତେଜଣ କୋକେ ଚେକ୍ ଡ୍ୟାମ୍‌ରେ ଚନ୍ଦନଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦମକଳ ବାହିନୀର ସହଯୋଗରେ ଚନ୍ଦନର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

## ଜାତୀୟ ଭୋଟର ଦିବସ ପାଳିତ

**କୋରେଇ,୨୫।୧(ସ୍ୱ.ପ୍ର.):** କୋରେଇ ବ୍ଲକ ସଭାଗୃହରେ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏଥିରେ କୋରେଇ ବିଡିଓ ହେମନ୍ତ କୁମାର ବିହାରୀ ଅଧକ୍ଷତା କରିଥିଲେ। ନିର୍ବାଚନକୁ ଅବାଧ, ନିରପେକ୍ଷ କରାଯିବା ସହ ମତଦାତା କିଭଳି ନିଜସ୍ୱ ମତ ରଖି ଭୋଟଦାନ କରିବେ, ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦୁଇଟି ଜାଗାରେ ଭୋଟର ଲିଷ୍ଟରେ ନାମ ଥିଲେ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟଟି କାଟି ଦିଆଯିବ ବୋଲି ବିଡିଓ ବିହାରୀ କହିଥିଲେ। ନିର୍ବାଚନରେ ସମସ୍ତେ ମତଦାନ କରି ସ୍ୱଚ୍ଛ ବ୍ୟକ୍ତିଙ୍କୁ ନିର୍ବାଚିତ କଲେ ଦେଶ ଓ ରାଜ୍ୟ ସୁଶାସନ ପାଇବ। ଭୋଟର ତାଲିକାରେ ଯଦି ତ୍ରୁଟି ଥାଏ, ଆଗାମୀ ୭ଦିନ ମଧ୍ୟରେ ୬ନଂ. ଫର୍ମରେ ଆବେଦନ କରିପାରିବେ ବୋଲି କହିଥିଲେ। ଏଥିସହ ନୂତନ ଭୋଟରଭାବେ ଭୋଟର ସୂଚୀରେ ସ୍ଥାନ ପାଇଥିବା ଦୁଇ ଜଣ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରିବା ସହ ସାଦକପୁର ପଞ୍ଚାୟତର ଖାରଜବଟିରା ଗ୍ରାମର ସେଖ୍ ଅବୁ ହବାନି ଓ ଚିତରଞ୍ଜନ ଦେଉରୀଙ୍କୁ ବିଡିଓ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓଙ୍କ ସହ ମୁଖ୍ୟ କିରାଣୀ ସୁନିଲ ସାହୁ, ଏସଇଓ ଶ୍ରୀକାନ୍ତ ଉପାଧ୍ୟାୟ, ଜିପିଓ କୁମ୍ଭକର୍ଣ୍ଣ ଦଣ୍ଡପାଟ, ସୁରେନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଟ୍ରକ୍ ମୁହାଁମୁହିଁ, ହେଲ୍‌ପର ମୃତ

**ଡୁବୁରୀ, ୨୫।୧(ଡି.ଏନ୍.ଏ.)**

ଡୁବୁରୀ ଯାଜପୁର ରୋଡ ରାଜ୍ୟ ରାଜପଥ ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ ସମ୍ମୁଖରେ ଗୁରୁବାର ବିଳମ୍ବିତ ରାତିରେ ୨ଟି ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଘଟଣାରେ କାଳିଆପାଣି ଥାନା ଅନ୍ତର୍ଗତ ଗୁରୁଜଙ୍ଗା ଗ୍ରାମାର ହେଲପର ସାହୁ ମୁଣ୍ଡା ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସାହୁ ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା (୧୧।୧୯)ରୁଜୁ କରି ତଦନ୍ତ ଚଲାଇଛି।

### ଯାଜପୁରରେ ହେବ ମହାବିଦ୍ୟାଳୟସ୍ତରୀୟ ଅନ୍ତର୍ଦ୍ଦେଶୀୟ ଆଲୋଚନାଚକ୍ର

# ବିଭିନ୍ନ ଦେଶରୁ ଯୋଗଦେବେ ୩ଶହରୁ ଉର୍ଦ୍ଧ୍ୱ ଅତିଥି

**ବିରଜାକ୍ଷେତ୍ର, ୨୫।୧(ଡି.ଏନ୍.ଏ)**

ଯାଜପୁରରେ ପ୍ରଥମ ଥର ପାଇଁ ମହାବିଦ୍ୟାଳୟସ୍ତରୀୟ ଅନ୍ତର୍ଦ୍ଦେଶୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବାକୁ ଯାଉଛି। ଜୈବ ବିବିଧତା ଓ ଏହାର ଧାରଣୀୟ ବିକାଶକୁ ନେଇ ଏକ ଆଲୋଚନାଚକ୍ର ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ମହାବିଦ୍ୟାଳୟର ଅଧକ୍ଷ ଫକୀର ମୋହନ ମଲ୍ଲିକ ପ୍ରକାଶ କରିଛନ୍ତି। ଏହା ରାଜ୍ୟର ପ୍ରଥମ ମହାବିଦ୍ୟାଳୟସ୍ତରୀୟ ଅନ୍ତର୍ଦ୍ଦେଶୀୟ ଆଲୋଚନାଚକ୍ର ହେବ। ଏହି ଆଲୋଚନାଚକ୍ରରେ ଭାରତ ସମେତ ଜର୍ମାନ, ନେପାଳ, ପର୍ତ୍ତୁଗାଲ, ଜାମ୍ବିଆ ପ୍ରଭୃତି ଦେଶର ଜୈବ ବିବିଧତା ଅଧ୍ୟାପକମାନେ ଅଂଶଗ୍ରହଣ କରି ଆଲୋଚନାଚକ୍ରରେ ଭାଗନେବେ। ଏହି ଆଲୋଚନାଚକ୍ରରେ ଭାରତ ସମେତ ବିଭିନ୍ନ ଦେଶରୁ ୩ଶହରୁ ଉର୍ଦ୍ଧ୍ୱ ଅତିଥି ଯୋଗଦେବେ। ଆଲୋଚନାଚକ୍ରରେ ବିଭିନ୍ନ ବୈଜ୍ଞାନିକଙ୍କୁ ସମ୍ମାନିତ କରାଯିବ। ସମ୍ମିଳନୀରେ ବିଶ୍ୱଜିତ ମହାପାତ୍ର, ମନୋଜ ମହାପାତ୍ର, ଶାରଦା ମହାପାତ୍ର ଯୋଗ ଦେଇଥିଲେ।

# ବନ୍ଧୁକ ଦେଖାଇ ଅପହରଣ ଘଟଣା, ଯୁବତୀ ଗିରଫ

**କଳିଙ୍ଗନଗର, ୨୫।୧(ଡି.ଏନ୍.ଏ.)**

ଯଖପୁରା ଥାନା ଅନ୍ତର୍ଗତ ମାନ୍ତିରା ଗ୍ରାମର ବାବନ ସ୍ୱାଇଁ(୬୦)ଙ୍କ ସ୍ତ୍ରୀ ଓ ନାବାଳିକା ଝିଅାରିଙ୍କୁ ଅପହରଣ ଘଟଣାରେ ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତା ଯୁବତୀ ଜଣଙ୍କ ବାଲେଶ୍ୱର କୁପାରୀ ଖଇରା ଅଞ୍ଚଳର ବିନ୍ଦୁ ବିନୋଦିନି ଖଟୁଆ(୩୦)। ଏ ନେଇ ପୋଲିସ ମାମଲା (୪/୧୯) ରୁଜୁ କରି ବିନ୍ଦୁଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବିନ୍ଦୁ ବାବନଙ୍କ ସ୍ତ୍ରୀ ଓ ଝିଅାରିଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିଥିବା ନେଇ ଗତ ୧୩ ତାରିଖରେ ଯଖପୁରା ଥାନାରେ ବାବନ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାଧିକାରୀ ରମାକାନ୍ତ ମୁଦୁଲି ଘଟଣାର ତଦନ୍ତ କରିଥିଲେ। ତଦନ୍ତବେଳେ ବିନ୍ଦୁ ଗତ ୩୧ ରେ ମାନ୍ତିରା ଅଞ୍ଚଳରେ ପହଞ୍ଚି ବାବନଙ୍କ ସ୍ତ୍ରୀ ଓ ନାବାଳିକା ଝିଅାରିଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିଥିବା ପୋଲିସ ଜାଣିବାକୁ ପାଇଥିଲା। ବିନ୍ଦୁ ବାଲେଶ୍ୱର ଅଞ୍ଚଳରେ ଲୁଚିଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ବାବନ ସ୍ୱାଇଁ ପୁଅ ପ୍ରମୋଦ ସ୍ୱାଇଁ ବିନ୍ଦୁଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ନିକଟରୁ ୯ଲକ୍ଷ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଆଉ ଫେରାଇ ନ ଥିଲେ। ସେ ଟଙ୍କା ଆଦାୟକରିବା ପାଇଁ ଏହିପରି ରାସ୍ତା ଅପଣାଇଥିବା ବିନ୍ଦୁ ସ୍ୱୀକାର କରିଥିବା ପୋଲିସ କହିଛି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

**NIT No. 04/E-PROC/OMC/2019**

No.: CAD-1321: Tender for the following works is invited on-line through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the work in Month | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1. | Development of haul road from hill top to stack yard at Ichinda of Gandhamardan Mines in the dist of Keonjhar. | 1170.36 Lakhs | 9 (Nine) | Special & Super | 11,71,000/- | 10,000/- + 18% GST |

1. Available of Bid document in Govt. portal from dt.29.01.2019 to dt.12.02.2019 up to 5.00 P.M.
2. Last date of on-line submission of tender in the portal is dt. 12.02.2019 up to 5.00 PM.
3. Date of opening of Technical Bid is dt.13.02.2019 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0163/1819 — **G.M. (Civil)**

**GOVERNMENT OF ODISHA**
**DEPARTMENT OF TOURISM**
Paryatan Bhawan, Lewis Road, Bhubaneswar - 751 014
Phone: (0674) 2432177 | Fax: (0674) 2430887

**CORRIGENDUM**

No.: 923 T-Cord-II(S)-32/2019 — Date: 24.01.19

No.- R: It is hereby informed that the last date for submission of bid with reference to **RFP No.: 12862/TSM, Dated: 26.12.2018** is hereby extended upto 15th February 2019 (Friday) upto 14.00 Hrs.

37001/11/0083/1819 — **Sd./- Director & Joint Secretary to Govt.**

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

No. CAD-1322

No.1155/OMC/PERSNL/2019
Date: 24/01/2019

## WALK-IN-INTERVIEW

The Odisha Mining Corporation Ltd., a Gold Category State PSU having annual turnover of Rs.2853 Crore during FY 2017-18 intends to fill up the following posts through direct recruitment by the Walk-in-Interview mode/process.

| Sl. No. | Name of the Post | No. of Vacant Posts | Scale of Pay | Qualification | Age as on 01.02.2019 |
|---|---|---|---|---|---|
| 1 | Foreman (Min.) | 21 | Pay Level-9 (Rs. 35400 - 112400/-) | Diploma in Mining with Foreman Competency Certificate issued by DGMS | Not below 18 years and above 32 years |
| 2 | Mining Mate - III | 40 | Pay Level- 5 (Rs.21700-69100/) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |

**DATE & PLACE OF WALK-IN-INTREVIEW**

| POST | Date & Time | Venue of Interview |
|---|---|---|
| Foreman(Min.) | 06.02.2019 at 8.00 AM & 07.02.2019 at 8.00 AM | OMC Colony of Regional Office, OMC Ltd. At/Po- Barbil, Dist- Keonjhar |
| Mining Mate-III | 08.02.2019 at 8.00 AM | |

- Candidates belonging to domicile of Odisha only shall be eligible to face the Walk-in-Interview for the above posts.
- Upper age limit in case of SC/ST/SEBC/Women/PWD/Sports person/Ex-servicemen shall be relaxed as per norms of Govt. Similarly upper age limit in case of departmental candidates fulfilling the eligibility criteria shall be relaxed up to maximum 10 years.
- Interested candidates shall attend the walk-in-interview as per the above schedule.
- The candidates shall be required to handover detailed bio-data (in the format to be downloaded from OMC website www.omcltd.in) along with self-attested copies of certificates and mark sheets from HSC onwards. They shall produce the original certificates before one hour of the interview for verification.
- Actual journey fare in the shortest route by bus / train (2nd class) shall be reimbursed to SC/ST unemployed candidates subject to production of ticket & undertaking to the effect that they are not employed in Govt./Semi Govt. organization/PSUs.
- OMC reserves the right to cancel the interview without assigning any reason thereof. For details please visit OMC website: www.omcltd.in

30005/11/0164/1819 — **GENERAL MANAGER (P&A).**

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695 8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**SMS JOBS DHAMAKA** (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443 7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
**GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
**ବାବା ଆଲାମ ଖାନ**
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514 7599131272

ଋଣ - ଋଣ - ଋଣ
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
**ସତ୍ୟମ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927 7787922501 9319932148
Email id- pmjansamridhi@gmail.com

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
**ସୁହାନା ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
**ମହାଗୁରୁ ବଙ୍ଗାଳୀ**
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- **SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361 7061764396
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରଣପୁର/ବୋଲଗଡ,୨୫।୧(ସ୍ୱ.ପ୍ର./ଡି.ଏନ.ଏ.):** ରଣପୁର ଥାନା ସୁନାଖଳା ଫାଣ୍ଡି ଅନ୍ତର୍ଗତ ରାଜସୁନାଖଳା ବଜାରରେ ଶୁକ୍ରବାର ଏକ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଡାବରଧୂଆ ଗ୍ରାମର ମହେଶ୍ୱର ସାହୁ (୩୨)। ସନ୍ଧ୍ୟାରେ ମହେଶ୍ୱର ଓଡିଶା୩ଇ-୩୨୬୩ନଂ. ବିଶିଷ୍ଟ ବାଇକ୍‌ରେ ବଜାର ଦେଇ ଯାଉଥିବାବେଳେ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ସମ୍ମୁଖରେ କୌଣସି ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି।

### ନାବାଳିକା ଅପହରଣ ଅଭିଯୋଗ

**ରଣପୁର,୨୫।୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଜଣେ ନାବାଳିକା ରଣପୁର ଥାନା ଅଧୀନ ଏକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ତାଙ୍କୁ କେହି ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ନାବାଳିକାଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ ନାବାଳିକାଙ୍କ କୌଣସି ସୁରାକ ମିଳିପାରି ନାହିଁ। ନାବାଳିକା ଜଣକ ଗୁରୁବାର କଲେଜକୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ତଦନ୍ତ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ■ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ

# ଜୈବ ବିବିଧତାର ଗନ୍ତାଘର ପାଲଟିଛି

**ଗଣିଆ,୨୫।୧(ଡି.ଏନ.ଏ.)**

ଓଡ଼ିଶାର ୧୯ ପ୍ରମୁଖ ଅଭୟାରଣ୍ୟ ମଧ୍ୟରେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଅନ୍ୟତମ । ନୟାଗଡ଼, ବୌଦ୍ଧ, କଟକ ଓ ଅନୁଗୋଳ ଜିଲାର ୯୬୮.୩୫ ବର୍ଗ କିଲୋମିଟର ପରିସୀମା ଅଞ୍ଚଳକୁ ନେଇ ଗଠିତ ହୋଇଛି ଏହି ଅଭୟାରଣ୍ୟ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ୧୯୭୬ ମସିହା ମେ ୧୯ ତାରିଖରେ ଘୋଷିତ ଏହି ଅଭୟାରଣ୍ୟ ଜୈବ ବିବିଧତାର ଏକ ଗନ୍ତାଘରରେ ପରିଣତ ହୋଇଛି। ଏହା ମଧ୍ୟଭାଗ ଦେଇ ପ୍ରବାହିତ ମହାନଦୀର ଚିରସ୍ରୋତା ସାତକୋଶିଆ ଗଣ୍ଡ ଅଭୟାରଣ୍ୟର ଶୋଭାକୁ ଦ୍ୱିଗୁଣିତ କରୁଛି । ଏହା ମଧ୍ୟରେ ଥିବା ପ୍ରଚୁର ପରିମାଣର ଖାଦ୍ୟ, ଜଳଉସ୍ ଓ ନିରାପଦ ଆବାସସ୍ଥଳୀ ବନ୍ୟଜନ୍ତୁଙ୍କ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି କରିଛି। ତେଣୁ ଏଭଳି ପରିବେଶ ଜୀବଜନ୍ତୁଙ୍କ ବଂଶ ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇପାରିଛି। ୪୦୦ ପ୍ରକାର ଗଛଲତା ମଧ୍ୟରେ ବିଶେଷ ଭାବେ ଶାଳିଆଡବା ଓ କଣ୍ଟାବାଉଁଶ ଦେଖିବାକୁ ମିଳୁଛି । ଏହା ମଧ୍ୟରେ ୨୦୦ ପ୍ରକାର ଔଷଧୀୟ ଜଡ଼ିବୁଟି ଗଛଲତା ଓ ବିଭିନ୍ନ ପ୍ରକାରର କନ୍ଦା ରହିଥିବା ବେସରକାରୀ ତଥ୍ୟରୁ ଜଣାପଡିଛି । ସେହିପରି ନୟାଗଡ ଜିଲା ବଡମୂଳଠାରୁ ଅନୁଗୋଳ ଜିଲା ଆଠମଲ୍ଲିକର ବିନିକେଇ ପର୍ଯ୍ୟନ୍ତ ସାତକୋଶ (୨୧ କିଲୋମିଟର) ପର୍ଯ୍ୟନ୍ତ ମହାନଦୀ ସୁଦୀର୍ଘ ସାତକୋଶିଆ ଗଣ୍ଡରେ ବର୍ଷସାରା ଅକାତକାତ ପାଣି ରହିଥାଏ। ଏଥିଯୋଗୁ ଏଠାରେ ଘଡ଼ିଆଳ ଓ ମଗର ପ୍ରଜାତିର କୁମ୍ଭୀର ସହିତ ୮୩ ପ୍ରଜାତିର ମାଛ, ବିରଳ କଇଁଛ ଆଦି ଜଳଚର ଜୀବ ଦେଖିବାକୁ ମିଳିଥାଏ । ଏହି ଗଣ୍ଡ ଅଞ୍ଚଳରେ ଇଣ୍ଡିଆନ ସ୍କିମର, ବ୍ରାହ୍ମଣୀ ଡକ୍, ପିନ୍‌ଟେଲ୍, ଗ୍ରେ ହେଡେଡ୍ ସମେତ କୋଚିଲାଖାଇ, ବାଲିଗୁଆ ଓ ମୟୂର ପରି ୩୦୦ରୁ ଊର୍ଦ୍ଧ୍ୱ ବିଦେଶାଗତ ଦେଶୀୟ ପକ୍ଷୀ ଦେଖାଯାନ୍ତି। ଅଭୟାରଣ୍ୟ ମଧ୍ୟରେ ଅହିରାଜ, ଅଜଗରଠାରୁ ଆରମ୍ଭ କରି ୩୧ ପ୍ରଜାତିର ସରୀସୃପ ଓ ୧୦ ପ୍ରକାରର ଉଭୟଚର ପ୍ରାଣୀ ରହିଛନ୍ତି । ସୁରକ୍ଷିତ ଏବଂ ଅନୁକୂଳ ପରିବେଶ ଯୋଗୁ ୩୮ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ ଯଥା-ହାତୀ, କଲରାପତରିଆ ବାଘ, ହେଟାବାଘ, ଗୟଳ, ସମ୍ବର, ବାର୍‌ହା, ଭାଲୁ, ହରିଣ, କୁଟୁରା, ଗୁରାଣ୍ଡି, ଝିଙ୍କ, ଠେକୁଆ ଓ ନୀଳଗାଇ ଭଳି ବନ୍ୟଜନ୍ତୁ ଦିନରାତି ନିର୍ଭୟରେ ବିଚରଣ କରିଥାନ୍ତି । ସେହିପରି ଉଡ଼ନ୍ତା ମୂଷା, ବଜ୍ରକାପ୍ତା, ନେପାଳି ମୂଷା ପରି ବହୁ ବିରଳ ବିଲୁପ୍ତ ପ୍ରାୟ ଜୀବଜନ୍ତୁ ଏହି ଅଭୟାରଣ୍ୟରେ ଅଛନ୍ତି । ଜଙ୍ଗଲରେ ପ୍ରଚୁର ପରିମାଣର ବାଉଁଶ, ବର ଓ ଚାର ଆଦି ଗଛ ଥିବା ଓ ଖରା ଦିନେ ଜଙ୍ଗଲ ପୋଡିକୁ ରୋକାଯିବା ଦ୍ୱାରା ହାତୀମାନଙ୍କ ପାଇଁ ଏହା ବେଶ୍ ଅନୁକୂଳ ପରିବେଶ ହୋଇପାରିଛି । ଉଲ୍ଲେଖଯୋଗ୍ୟ, ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ଜଙ୍ଗଲ କଟକଣା ବଳବତ୍ତର ରହିଥିବାରୁ ସାତକୋଶିଆରେ ଜୈବ ବିବିଧତା ବୃଦ୍ଧି ପାଇବା ସହିତ ଏହା ଏକ ସବୁଜ ପ୍ରାକୃତିକ ପରିବେଶପୂର୍ଣ୍ଣ ଅଭୟାରଣ୍ୟ ଭାବେ ପରିଗଣିତ ହୋଇପାରିଛି।

**ଅନୁକୂଳ ପରିବେଶ ଯୋଗୁ ଜୀବଜନ୍ତୁଙ୍କ ସଂଖ୍ୟା ବୃଦ୍ଧି**



ଅଭୟାରଣ୍ୟରେ ଦେଖାଯାଉଥିବା ହରିଣ ଓ ହାତୀ।

# ଜାତୀୟ ଭୋଟର ଦିବସ: 'ନିର୍ବାଚନରେ ସାମିଲ ହୋଇ ଗଣତନ୍ତ୍ରକୁ ସୁଦୃଢ଼ କରିବା'

**ନୟାଗଡ଼ ଅଫିସ,୨୫।୧**

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହି ଭୋଟର ଦିବସର ସ୍ୱତନ୍ତ୍ରତା ରହିଥିବା ପ୍ରକାଶ କରିଥିଲେ। ଏହାସହ ପ୍ରତ୍ୟେକ ଭୋଟର ନିର୍ବାଚନରେ ସାମିଲ ହୋଇ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ମତ ଦେଇଥିଲେ। ୨୧ ତାରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଜିଲାରେ ୭ଲକ୍ଷ ୯୧ ହଜାର ୩୫୬ ଭୋଟର ଥିବା ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪ଲକ୍ଷ ୧୭ ହଜାର ୪୪୦ ପୁରୁଷ, ୩ ଲକ୍ଷ ୭୩ ହଜାର ୮୫୪ ମହିଳା ଓ ୬୨ ଜଣ ଅନ୍ୟାନ୍ୟ ବର୍ଗର। ମୃତ୍ୟୁ ଘଟିବା, ସ୍ଥାନ ପରିବର୍ତ୍ତନ ଆଦି କାରଣରୁ ୧୩ ହଜାର ୪୭୭ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବେଳେ ୨୪ ହଜାର ୫୭୦ ଜଣ ନୂତନ ଭାବେ ସାମିଲ ହୋଇଛନ୍ତି। ଜିଲାର ୪ ନିର୍ବାଚନମଣ୍ଡଳୀରେ ୯ ଲକ୍ଷ ୮୬ ହଜାର ୬୬୪ ଜଣ ମହିଳାପୁରୁଷ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭ଲକ୍ଷ ୯୧ ହଜାର ୩୫୬ ଜଣ ଭୋଟର। ରଣପୁର ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୬ ହଜାର ୨୪୫, ଖଣ୍ଡପଡ଼ାରେ ୧ଲକ୍ଷ ୭୯ ହଜାର ୯୪୨, ଦଶପଲ୍ଲାରେ ୧ ଲକ୍ଷ ୮୬ ହଜାର ୩୫୭ ଓ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୧୮ ହଜାର ୮୧୨ ଭୋଟର ଅଛନ୍ତି। ମୋଟ ଜନସଂଖ୍ୟାର ୮୦ ପ୍ରତିଶତ ହେଉଛନ୍ତି ଭୋଟର। ପ୍ରକାଶ ପାଇଥିବା ଭୋଟର ତାଲିକା ଚୂଡ଼ାନ୍ତ ନୁହେଁ। ଏହା ଆହୁରି ବଢ଼ିପାରେ ବୋଲି ଜିଲାପାଳ ନାୟକ ସୂଚନା ଦେଇଥିଲେ। ଯଦି କେହି ୧୮ ବର୍ଷ କିମ୍ବା ଅଧିକ ବୟସର ବ୍ୟକ୍ତି ଭୋଟର ତାଲିକାରେ ନିଜକୁ ସାମିଲ କରିପାରିନାହାନ୍ତି ସେମାନେ ଆବେଦନ ଫର୍ମ -୬ରେ ବିଏଲ୍‌ଓ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ପ୍ରତ୍ୟେକ ଜିଲା ପରି ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଟ୍ରୋଲ ଫ୍ରି ନମ୍ବର ଜାରି କରାଯାଇଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୧୯୫୦ ନମ୍ବରକୁ କଲ୍ କରି ନାଗରିକମାନେ ସେମାନଙ୍କ ସମସ୍ୟା ଜଣାଇପାରିବେ। ଏହି ଅବସରରେ ନୂତନ ଭାବେ୧୮ ବର୍ଷ ହୋଇଥିବା ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ସହକାରୀ ଜିଲାପାଳ (ନିର୍ବାଚନ) ଶ୍ରୀ କୁମାର ରଥ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଟ୍ରକ୍ ପଛରେ ପିଟିଲା ବୋଲେରୋ, ୨ ଗୁରୁତର

**ନୂଆଗାଁ,୨୫।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡା ଛକଠାରେ ଶୁକ୍ରବାର ଭୋର ୪ଟାରେ ସଡକ ଦୁର୍ଘଟଣା ଘଟି ୨ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ପରିଚୟ ମିଳିପାରି ନାହିଁ। ମିଳିଥିବା ସୂଚନା ମୁତାବକ କେନ୍ଦ୍ରାପଡାରୁ ବାହାଘର ଭୋଜି ସାରି ଏକ ବୋଲେରୋ (ଓଡି୦୨ଏଏନ୍-୩୩୪୫)ରେ ବରଯାତ୍ରୀ ଆସୁଥିବାବେଳେ କୋରଡା ଛକରେ ପୂର୍ବରୁ ଅଟକିଥିବା ଏକ ଟ୍ରକ୍ ପଛରେ ପିଟି ହୋଇଥିଲା। ଫଳରେ ବୋଲେରୋ ଆଗରେ ବସିଥିବା ଦୁଇଜଣ ଯାତ୍ରୀ ଗୁରୁତର ହେବା ସହ ଅନ୍ୟ ୪ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସମ୍ପୃକ୍ତ ଟ୍ରକ୍‌ଟି ସେଠାରୁ ପଳାଇ ଯାଇଥିଲା। ଦୁର୍ଘଟଣା ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ସେଠାରେ ପହଞ୍ଚି ନୂଆଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ନୂଆଗାଁ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଜବତ କରିଛି।

# ଘର ଉପରେ ପଡ଼ିଲା ଗଛ ଡାଳ, ବୃଦ୍ଧଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଏକ ଘର ଉପରେ ଗଛ ଡାଳ ଭାଙ୍ଗି ପଡ଼ିବାରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଶଙ୍କର ବେହେରା। ଶଙ୍କର ଏକ ଆମ୍ବଗଛ ତଳେ ଘର କରି ରହୁଥିଲେ। ତେବେ ବୁଧବାର ଆମ୍ବଡାଳଟିଏ ତାଙ୍କ ଘର ଉପରେ ଭାଙ୍ଗି ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତରିତ କରାଯାଉଥିଲା। ତେବେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ନୟାଗଡ଼ ଅଫିସ,୨୫।୧**

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ଶରଣକୁଳ ସତ୍‌ସଙ୍ଗ ବିହାରଠାରେ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ଗୁରୁଭାଇମାନେ ବେଦମନ୍ତ୍ର ଉଚ୍ଚାରଣ କରି ପ୍ରତ୍ୟୁଷରେ ଊଷା କୀର୍ତ୍ତନ, ପ୍ରଭାତ ବିନତୀ କରିଥିଲେ। ଠାକୁରଙ୍କ ଫଟୋଚିତ୍ରକୁ ଏକ ସୁସଜ୍ଜିତ ବିମାନରେ ଉପବେଶନ କରି ଆଙ୍ଗିସିଙ୍ଗି, ଶିଖରପୁର, ଅସୁରଢ଼ିପା ଆଦି ଗ୍ରାମ ପରିକ୍ରମା କରିଥିଲେ।

# କାଳିଆ ଯୋଜନା ସମ୍ପର୍କରେ ସଚେତନତା

**ଖଣ୍ଡପଡ଼ା,୨୫।୧(ସ୍ୱ.ପ୍ର)**

କାଳିଆ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ଦେବାର ଲକ୍ଷ୍ୟ ନେଇ ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ୨୨ଟି ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସହରସ୍ଥିତ ପଠାଣିସାମନ୍ତ କଲ୍ୟାଣମଣ୍ଡପ ପରିସରରେ ବିଜୁ ଯୁବବାହିନୀ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଲ୍‌ଇଡି ସ୍କ୍ରିନ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ପ୍ରସାରଣ କରାଯାଇଥିଲା।

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 04/E-PROC/OMC/2019**

No.: CAD-1321: Tender for the following works is invited on-line through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the work in Month | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1. | Development of haul road from hill top to stack yard at Ichinda of Gandhamardan Mines in the dist of Keonjhar. | 1170.36 Lakhs | 9 (Nine) | Special & Super | 11,71,000/- | 10,000/- + 18% GST |

1. Available of Bid document in Govt. portal from dt.29.01.2019 to dt.12.02.2019 up to 5.00 P.M.
2. Last date of on-line submission of tender in the portal is dt. 12.02.2019 up to 5.00 PM.
3. Date of opening of Technical Bid is dt.13.02.2019 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0163/1819 **G.M. (Civil)**

**GOVERNMENT OF ODISHA**
**DEPARTMENT OF TOURISM**
Paryatan Bhawan, Lewis Road, Bhubaneswar - 751 014
Phone: (0674) 2432177 | Fax: (0674) 2430887

**CORRIGENDUM**

No.: 923 Date: 24.01.19
T-Cord-II(S)-32/2019

No.- R: It is hereby informed that the last date for submission of bid with reference to RFP No.: 12862/TSM, Dated: 26.12.2018 is hereby extended upto 15th February 2019 (Friday) upto 14.00 Hrs.

37001/11/0083/1819 Sd./- Director & Joint Secretary to Govt.

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No. CAD-1322

No.1155/OMC/PERSNL/2019
Date: 24/01/2019

**WALK-IN-INTERVIEW**

The Odisha Mining Corporation Ltd., a Gold Category State PSU having annual turnover of Rs.2853 Crore during FY 2017-18 intends to fill up the following posts through direct recruitment by the Walk-in-Interview mode/process.

| Sl. No. | Name of the Post | No. of Vacant Posts | Scale of Pay | Qualification | Age as on 01.02.2019 |
|---|---|---|---|---|---|
| 1 | Foreman (Min.) | 21 | Pay Level-9 (Rs. 35400 - 112400/-) | Diploma in Mining with Foreman Competency Certificate issued by DGMS | Not below 18 years and above 32 years |
| 2 | Mining Mate - III | 40 | Pay Level- 5 (Rs.21700-69100/) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |

**DATE & PLACE OF WALK-IN-INTREVIEW**

| POST | Date & Time | Venue of Interview |
|---|---|---|
| Foreman(Min.) | 06.02.2019 at 8.00 AM & 07.02.2019 at 8.00 AM | OMC Colony of Regional Office, OMC Ltd. At/Po- Barbil, Dist- Keonjhar |
| Mining Mate-III | 08.02.2019 at 8.00 AM | |

- Candidates belonging to domicile of Odisha only shall be eligible to face the Walk-in-Interview for the above posts.
- Upper age limit in case of SC/ST/SEBC/Women/PWD/Sports person/Ex-servicemen shall be relaxed as per norms of Govt. Similarly upper age limit in case of departmental candidates fulfilling the eligibility criteria shall be relaxed up to maximum 10 years.
- Interested candidates shall attend the walk-in-interview as per the above schedule.
- The candidates shall be required to handover detailed bio-data (in the format to be downloaded from OMC website www.omcltd.in) along with self-attested copies of certificates and mark sheets from HSC onwards. They shall produce the original certificates before one hour of the interview for verification.
- Actual journey fare in the shortest route by bus / train (2nd class) shall be reimbursed to SC/ST unemployed candidates subject to production of ticket & undertaking to the effect that they are not employed in Govt./Semi Govt. organization/PSUs.
- OMC reserves the right to cancel the interview without assigning any reason thereof. For details please visit OMC website: www.omcltd.in

30005/11/0164/1819 **GENERAL MANAGER (P&A).**

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଇ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
**GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
**ବାବା ଆଲାମ ଖାନ**
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ
**ସତ୍ୟମ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**FINANCE**
**ସୁହାନା ଫାଇନାନ୍ସ**
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
**ମହାଗୁରୁ ବଙ୍ଗାଳୀ**
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୂ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

